A Daily Odia Newspaper
SEITHO ARAMBHA
RNI No : ORIORI/2006/21585, Vol. : 19, Issue : 47
Sunday, 20 April 2025, Balasore, Page : 8, ₹ 2/
ବାଲେଶ୍ୱର, ରବିବାର,୨୦ ଅପ୍ରେଲ, ୨୦୨୫, ପୃଷ୍ଠା : ୮, ମୂଲ୍ୟ : ୨ଟଙ୍କା
Seitho Arambha Seithoarambha
www.seithoarambha.com

ସେଇଠୁ ଆରମ୍ଭ
SEITHO ARAMBHA

ଯାହାଠାରେ ସତ୍ୟ, ପବିତ୍ରତା, ନିଃସ୍ୱାର୍ଥପରତା ବିଦ୍ୟମାନ, ବାଧା ବିପତ୍ତି ତା'ର କ'ଣ କରିବ ? ଜଗତ୍‌ବାସୀ ତାହା ବିରୋଧରେ ଦଣ୍ଡାୟମାନ ହେଲେ ସୁଦ୍ଧା ତାହାର କୌଣସି ଅନିଷ୍ଟ ହୁଏ ନାହିଁ ।
- ସ୍ୱାମୀ ବିବେକାନନ୍ଦ

ପ୍ରକାଶ ପାଇଲା ଜେଇଇ ମେନ୍ ରେଜଲ୍ଟ

ଭୁବନେଶ୍ୱର,୧୯/୦୪(ଆ.ପ୍ର):ପ୍ରକାଶ ପାଇଛି ନେସନାଲ ଟେଷ୍ଟିଂ ଏଜେନ୍ସି(ଏନଟିଏ) ଜେଇଇ ମେନ ସେସନ-୨ ରେଜଲ୍ଟ ଘୋଷଣା । ପରୀକ୍ଷାର୍ଥୀ ସେମାନଙ୍କ ପରୀକ୍ଷା ଫଳ ବର୍ତ୍ତମାନ ସିଧାସଳଖ ଏନଟିଏର ୱେବସାଇଟରେ ଦେଖିପାରିବେ । ତେବେ ୨୪ ଜଣ ଛାତ୍ରଛାତ୍ରୀ ଶତ ପ୍ରତିଶତ ମାର୍କ ରଖି କୃତକାର୍ଯ୍ୟ ହୋଇଛନ୍ତି । ସେମାନଙ୍କ ମଧ୍ୟରୁ ୨୨ଜଣ ଛାତ୍ର ଓ ୨ଜଣ ଛାତ୍ରୀ ରହିଛନ୍ତି । ଓଡ଼ିଶାରୁ ଓମ୍ ପ୍ରକାଶ ବେହେରା ଟପ୍ପର ହୋଇଛନ୍ତି । ଓଡ଼ିଆ ସମେତ ୧୩ଟି ଭାଷାରେ ପରୀକ୍ଷା ଦେଇଥିଲେ ଛାତ୍ରଛାତ୍ରୀ । ପରୀକ୍ଷାର୍ଥୀ ସେମାନଙ୍କ ପରୀକ୍ଷା ଫଳ ବର୍ତ୍ତମାନ ସିଧାସଳଖ ଏନଟିଏର ୱେବସାଇଟ Jee main.nta.nic.in ରେ ଦେଖିପାରିବେ । ପ୍ରକାଶିତ ରେଜଲ୍ଟରେ ୨୪ ଜଣ ଛାତ୍ରଛାତ୍ରୀ ୧୦୦ ପ୍ରତିଶତ ମାର୍କ ରଖିଛନ୍ତି । ସେମାନଙ୍କ ମଧ୍ୟରୁ ରାଜସ୍ଥାନରୁ ସର୍ବାଧିକ ୭ ଜଣ ଟପ୍ପର ହୋଇଛନ୍ତି । ମହାରାଷ୍ଟ୍ର ଏବଂ ତେଲେଙ୍ଗାନାରୁ ୪ ଜଣ, ଉତ୍ତରପ୍ରଦେଶରୁ ୩ଜଣ, ପଶ୍ଚିମବଙ୍ଗରୁ ୨ଜଣ ଏବଂ ଗୁଜରାଟ, ଦିଲ୍ଲୀ, କର୍ଣ୍ଣାଟକ ଓ ଆନ୍ଧ୍ରପ୍ରଦେଶରୁ ଜଣେ ଲେଖାଏଁ ଛାତ୍ରଛାତ୍ରୀ ରହିଛନ୍ତି । ଟପ୍ପରଙ୍କ ମଧ୍ୟରେ ଦୁଇଜଣ ଛାତ୍ରୀ ରହିଛନ୍ତି । ପଶ୍ଚିମବଙ୍ଗର ଦେବଦତ୍ତ ମାଝୀ ଓ ଆନ୍ଧ୍ରପ୍ରଦେଶରୁ ସାଇ ମାନୋଗନା ଗୁଠିକୋଣ୍ଡା ରହିଛନ୍ତି । ଦୁଇଟି ପର୍ଯ୍ୟାୟରେ ଜାନୁଆରୀରୁ ଏପ୍ରିଲ ଯାଏଁ ଜେଇଇ ମେନ୍ ପରୀକ୍ଷା ହୋଇଥିଲା । ଦୁଇଟି ସେସନ୍‌ରେ ମୋଟ ୧୫,୩୯,୮୪୮ ଛାତ୍ରଛାତ୍ରୀ ରେଜିଷ୍ଟ୍ରେସନ୍ କରିଥିଲେ । ୧୪,୭୫,୧୦୩ ଛାତ୍ରଛାତ୍ରୀ ପରୀକ୍ଷା ଦେଇଥିଲେ । ଜାନୁଆରୀରେ ହୋଇଥିବା ସେସନ୍‌ରେ ୧୨,୫୮,୧୩୬ ଛାତ୍ରଛାତ୍ର ପରୀକ୍ଷା ଦେଇଥିବାବେଳେ ଏପ୍ରିଲରେ ୯,୯୨,୩୫୦ ଜଣ ପରୀକ୍ଷା ଦେଇଥିଲେ । ଏହି କମ୍ପ୍ୟୁଟର ବେସ୍‌ଡ ପରୀକ୍ଷା ୧୩ଟି ଭାଷାରେ ୩୦୦ ସହରରେ ହୋଇଥିଲା । ସେଥିରୁ ଦୁବାଇ, ସିଙ୍ଗାପୁର, ଦୋହା ଓ ୱାସିଂଟନ ଡିସି ଅନ୍ତର୍ଜାତୀୟ ପରୀକ୍ଷା କେନ୍ଦ୍ର ଥିଲା । ପରୀକ୍ଷାରେ EWS ବର୍ଗ ପରୀକ୍ଷାର୍ଥୀଙ୍କ ପାଇଁ ୮୦. ୩୮ କଟ୍‌ଅଫ୍ ରହିଛି । ସେହିପରି ଓବିସି ବର୍ଗର ଛାତ୍ରଛାତ୍ରୀଙ୍କ ପାଇଁ ୭୯.୪୩ କଟଅଫ୍ ଥିବାବେଳେ ଏସ୍‌ସି ଓ ଏସ୍‌ଟିଙ୍କ ପାଇଁ ଯଥାକ୍ରମେ ୬୧.୧୫ ଓ ୪୭.୯୦ କଟ୍‌ଅଫ୍ ରହିଥିଲା । ଏପ୍ରିଲ ୨ରୁ ୯ ଯାଏ ଜେଇଇ ମେନର ଦ୍ୱିତୀୟ ସେସନ୍ ହୋଇଥିଲା । ଯଦି କୌଣସି ଛାତ୍ରଛାତ୍ରୀଙ୍କୁ ଆଇଆଇଟି ପରି ଭଲ ଶିକ୍ଷା ସଂସ୍ଥାରେ ପଢ଼ିବାକୁ ହେଲେ ଜେଇଇ ମେନ୍ ପରୀକ୍ଷା ଦେବାକୁ ପଡିଥାଏ । ଆପଣ Jeemain.nta.nic.in ୱେବସାଇଟ ପରିଦର୍ଶନ କରନ୍ତୁ । ସେସନ ୧ ସ୍କୋର କାର୍ଡ ଡାଉନଲୋଡ ଲିଙ୍କରେ କ୍ଲିକ କରନ୍ତୁ । ଆବଶ୍ୟକ ତଥ୍ୟ ଦେଇ ସାଇଟରେ ଲଗ୍-ଇନ କରନ୍ତୁ ।

୨୪ ଯାଏଁ ତାଣ୍ଡବ ରଚିବ କାଳବୈଶାଖୀ

ଭୁବନେଶ୍ୱର,୧୯/୦୪(ଆ.ପ୍ର):ରାଜ୍ୟରେ ତାଣ୍ଡବ ରଚୁଛି କାଳବୈଶାଖୀ । ଆସନ୍ତା ୨୪ ତାରିଖ ଯାଏ ଏହି କାଳବୈଶାଖୀର ପ୍ରଭାବ ଲାଗି ରହିବ । ଆହୁରି ୫ ଦିନ ରାଜ୍ୟର ବିଭିନ୍ନ ସ୍ଥାନରେ ଘଡ଼ଘଡ଼ି ସହ ବର୍ଷା ହେବାର ସମ୍ଭାବନା ରହିଛି । ଆଜି ବି କେତେକ ସ୍ଥାନରେ ବର୍ଷା ହୋଇପାରେ । ଘଡ଼ଘଡ଼ି ସହ ହାଲୁକାରୁ ମଧ୍ୟ ଧରଣର ବର୍ଷା ସମ୍ଭାବନା ଥିବା ଆକଳନ କରିଛି ପାଣିପାଗ ବିଭାଗ । ତେବେ ରାଜ୍ୟରେ ତାପମାତ୍ରା ଅଧିକ ନହୋଇ, ସ୍ୱାଭାବିକ ଥିବାରୁ ଏହା କାଳବୈଶାଖୀ ପାଇଁ ସୁଯୋଗ ଆଣୁଥିବା କହିଛନ୍ତି ପାଣିପାଗ ବିଜ୍ଞାନୀ । ଗତକାଲି ରାଜଧାନୀ ଭୁବନେଶ୍ୱର ସମେତ କଟକ, ବାଲେଶ୍ୱର ଓ ଢେଙ୍କାନାଳରେ କାଳବୈଶାଖୀ ପ୍ରଭାବରେ ପ୍ରବଳ ବର୍ଷା ଓ ପବନ ହୋଇଥିଲା । ମୁଷଳ ବର୍ଷା ଫଳରେ କିଛି ସମୟ ପାଇଁ ଯେମିତି ଅଟକି ଯାଇଥିଲା ରାଜଧାନୀ । ଘଡ଼ଘଡ଼ି ସାଙ୍ଗକୁ ଆରମ୍ଭ ହୋଇଯାଇଥିଲା ତୁହାକୁ ତୁହା ବର୍ଷା ପବନ । ଦିନରେ ସନ୍ଧ୍ୟାରେ ଭ୍ରମ ସୃଷ୍ଟି ହୋଇଥିଲା । ଯିଏ ଯେଉଁଠି ପାରିଥିଲେ ଆଶ୍ରୟ ନେଇଥିଲେ । ଶୂନଶାନ ହୋଇଯାଇଥିଲା ବ୍ୟସ୍ତବହୁଳ ରାସ୍ତା । ବର୍ଷା ପବନରେ କେଉଁଠି ଗଛ ଉପୁଡି ପଡିଥିବା ତ ଆଉ କେଉଁଠି ବିଦ୍ୟୁତ ତାର ଛିଣ୍ଡି ଯାଇଥିଲା । ତେଣୁ ବିଭିନ୍ନ ସ୍ଥାନରେ ଦୀର୍ଘ ଘଣ୍ଟା ଧରି ବିଦ୍ୟୁତ ସେବା ବାଧାପ୍ରାପ୍ତ ହୋଇଥିଲା । ତେବେ ଆସନ୍ତା ୨୪ ତାରିଖ ଯାଏଁ ରାଜ୍ୟରେ କାଳବୈଶାଖୀର ତାଣ୍ଡବ ଦେଖିବାକୁ ମିଳିବ ବୋଲି ପୂର୍ବାନୁମାନ କରିଛି ଆଂଚଳିକ ପାଣିପାଗ କେନ୍ଦ୍ର । ଉତ୍ତର ଉପକୂଳ ଓ ସଂଲଗ୍ନ ଜିଲ୍ଲା ଯଥା କେନ୍ଦ୍ରାପଡ଼ା, ଭଦ୍ରକ, ଯାଜପୁର, କେନ୍ଦୁଝର, ମୟୂରଭଞ୍ଜ ଓ

ବାଲେଶ୍ୱରରେ ଆସନ୍ତା ୨ ଦିନ ପାଇଁ ଯାଏ ବର୍ଷା ସମ୍ଭାବନା ରହିଛି । ବରିଷ୍ଠ ପାଣିପାଗ ବିଶେଷଜ୍ଞ ଡ. ସୁରେନ୍ଦ୍ରନାଥ ପଶୁପାଳକ ପୂର୍ବାନୁମାନ କରିଛନ୍ତି ଯେ, ସୁନ୍ଦରଗଡ଼, ଝାରସୁଗୁଡ଼ା, ଦେବଗଡ଼, ସମ୍ବଲପୁର, ବରଗଡ଼, ସୋନପୁର, ବଲାଙ୍ଗିର, ବୌଦ୍ଧ, ନୂଆପଡ଼ା, କଳାହାଣ୍ଡି, ଅନୁଗୁଳ, ଢେଙ୍କାନାଳରେ ତାପମାତ୍ରା ବଢ଼ିବ । ବଲାଙ୍ଗିରର ସୋନପୁର ଓ ଟିଟିଲାଗଡ଼ରେ ସର୍ବାଧିକ ତାପମାତ୍ରା ୪୨ ଡିଗ୍ରୀ ଉପରେ ରହିବ । ୨୩ ତାରିଖରେ ତାପମାତ୍ରାରେ ପରିବର୍ତ୍ତନ ହେବା ସହ ୨୮ ତାରିଖରୁ ପ୍ରାୟ ୩ରୁ ୪ ଡିଗ୍ରୀ କମିବ । ୨୮ରୁ ବଙ୍ଗୋପସାଗରୀୟ ସାମୁଦ୍ରିକ ପବନ ସାରା ଓଡ଼ିଶାରେ ବହିବ । ସମସ୍ତ ଉପକୂଳ ଜିଲ୍ଲା ଓ ସଂଲଗ୍ନ ଅଂଚଳରେ ସାମୁଦ୍ରିକ ପବନ ବହିବା ଯୋଗୁ ତାପମାତ୍ରା କମ୍ ରହିବ । ଭୁବନେଶ୍ୱରରେ ଶନିବାରରେ ତାପମାତ୍ରା ପ୍ରାୟ ୨ ଡିଗ୍ରୀ ବଢ଼ିବ । ଏହା ପରେ ୨୭ ଯାଏ ୩୬ରୁ ୩୮ ଡିଗ୍ରୀ ସେଲସିୟସ୍ ଓ ୨୮ରେ ତାପମାତ୍ରା କମି ୩୪ରୁ ୩୫ ଡିଗ୍ରୀ ହୋଇପାରେ ବୋଲି ପୂର୍ବାନୁମାନ କରିଛନ୍ତି ଡ. ପଶୁପାଳକ । ସେହିପରି ଭୁବନେଶ୍ୱର ପାଣିପାଗ ବିଜ୍ଞାନ କେନ୍ଦ୍ର ପୂର୍ବାନୁମାନ କରିଛି, ୨୦ ତାରିଖରେ ମୟୂରଭଞ୍ଜ, ବାଲେଶ୍ୱର, ଭଦ୍ରକ, ମାଲକାନାଗିରି, କୋରାପୁଟ, ରାୟଗଡ଼ାର ଗୋଟିଏ ଦୁଇଟି ସ୍ଥାନରେ ବର୍ଷା ସହ ବିଜୁଳି ଘଡ଼ଘଡ଼ି ସମ୍ଭାବନା ରହିଛି । ୨୧ ତାରିଖରେ ରାୟଗଡ଼ା, କୋରାପୁଟ, ମାଲକାନାଗିରି, ଗଜପତି, ଗଞ୍ଜାମ ଜିଲ୍ଲାର କିଛି ସ୍ଥାନରେ ବର୍ଷା, ୫୦ରୁ ୬୦ କିଲୋମିଟର ବେଗରେ ପବନ ସହ ବିଜୁଳି, ଘଡ଼ଘଡ଼ି ହେବାର ସମ୍ଭାବନା ରହିଛି । ମୟୂରଭଞ୍ଜର କିଛି ସ୍ଥାନରେ ୪୦ରୁ ୫୦ କିଲୋମିଟର ବେଗରେ ପବନ ହେବ । କାଳବୈଶାଖୀ ବର୍ଷା ହେବ । ୨୨ ତାରିଖରେ ମାଲକାନାଗିରି, କୋରାପୁଟ, ଗଜପତି, ଗଞ୍ଜାମ, ରାୟଗଡ଼ା, ନୟାଗଡ଼, କନ୍ଧମାଳରେ କାଳବୈଶାଖୀର ପୂର୍ବାନୁମାନ କରାଯାଇଛି । ୨୩ ଓ ୨୪ ତାରିଖରେ ମାଲକାନାଗିରିର କିଛି ସ୍ଥାନରେ ହାଲୁକାରୁ ମଧ୍ୟମ ଧରଣର ବର୍ଷାର ପୂର୍ବାନୁମାନ କରାଯାଇଛି ।

ରାଜ୍ୟସ୍ତରୀୟ ପୋଷଣ ପକ୍ଷ ପାଳନ

ଭୁବନେଶ୍ୱର,୧୯/୦୪(ଆ.ପ୍ର): ରାଜ୍ୟରେ ଦୁର୍ବଳ ପିଲାଙ୍କ ସଂଖ୍ୟା ୨୧ ପ୍ରତିଶତରୁ ୧୯ ପ୍ରତିଶତକୁ କମିଛି । ବିଗତ ଦିନରେ ପୋଷଣ କେବଳ ସ୍ଲୋଗାନବାଜିରେ ସୀମିତ ଥିଲା । ପିଲାଙ୍କ ପାଖରେ ପୋଷଣ ଯୁକ୍ତ ଖାଦ୍ୟ ପହଂଚି ପାରୁନଥିଲା କୁପୋଷଣକୁ ସଂପୂର୍ଣ୍ଣ ଶେଷ କରିବା ପାଇଁ ଉଭୟ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ କାର୍ଯ୍ୟକ୍ରମ ଚାଲୁ ରହିଛି । ରାଜ୍ୟ ବଜେଟରେ ମଧ୍ୟ ଅର୍ଥ ବ୍ୟୟ ବରାଦ ରଖାଯାଇଛି ବୋଲି ରାଜ୍ୟ ସ୍ତରୀୟ ପୋଷଣ ପକ୍ଷ ୨୦୨୫ ପାଳନ ସମାରୋହରେ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଏହା କହିଛନ୍ତି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ । ଶନିବାର ଭୁବନେଶ୍ୱର ରାଜ୍ୟ ମହିଳା ଓ ଶିଶୁ ପ୍ରତିଷ୍ଠାନରେ ନୂତନ ପ୍ରଶିକ୍ଷାର୍ଥୀ ନିବାସ, ତାଲିମ ଗୃହ ଏବଂ ପାଠାଗାରର ଶୁଭ ଉଦଘାଟନ କରିଛନ୍ତି ମୁଖ୍ୟମନ୍ତ୍ରୀ । ୮୪ ଶଯ୍ୟା ବିଶିଷ୍ଟ ହଷ୍ଟେଲ, ଲାଇବ୍ରେରୀ, ଅଙ୍ଗନବାଡ଼ି ଟ୍ରେନିଂ ସେ[ର୍ ଉଦଘାଟନ କରିଛନ୍ତି ମୁଖ୍ୟମନ୍ତ୍ରୀ । ଓଡ଼ିଶାର ବିଶିଷ୍ଟ ମହିୟସୀ ମହିଳା ମାନଙ୍କ ନାମରେ ୮ଟି ହଲ୍ କୁ ନାମିତ କରାଯାଇଛି । ଏହାସହ ପୋଷଣଯୁକ୍ତ ଖାଦ୍ୟ ପ୍ରଦର୍ଶନୀ ଓ ଅଦରକାରୀ ବସ୍ତୁରୁ ତିଆରି ଖେଳଣା ପ୍ରଦର୍ଶନୀ ବୁଲି ଦେଖିଛନ୍ତି ମୁଖ୍ୟମନ୍ତ୍ରୀ । କାର୍ଯ୍ୟକ୍ରମରେ ଉପ ମୁଖ୍ୟମନ୍ତ୍ରୀ ତଥା ବିଭାଗୀୟ ମନ୍ତ୍ରୀ ପ୍ରଭାତୀ ପରିଡ଼ା ଏବଂ ମହିଳା ଓ ଶିଶୁ କଲ୍ୟାଣ ବିଭାଗର ଅଧିକାରୀ ମାନେ ଉପସ୍ଥିତ ଥିଲେ । ଏହି ଅବସରରେ ମୁଖ୍ୟମନ୍ତ୍ରୀ କହିଛନ୍ତି, ପୋଷଣ ଓଡ଼ିଶା ଭଳି ରାଜ୍ୟରେ ବହୁତ ଗୁରୁତ୍ୱପୂର୍ଣ୍ଣ । ଶିକ୍ଷକ, ଅଙ୍ଗନବାଡ଼ି ଦିଦି ଦେଶର ଭବିଷ୍ୟତ ନିର୍ମାଣ କରୁଛନ୍ତି । ଦେଶର ଭବିଷ୍ୟତ ପାଇଁ, ଦେଶ ଓ ରାଜ୍ୟକୁ ବିକଶିତ କରିବା ପାଇଁ ନିରନ୍ତର କାମ କରୁଛନ୍ତି । ସୁସ୍ଥ ଶିଶୁ ହିଁ ଉତ୍ତମ ଛାତ୍ର ହୋଇପାରିବେ । ଭବିଷ୍ୟତରେ ମଧ୍ୟ ଦେଶର ଉପଯୁକ୍ତ ନାଗରିକ ହୋଇପାରିବେ । ଅଙ୍ଗନବାଡ଼ି ଦିଦି ଓ ଶିକ୍ଷକ ମାନେ ପିଲା ମାନଙ୍କର ଦ୍ୱିତୀୟ ମାଆ ବୋଲି କହିଲେ ମୁଖ୍ୟମନ୍ତ୍ରୀ । ଉତ୍ସବରେ ଭଲ କାମ କରିଥିବା ବିଭାଗୀୟ ସିଡିପିଓ ମାନଙ୍କୁ ସମ୍ମାନିତ କରିଥିଲେ ମୁଖ୍ୟମନ୍ତ୍ରୀ । ସେହିପରି କୁପୋଷଣ ରୋକିବାକୁ ଅଙ୍ଗନୱାଡି ମା' ମାନେ ଆନ୍ତରିକତା ସହ କାମ କରିବାକୁ ଆହ୍ୱାନ ଦେଇଛନ୍ତି ।

୭ ନକ୍ସଲ ଗିରଫ

ନାରାୟଣପୁର,୧୯/୦୪(ନ୍ୟୁ.ଏ):ଛତିଶଗଡ଼ ବସ୍ତର କ୍ଷେତ୍ରରେ ସୁରକ୍ଷା ବଳ ୭ ନକ୍ସଲଙ୍କୁ ଗିରଫ କରିଛନ୍ତି । ପୋଲିସ ଅଧିକାରୀମାନେ ଶନିବାର ଏହି ସୂଚନା ଦେଇଛନ୍ତି । ସୂଚନା ଅନୁସାରେ କ୍ଷେତ୍ରର ନାରାୟଣପୁର ଜିଲ୍ଲାରେ ସୁରକ୍ଷା କର୍ମୀ ପ୍ରେସର ବୋମା ବିସ୍ଫୋରଣ ମାମଲାରେ ୩ ଜଣ ନକ୍ସଲଙ୍କୁ ଗିରଫ କରିଥିବା ବେଳେ ବିଜାପୁର ଜିଲ୍ଲାରେ ୪ ଜଣ ନକ୍ସଲଙ୍କୁ ଗିରଫ କରିଛନ୍ତି । ଏହି ମାମଲାରେ ପୋଲିସ ବଣ୍ଟୁ ଧୁରବା ଓରଫ ସୋନୁ (୨୭), ଝୁରୁ ମହାୟ (୩୫) ଓ କୁରୁ କୁରେଟି (୨୨)ଙ୍କୁ ଗିରଫ କରାଯାଇଛି । ସେହିପରି ବିଜାପୁରରେ ସୁରକ୍ଷାବଳଙ୍କ ନକ୍ସଲ ବିରୋଧୀ ଅଭିଯାନ କାଳରେ ଜିତେନ୍ଦ୍ର କଶ୍ୟପ (୨୬), ଛୋଟୁ କଶ୍ୟପ (୨୩) ଓ ପାଣ୍ଡୁ ସୋଡି (୨୪)ଙ୍କୁ ଗିରଫ କରାଯାଇଛି । ପୋଲିସ ସେମାନଙ୍କ ନିକଟରୁ ଟିଫିନ ବୋମା, ବିଦ୍ୟୁତ ତାର, ବ୍ୟାଟେରୀ ଓ ମାଟି ଖୋଳା ଯନ୍ତ୍ର ଆଦି ଜବତ ହୋଇଛି । ସେହିପରି ଜଗୁର ଥାନା ଅଂଚଳର ନଡାପଲ୍ଲୀ ଗାଁ ଜଙ୍ଗଲକୁ ଘେରାଉ କରି ଜଣେ ନକ୍ସଲ ଲଚ୍ଛୁ ତାମ୍ବୁ (୩୧)କୁ ଗିରଫ କରାଯାଇଥିବା ଅଧିକାରୀମାନେ ସୂଚନା ଦେଇଛନ୍ତି ।

ଟାରିଫ ୱାର ସତ୍ତ୍ୱେ ଆର୍ଥିକ ମାନ୍ଦାବସ୍ଥା ସମ୍ଭାବନା ନାହିଁ : ଆଇଏମଏଫ୍

ନୂଆଦିଲ୍ଲୀ,୧୯/୦୪(ନ୍ୟୁ.ଏ):ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ଦ୍ୱାରା ଆରମ୍ଭ ଟାରିଫ୍ ଯୁଦ୍ଧ ବିଶ୍ୱ ବାଣିଜ୍ୟ କ୍ଷେତ୍ରରେ ବଡ଼ ଧରଣର ବାଧା ସୃଷ୍ଟି କରିଛି । ଏହାସତ୍ତ୍ୱେ ବିଶ୍ୱ ଅର୍ଥବ୍ୟବସ୍ଥାରେ ମାନ୍ଦାବସ୍ଥା ସମ୍ଭାବନା ନାହିଁ । ଅନ୍ତର୍ଜାତୀୟ ମୁଦ୍ରା ପାଣ୍ଠି(ଆଇଏମ୍‌ଏଫ୍)ର ପରିଚାଳନା ନିର୍ଦ୍ଦେଶକ କ୍ରିଷ୍ଟାଲିନା ଜର୍ଜିଭା ଏହା ପ୍ରକାଶ କରିଛନ୍ତି । ଜର୍ଜିଭା ଆହୁରି କହିଛନ୍ତି ଯେ, ସମ୍ପ୍ରତି ବିଶ୍ୱ ବାଣିଜ୍ୟ କ୍ଷେତ୍ରରେ ସୃଷ୍ଟି ହୋଇଥିବା ବାଧାଗୁଡ଼ିକ ଅର୍ଥବ୍ୟବସ୍ଥାକୁ ମହଙ୍ଗା ପଡ଼ିବ ଆସନ୍ତା ସପ୍ତାହରେ ଆଇଏମ୍‌ଏଫ୍ ଏବଂ ବିଶ୍ୱ ବ୍ୟାଙ୍କର ସ୍ପ୍ରିଙ୍ଗ୍ ମିଟିଂ ଥିବାବେଳେ ସାମ୍ବାଦିକମାନଙ୍କୁ ଉଦ୍‌ବୋଧନ ଦେଇ ଆଇଏମ୍‌ଏଫ୍ ମୁଖ୍ୟ କହିଛନ୍ତି ଯେ, ବିଶ୍ୱ ଅର୍ଥନୈତିକ ଅଭିବୃଦ୍ଧିରେ ହ୍ରାସ ଦେଖାଦେବ କିନ୍ତୁ ଏହା ସେତେମାତ୍ରାରେ ଖସିବ ନାହିଁ । ଟ୍ରମ୍ପଙ୍କ ଶୁଳ୍କ ନୀତି ଯୋଗୁ ସମଗ୍ର ବିଶ୍ୱ ବଜାରରେ



ଦେଖାଦେଇଥିବା ଅସ୍ଥିରତାକୁ ନେଇ ଜର୍ଜିଭା କହିଛନ୍ତି ଯେ, ବାଣିଜ୍ୟିକ ବାଧକଗୁଡ଼ିକ ସର୍ବଦା ଅର୍ଥବ୍ୟବସ୍ଥାଗୁଡ଼ିକ ପାଇଁ ମହଙ୍ଗା ସାବ୍ୟସ୍ତ ହୋଇଥାଏ । ଆମେ ଏଭଳି ଏକ ବିଶ୍ୱରେ ରହିଛୁ, ଯେଉଁଠି ଅର୍ଥନୈତିକ ଝଟ୍‌କା ଏବଂ ପରିବର୍ତ୍ତନ ନିୟମିତ ଧାରା । ଏସବୁ ଝଟ୍‌କା ଏବଂ ପରିବର୍ତ୍ତନକୁ ଗ୍ରହଣ କରିବା ଲାଗି ଆମକୁ ପ୍ରସ୍ତୁତ ରହିବାକୁ ପଡ଼ିବ ଏବଂ ଭାବିଚିନ୍ତି ଉଚିତ ପଦକ୍ଷେପ ନେବାକୁ ହେବ । ଆଗାମୀ ମଙ୍ଗଳବାର ନିଜର ୱାର୍ଲ୍ଡ ଇକୋନୋମିକ୍ ଆଉଟଲୁକ୍‌ରେ ଆଇଏମ୍‌ଏଫ୍ ୨୦୨୫ ଏବଂ ୨୦୨୬ ପାଇଁ ବିଶ୍ୱ ଅର୍ଥନୈତିକ ଅଭିବୃଦ୍ଧି ଆକଳନକୁ ସଂଶୋଧିତ କରିପାରେ ବୋଲି ଜର୍ଜିଭାଙ୍କ ବୟାନରୁ ଅନୁମାନ କରାଯାଉଛି । ଜର୍ଜିଭା କହିଲେ ଯେ, ଅସ୍ଥିରତା ସର୍ବଦା ବ୍ୟୟବହୁଳ । ବାଣିଜ୍ୟିକ ଅସ୍ଥିରତା ଯୋଗୁ କ୍ଷୁଦ୍ର ବିକଶିତ ଅର୍ଥନୀତି ଏବଂ ବିକାଶମୁଖୀ ବଜାରଗୁଡ଼ିକ ପାଇଁ ବିପଦ ରହିଛି । କାରଣ ଏହି ରାଷ୍ଟ୍ରଗୁଡ଼ିକ ବିଶ୍ୱ ବାଣିଜ୍ୟ ଉପରେ ବଡ଼ ଆକାରରେ ନିର୍ଭର କରିଥାନ୍ତି । ଆଇଏମ୍‌ଏଫ୍ ମୁଖ୍ୟ କହିଛନ୍ତି ଯେ, ବ୍ୟବସାୟଗୁଡ଼ିକ ପାଇଁ ଅସ୍ଥିରତା ଏବଂ ଅନିଶ୍ଚିତତା ହେଉଛି ବଡ଼ ଆହ୍ୱାନ । କାରଣ ଭବିଷ୍ୟତକୁ ନେଇ ସେମାନେ ନିଶ୍ଚିତ ନ ଥାନ୍ତି । ଏହା ସେମାନଙ୍କ ବ୍ୟବସାୟିକ ଯୋଜନାଗୁଡ଼ିକ ଉପରେ ପ୍ରଭାବ ପକାଇଥାଏ । ବାଣିଜ୍ୟିକ ସମସ୍ୟାଗୁଡ଼ିକ ଦ୍ୱାରା କାରବାର କମିଥାଏ । ରପ୍ତାନି ହ୍ରାସ ପାଏ । ପରିଶେଷରେ ଅର୍ଥବ୍ୟବସ୍ଥାଗୁଡ଼ିକର ଅଭିବୃଦ୍ଧି ଖସେ ବୋଲି ଜର୍ଜିଭା କହିଛନ୍ତି । ଆମେରିକାର ଶୁଳ୍କନୀତି ଉପରେ ଆଇଏମ୍‌ଏଫ୍ ମୁଖ୍ୟ କହିଛନ୍ତି ଯେ, ସୁରକ୍ଷାବାଦୀ ନୀତି ଦୀର୍ଘକାଳୀନ ଭାବେ ଉତ୍ପାଦକତାକୁ ହ୍ରାସ କରିଥାଏ ।

ଏପ୍ରିଲ୍ ୨୪ରେ ମିଳିବ ସୁଭଦ୍ରା ଟଙ୍କା

ଭୁବନେଶ୍ୱର,୧୯/୦୪(ଆ.ପ୍ର):ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ାଙ୍କ ବଡ଼ ଘୋଷଣା । ଏପ୍ରିଲ୍ ୨୪ରେ ମିଳିବ ସୁଭଦ୍ରା ହିତାଧିକାରୀଙ୍କ ଟଙ୍କା । ପଂଚାୟତିରାଜ ଦିବସ ଅବସରରେ ପୁରୀ ଠାରେ ସୁଭଦ୍ରା ଟଙ୍କା ଦେବେ ରାଜ୍ୟ ସରକାର । ମାର୍ଚ୍ଚ ୩୧ ସୁଦ୍ଧା ଆବେଦନ କରିଥିବା ହିତାଧିକାରୀଙ୍କୁ ଦୁଇ କିସ୍ତିରେ ୧୦ ହଜାର ଟଙ୍କା ମିଳିବ । ମୋଟ ୧ ଲକ୍ଷ ୭୦ ହଜାର ମହିଳା ଏକା ଥରକେ ଦୁଇଟି କିସ୍ତି ଟଙ୍କା ପାଇବେ । ଏହା ପୂର୍ବରୁ ଉପମୁଖ୍ୟମନ୍ତ୍ରୀ କହିଥିଲେ ଯେ ଅଯୋଗ୍ୟ ହିତାଧିକାରୀଙ୍କ ସର୍ଭେ ପରେ ତୃତୀୟ କିସ୍ତି ଟଙ୍କା ଦିଆଯିବ । ଆବେଦନକାରୀଙ୍କ ଭିତରୁ ଯେଉଁମାନେ ଯୋଗ୍ୟ ସେମାନେ ସୁଭଦ୍ରା ଟଙ୍କା ପାଇବେ । ତୃତୀୟ କିସ୍ତି ପରେ ଯେଉଁମାନଙ୍କୁ ୨୧ ବର୍ଷ ହୋଇଥିବ ତାଙ୍କ ପାଇଁ ପୁଣି ସୁଭଦ୍ରା ଓପନ ରହିବ ବୋଲି ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା କହିଥିଲେ । ୨୦୨୪ ସେପ୍ଟେମ୍ବର ୧୭ରେ ରାଜ୍ୟରେ ସୁଭଦ୍ରା ଯୋଜନା ଆରମ୍ଭ କରିଥିଲେ ମୋହନ ସରକାର । ଏଯାଏଁ ୧ କୋଟି ୬୪ ହଜାର ମହିଳା ଯୋଜନାର ଦୁଇଟି କିସ୍ତି ପାଇଛନ୍ତି । ପୂର୍ବରୁ ସରକାର କହିଥିଲେ ଯେ ତେବେ ମାର୍ଚ୍ଚ ୩୧ ମଧ୍ୟରେ ଆବେଦନ କରିଥିବା ହିତାଧିକାରୀଙ୍କୁ ସର୍ଭେ କରି ସେମାନଙ୍କୁ ଯୋଜନାରେ ସାମିଲ କରାଯିବ । ସେମାନଙ୍କୁ ରାକ୍ଷୀ ପୂର୍ଣ୍ଣିମାରେ ଏକାଥରକେ ୩ଟି କିସ୍ତି ଅର୍ଥାତ ୧୫ ହଜାର ଟଙ୍କା ପ୍ରଦାନ କରିବେ ବୋଲି ଉପମୁଖ୍ୟମନ୍ତ୍ରୀ କହିଥିଲେ ।

ଓଡ଼ିଶା ଶିଳ୍ପ ସୁରକ୍ଷା ବାହିନୀର ହେବ ଆଉ ଏକ ବାଟାଲିୟନ

ଭୁବନେଶ୍ୱର,୧୯/୦୪(ଆ.ପ୍ର):ରାଜ୍ୟରେ ଓଡ଼ିଶା ଶିଳ୍ପ ସୁରକ୍ଷା ବାହିନୀ(ଓଆଇଏସଏଫ)ର ଆଉ ଏକ ବାଟାଲିୟନ ହେବ । ଏ ସମ୍ପର୍କିତ ପ୍ରସ୍ତାବକୁ ମୁଖ୍ୟମନ୍ତ୍ରୀ ମୋହନ ମାଝୀ ମଞ୍ଜୁରୀ ଦେଇଛନ୍ତି । ନୂଆ ଓଆଇଏସଏଫ ବାଟାଲିୟନ ପାଇଁ ମୋଟ ୧୦୪୦ଟି ପଦବୀ ସୃଷ୍ଟି କରାଯାଇଛି । ବର୍ତ୍ତମାନ ରାଜ୍ୟରେ ଓଆଇଏସଏଫର ଗୋଟିଏ ବାଟାଲିୟନ ରହିଛି । ଆଗକୁ ଅନେକ ବଡ଼ ବଡ଼ ଶିଳ୍ପାନୁଷ୍ଠାନ ରାଜ୍ୟରେ ପ୍ରତିଷ୍ଠା ହେବ । ଏହାସହିତ ଅନେକ ଶିଳ୍ପ ସଂସ୍ଥା ମଧ୍ୟ ଓଡ଼ିଶାକୁ ଆସିବ ଏବଂ ଶିଳ୍ପ କ୍ଷେତ୍ରରେ ଅଭିବୃଦ୍ଧି ଘଟିବ । ଏହାସହିତ ବହୁ ଶିଳ୍ପ ସଂସ୍ଥା ଓଡ଼ିଶାରେ ପୁଞ୍ଜି ନିବେଶ ପାଇଁ ପ୍ରସ୍ତାବ ଦେଇଛନ୍ତି । ଏହି ଶିଳ୍ପ ସଂସ୍ଥାଗୁଡ଼ିକୁ ସୁରକ୍ଷା ଦେବା ପାଇଁ ମୁଖ୍ୟମନ୍ତ୍ରୀ ନୂଆ ଏକ ଓଆଇଏସଏଫର ବାଟାଲିୟନ ଖୋଲିବା ପ୍ରସ୍ତାବକୁ ମଞ୍ଜୁରୀ ଦେଇଥିବା ଜଣାପଡ଼ିଛି ।

ନବମ ଥର ପାଇଁ ବିଜେଡି ସଭାପତି ହେଲେ ନବୀନ ପଟ୍ଟନାୟକ

ଭୁବନେଶ୍ୱର,୧୯/୦୪(ଆ.ପ୍ର):ନବମ ଥର ପାଇଁ ନବୀନ ମୁଖିଆ । ନବୀନ ପଟ୍ଟନାୟକ ନବମ ଥର ପାଇଁ ବିଜୁ ଜନତା ଦଳର ସଭାପତି ଭାବେ ନିର୍ବାଚିତ ହୋଇଛନ୍ତି । ନିର୍ଦ୍ୱନ୍ଦ୍ୱରେ ସଭାପତି ନିର୍ବାଚିତ ହୋଇଛନ୍ତି ନବୀନ ପଟ୍ଟନାୟକ । ଏ ନେଇ ବିଧିବଦ୍ଧ ଭାବେ ବିଜେଡି ନିର୍ବାଚନ ଅଧିକାରୀ ପ୍ରତାପ ଦେବ ଘୋଷଣା କରିଛନ୍ତି । ଶଙ୍ଖ ଭବନରେ ଅନୁଷ୍ଠିତ ବିଜେଡି ରାଜ୍ୟ ପରିଷଦ ବୈଠକରେ ଏହି ଘୋଷଣା କରାଯାଇଛି । ତେବେ ଏକମାତ୍ର ପ୍ରାର୍ଥୀ ଭାବେ ବିଜେଡି ସଭାପତି ପଦ ପାଇଁ ନାମାଙ୍କନ ଦାଖଲ କରିଥିଲେ ନବୀନ ପଟ୍ଟନାୟକ । ଏହି ଅବସରରେ ଶଙ୍ଖ ଭବନରେ ବିଜେଡି ନେତା ଓ କର୍ମୀଙ୍କ ଭିଡ଼ ଦେଖିବାକୁ ମିଳିଛି । ନବୀନ ସଭାପତି ନିର୍ବାଚିତ ହେବା ପରେ ତାଙ୍କୁ ସମସ୍ତେ ଶୁଭେଚ୍ଛା ଜଣାଇଛନ୍ତି । ନବମ ଥର ପାଇଁ ସଭାପତି ଘୋଷଣା ହେବା ପରେ ପ୍ରତିକ୍ରିୟା ରଖିଛନ୍ତି ନବୀନ । ସେ କହିଛନ୍ତି, ବିଜୁ ଜନତା ଦଳର ସଭାପତି ଭାବରେ ଦଳର ସେବା କରିବା ପାଇଁ ମୋତେ ପୁଣି ଥରେ ସୁଯୋଗ ଦେଇଥିବାରୁ ଧନ୍ୟବାଦ ଜଣାଉଛି । ଆପଣ ମାନଙ୍କ ଏହି ଭଲ ପାଇବା ମୋତେ ସବୁବେଳେ ଆପଣମାନଙ୍କ ନିକଟରେ ଋଣୀ କରିରଖିଛି । ଏହି ଅବସରରେ ଆମର ପ୍ରିୟ ନେତା ବିଜୁ ପଟ୍ଟନାୟକଙ୍କ ପ୍ରତି ମୋର ଗଭୀର ଶ୍ରଦ୍ଧାଞ୍ଜଳି ଜଣାଉଛି । ବିଜୁ ବାବୁଙ୍କ ଆଦର୍ଶ ସବୁବେଳେ ଆମକୁ ବାଟ ଦେଖାଇଆସିଛି । ଓଡ଼ିଶାବାସୀଙ୍କ ଆଶୀର୍ବାଦରେ ବିଜୁ ଜନତା ଦଳ ୨୦୦୦ରୁ ୨୦୨୪ ପର୍ଯ୍ୟନ୍ତ ଓଡ଼ିଶା ମା'ର ସେବାର ସୁଯୋଗ ପାଇଥିଲା । ଏହି ସମୟ ଥିଲା ଓଡ଼ିଶା ବିକାଶର ସୁବର୍ଣ୍ଣ ଯୁଗ । ବିଭିନ୍ନ କ୍ଷେତ୍ରରେ ଅଗ୍ରଣୀ ଭୂମିକା ପାଇଁ ଓଡ଼ିଶା ଅନ୍ୟ ରାଜ୍ୟ ପାଇଁ ଆଦର୍ଶ ହୋଇଥିଲା । ଆମର ନୀତି ଓ ଆଦର୍ଶ ହେଉଛି ଆମର ଶକ୍ତି । ସରକାରରେ ରହେ ବା ନ ରହେ, ବିଜୁ ଜନତା ଦଳ ସବୁବେଳେ ଓଡ଼ିଶାବାସୀଙ୍କ ସେବା କରି ଚାଲିଛି ଏବଂ କରି ଚାଲିବ । ଓଡ଼ିଶାର ସ୍ୱାର୍ଥ ଓ ସ୍ୱାଭିମାନ ସାଥାରେ ବିଜେଡି ସବୁବେଳେ ଯୋଡି ହୋଇ ରହିଛି ଓ ରହିବ । ଓଡ଼ିଶାର ହକ୍ ପାଇଁ ଆମର ଲଢେଇ ଜାରି ରହିବ । ଓଡ଼ିଆ ସ୍ୱାଭିମାନ ଓ ଓଡ଼ିଶାଙ୍କ ସ୍ୱାର୍ଥ ଆମ ପାଇଁ ସବୁଠାରୁ ଉପରେ । ବିଜୁ ଜନତା ଦଳ ସବୁବେଳେ ତାର ଆଦର୍ଶରେ ଦୃଢ଼ ରହିଛି ଓ ରହିବ । ବିଜେଡିର କର୍ମୀ, ଭାଇ-ଭଉଣୀ ମାନଙ୍କ ଉପରେ ମୋର ପୁରା ଭରସା ଅଛି । ସେମାନେ ହିଁ ମିଛ ପ୍ରଚାରର ଉଚିତ୍ ଜବାବ ଦେବେ ।

୨୦୩୬ ବିକାଶରେ ୨୦୨୯ ପ୍ରମୁଖ ଭୂମିକା ନେବ: ଆଇନ ମନ୍ତ୍ରୀ

ଭୁବନେଶ୍ୱର,୧୯/୦୪(ଆ.ପ୍ର):ଇଣ୍ଡିଆନ ଚାମ୍ବର ଅଫ୍ କମର୍ସ(ଆଇସିସି) ପକ୍ଷରୁ "ବିକଶିତ ଓଡିଶା ୨୦୩୬ ପରିକଳ୍ପନା" ବିଷୟ ବସ୍ତୁ ଉପରେ ଏକ ଜାତୀୟ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି । ଆଇସିସି ଅଧ୍ୟକ୍ଷ ରାଜୀବ ସାହୁ ଅଧ୍ୟକ୍ଷତା କରି କହିଥିଲେ ଯେ ବିକଶିତ ଓଡିଶା ଗଠନ ପାଇଁ ଆଇସିସି ବଦ୍ଧ ପରିକର । ଓଡିଶା ସରକାରଙ୍କ ସହାୟତାରେ ୨୦୩୬ ସୁଦ୍ଧା ବିକଶିତ ଓଡିଶା ଓ ୨୦୪୭ ସୁଦ୍ଧା ଓଡିଶାର ଅର୍ଥନୀତିକୁ ୧.୫ ଟ୍ରିଲିୟନରେ ପହଂଚାଇବାରେ ଆଇସିସି ପ୍ରମୁଖ ଭୂମିକା ଗ୍ରହଣ କରିବ । ଏହା ସହ ଭାରତର ଅର୍ଥନୈତିକ ବିକାଶରେ ଏକ ପ୍ରମୁଖ ଭୂମିକା ଗ୍ରହଣ କରିବ ବୋଲି ଶ୍ରୀ ସାହୁ କହିଥିଲେ । ମୁଖ୍ୟଅତିଥି ଭାବେ ଆଇନ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ ଯୋଗଦେଇ କହିଲେ ୨୦୩୬ ସୁଦ୍ଧା ଓଡିଶାର ସର୍ବାଙ୍ଗ ବିକାଶ ହେବ, ଏଥିରେ ଦ୍ୱିମତ ନାହିଁ । ଇନଫ୍ରାଷ୍ଟ୍ରକଚର, ଶିଳ୍ପ, କୃଷି ପରି ସବୁ ଦିଗରେ ସଫଳତା ପାଇବାକୁ ଯେଉଁ ପ୍ରକ୍ରିୟା ଅଛି ତାହା ଆମେ ଆରମ୍ଭ କରିସାରିଛୁ । ଶିକ୍ଷା କ୍ଷେତ୍ରରେ ବିକାଶ ପାଇଁ ଗୋଦାବରୀଶ ମିଶ୍ର ଆଦର୍ଶ ବିଦ୍ୟାଳୟଠୁ ଆରମ୍ଭ କରି ଉଚ୍ଚ ଶିକ୍ଷା ଓ ବୈଷୟିକ ଶିକ୍ଷାରେ କିପରି ଉତ୍କର୍ଷତା ଆସିବ ତାହା ଉପରେ ଆମେ ଯୋଜନା ପ୍ରସ୍ତୁତ କରୁଛୁ । ଆମ ପାଖରେ ଲକ୍ଷ୍ୟ ସ୍ଥିର ଅଛି । ୨୦୩୬ ସୁଦ୍ଧା ପଏଣ୍ଟ ୫ ଟ୍ରିଲିୟନ ୟୁଏସଡି ଅର୍ଥନୀତି ପାଇଁ ଲକ୍ଷ୍ୟ ରଖାଯାଇଛି । ଏହି ସବୁ ବିକାଶ ପାଇଁ ୨୦୨୯ ମସିହା ଏକ ପ୍ରମୁଖ ଭୂମିକା ନେବ । ଯେଉଁ ମୂଳଦୁଆ ଆବଶ୍ୟକ ସେ କ୍ଷେତ୍ରରେ ସରକାର ସମସ୍ତ ପଦକ୍ଷେପ ଗ୍ରହଣ କରିବେ । ସର୍ବୋପରି ଗୋଟିଏ ମଂଚରେ ବ୍ୟାଙ୍କିଙ୍ଗ୍ ସେବାର ସମସ୍ତ ଅଧିକାରୀଙ୍କୁ ଏକତ୍ରିତ କରି ଓଡିଶା ବିକାଶର ଯେଉଁ ଭିତ୍ତିଭୂମି ସ୍ଥାପନ କରିଛନ୍ତି ଆଇସିସିକୁ ଧନ୍ୟବାଦ

ଦେଉଛି । ଭୁବନେଶ୍ୱର ସହ ଓଡିଶାର ପ୍ରମୁଖ ୧୧ଟି ସହରରେ ରିଙ୍ଗ୍ ରୋଡ୍ ସ୍ଥାପନ କରି ବିକାଶକୁ ଦ୍ରୁତତମ କରିବାକୁ ଆମର ପ୍ରଚେଷ୍ଟା ଜାରି ରହିଛି । ବିଶିଷ୍ଟ ଅତିଥି ସାଂସଦ ଭର୍ତ୍ତୃହରି ମହତାବ କହିଥିଲେ ଯେ ଓଡିଶା ସରକାର ବହୁତ କିଛି ବିକାଶ କରୁଛନ୍ତି । କଟକ ଚାରବାଟିଆ ଏୟାରବେସ୍ କିଭଳି ଏକ କାର୍ଗୋ ଟର୍ମିଂ ହୋଇପାରିବ ତାହା ଉପରେ ସେ ପରାମର୍ଶ ଦେଇଥିଲେ । ଏହା ସହ ଓଡିଶାରେ ଅନେକ ଜିନିଷ ଲୁକ୍କାୟିତ ଅଛି । ତାକୁ ଆମେ ଟାସ୍କ ଫୋର୍ସ ଗଠନ କରି କିଭଳି ଆଗକୁ ଆଣିପାରିବା ତାହା ଉପରେ ସେ ମତ ରଖିଥିଲେ । ଭାରତ ସରକାରଙ୍କ ଅର୍ଥ ମନ୍ତ୍ରଣାଳୟ ସଚିବ ନାଗରାଜୁ ମାଦିରାଲା କହିଥିଲେ ଯେ ଓଡିଶାର ଅର୍ଥନୀତି ଉତ୍କୃଷ୍ଟ । ନୀତି ଆୟୋଗର ତଥ୍ୟ ଅନୁସାରେ ଓଡିଶା ବିକାଶ କରୁଛି । ଓଡିଶାରେ ବିକାଶର ସମ୍ଭାବନା ଅଛି । ଓଡିଶାରେ ମାତ୍ର ବ୍ୟାଙ୍କିଙ୍ଗ୍ ସେବାରେ ଅଗ୍ରଗତି ଆବଶ୍ୟକ । ଆଇସିସି ତରଫରୁ ଆୟୋଜିତ ହୋଇଥିବା ଏହି ସମ୍ମିଳନୀରେ ବିଭିନ୍ନ ବ୍ୟାଙ୍କିଙ୍ଗ୍ ସେବାର ମୁଖ୍ୟ ଯୋଗ ଦେବା ଦ୍ୱାରା ବ୍ୟାଙ୍କିଙ୍ଗ୍ କ୍ଷେତ୍ରରେ ଅଧିକ ଅଗ୍ରଗତି ଆସିପାରିବ ବୋଲି ସେ କହିଥିଲେ । ଉନ୍ନୟନ କମିସନର ଅନୁ ଗର୍ଗ କହିଥିଲେ ଆସନ୍ତା ୫ ବର୍ଷ ମଧ୍ୟରେ ଜଳ ସେଚନ କ୍ଷେତ୍ରରେ ୧୫ ଲକ୍ଷ ହେକ୍ଟର ବଢାଇବାକୁ ଯୋଜନା ରଖାଯାଇଛି । ୩୦ ଲକ୍ଷ ପର୍ଯ୍ୟଟକ ସଂଖ୍ୟା ବଢାଇବାକୁ ଆଗ୍ରହ ରହିଛି । ଅର୍ବାନାଇଜେସନ ଡେଭଲେପମେଣ୍ଟ ବା ଉନ୍ନତି ପାଇଁ ବିଭିନ୍ନ ଜିଲ୍ଲାଗୁଡିକୁ ନେଇ କ୍ଲଷ୍ଟର ପ୍ରସ୍ତୁତ ହେବା ନେଇ ଲକ୍ଷ୍ୟ ରଖାଯାଉଛି । ଏହା ପାଇଁ ପୁରା ଓଡିଶାରେ ବିଭିନ୍ନ ପ୍ରୋଜେକ୍ଟ କରାଯାଉଛି । ବିକଶିତ ଓଡିଶା ପାଇଁ ଏହା ୪ଟି ବିନ୍ଦୁକୁ ଗୁରୁତ୍ୱ ଦିଆଯାଉଛି । ପ୍ରସପରିଟି ବା ରାଜ୍ୟର ସମୃଦ୍ଧି, ସ୍ୱାସ୍ଥ୍ୟ ଏବଂ ଅର୍ଥନୀତି ଅର୍ଥାତ ସାମଗ୍ରିକ ବିକାଶର ଲକ୍ଷ୍ୟ । କେବଳ ସମୃଦ୍ଧି ଗୋଟିଏ ଜିଲ୍ଲା ବା ସହରରେ ନୁହେଁ ପୁରା ରାଜ୍ୟରେ ବିକାଶ ନିରନ୍ତର ଭାବେ ହେବ । ଶିଳ୍ପ ଓ ଏମଏସଏମଇ ବିଭାଗର ଅତିରିକ୍ତ ଶାସନ ସଚିବ ହେମନ୍ତ ଶର୍ମା କହିଥିଲେ ଯେ ଓଡିଶାର ଅର୍ଥନୀତି ୨୦ ପ୍ରତିଶତ କୃଷି, ୪୦ ପ୍ରତିଶତ ଶିଳ୍ପ ଓ ୪୦ ପ୍ରତିଶତ ସେବା କ୍ଷେତ୍ରକୁ ନେଇ ଚାଲେ । ଯଦି ୨୦୩୬ ବିକଶିତ ଓଡିଶା ସ୍ୱପ୍ନ ସାକାର କରିବାକୁ ହେଲେ କୃଷି କ୍ଷେତ୍ର ସହ ସେବା କ୍ଷେତ୍ର ଓ ଶିଳ୍ପରେ ଅଭିବୃଦ୍ଧି ଆବଶ୍ୟକ । ଓଡିଶାରେ ମିନେରାଲ ବେସ୍ କାର୍ଯ୍ୟାନ୍ୱୟନ ହେବା ଆବଶ୍ୟକ । ଏହାଦ୍ୱାରା ଅଧିକ ନିଯୁକ୍ତି ମିଳିବା ସହ ଅର୍ଥନୀତିରେ ଅଭିବୃଦ୍ଧି ଘଟିବ । ଶକ୍ତି ,ଇଲେକ୍ଟ୍ରୋନିକ୍ସ ଓ ପ୍ରଯୁକ୍ତିବିଦ୍ୟାର ପ୍ରମୁଖ ସଚିବ ବିଶାଲ ଦେବ କହିଥିଲେ ଯେ ଓଡିଶା ବର୍ତ୍ତମାନ ସବୁ କ୍ଷେତ୍ରରେ ଦ୍ରୁତ ଅଗ୍ରଗତି କରୁଛି । ଆଗାମୀ ୨୦୩୬ ସୁଦ୍ଧା ଏକ ସମୃଦ୍ଧ ଓ ବିକଶିତ ଓଡିଶା ଗଠନ ହୋଇପାରିବ ବୋଲି ସେ ମତ ପ୍ରକାଶ କରିଥିଲେ । ଶେଷରେ ଆଇସିସି ଉପାଧ୍ୟକ୍ଷ ନୀଳାଞ୍ଜନା ମୁଖାର୍ଜୀ ଧନ୍ୟବାଦ ଅର୍ପଣ କରିଥିଲେ । ଏହି ଅବସରରେ ଦେଶର ବିଭିନ୍ନ ପ୍ରମୁଖ ବ୍ୟାଙ୍କର ମୁଖ୍ୟ ଓ ବିଭିନ୍ନ ଶିଳ୍ପର ମୁଖ୍ୟମାନେ ଯୋଗଦେଇ ନିଜର ମତବ୍ୟକ୍ତ କରିଥିଲେ । ଓଡିଶା ଆଇସିସି ଆଂଚଳିକ ମୁଖ୍ୟ ଜେପି ପାଲ ଓ ଆଇସିସିର ଅନ୍ୟ ପ୍ରମୁଖ ସଦସ୍ୟ ଉପସ୍ଥିତ ଥିଲେ ।

ନର୍ଲାରେ ବିଜେପି ଦଳର ସକ୍ରିୟ ସଦସ୍ୟତା ସମ୍ମିଳନୀ ଅନୁଷ୍ଠିତ

ଭବାନୀପାଟଣା, ୧୯/୦୪ (ଆ.ପ୍ର) : ଆଜି କଳାହାଣ୍ଡି ଜିଲ୍ଲା ନର୍ଲା ସହରରେ ଥିବା ଜିତୁ କମ୍ପ୍ଲେକ୍ସ ଠାରେ ବିଜେପି ଦଳ ପକ୍ଷରୁ ବିଧାନସଭା ସ୍ତରୀୟ ସକ୍ରିୟ ସଦସ୍ୟତା ସମ୍ମିଳନୀ ଅନୁଷ୍ଠିତ ହୋଇ ଯାଇଛି । ଜିଲ୍ଲା ଉପସଭାପତି ପ୍ରଶାନ୍ତ ସାହୁ ଓ ସଂଯୋଜକ ମନ ମୟ ଚାନ୍ଦଙ୍କ ତତ୍ତ୍ୱାବଧାନରେ ଆୟୋଜିତ ଉକ୍ତ କାର୍ଯ୍ୟକ୍ରମରେ କଳାହାଣ୍ଡି ସାଂସଦ ମାଳବିକା ଦେବୀ ମୁଖ୍ୟ ଅତିଥି ଭାବରେ ଯୋଗଦେଇ ଥିବା ବେଳେ ଜିଲ୍ଲା ସଭାପତି ଯୁଗଳ କିଶୋର ପୋଡ଼, ପୂର୍ବତନ ଜିଲ୍ଲା ସଭାପତି ଆର୍ତ୍ତତ୍ରାଣ ମହାପାତ୍ର, ବରିଷ୍ଠ ବିଜେପି ନେତା ଦେବେନ୍ଦ୍ର ମହାନ୍ତି, ବିଧାୟକ ପ୍ରାର୍ଥୀ ଅନିରୁଦ୍ଧ ପଧାନ୍ ପ୍ରମୁଖ ଉପସ୍ଥିତ ଥିଲେ । ଉକ୍ତ କାର୍ଯ୍ୟକ୍ରମରେ ଯେଉଁ ସଦସ୍ୟ ମାନେ ବିଜେପିର ସଦସ୍ୟତା ଅଭିଯାନରେ ୧୦୦ ଜଣଙ୍କୁ ସଦସ୍ୟତା ଗ୍ରହଣରେ ସାମିଲ୍ କରାଇ ସାରିଥିବେ ସେ ଭଳି ସକ୍ରିୟ ସଦସ୍ୟ ମାନେ ବହୁ ସଂଖ୍ୟାରେ ଯୋଗ ଦେଇଥିଲେ । ଉକ୍ତ ବୈଠକରେ ନର୍ଲା ଅଂଚଳର ବିଭିନ୍ନ ସମସ୍ୟା ବିଷୟରେ ପଚାରିବା ପାଇଁ ସାଂସଦ ନିଜେ ମଂଚରୁ ବାହାରି ସଭାରେ ବସିଥିବା କର୍ମୀ ମାନଙ୍କ ପାଖକୁ ଯାଇ ଅଭିଯୋଗ ପତ୍ର ଦେବାକୁ କହି ଲୋକଙ୍କ ଅଭିଯୋଗ ଶୁଣିଥିଲେ । ମନ ମୟ ଚାନ୍ଦ ଉକ୍ତ କାର୍ଯ୍ୟକ୍ରମର ମଂଚ ପରିଚାଳନା କରିଥିବା ବେଳେ ନର୍ଲା ଗୋଷ୍ଠି ସ୍ୱାସ୍ଥ୍ୟ କେନ୍ଦ୍ରରେ ଡାକ୍ତର ଅଭାବ ସମସ୍ୟା ବିଷୟ ରେ ଲୋକଙ୍କ ଅଭିଯୋଗ ଶୁଣି ସାଂସଦ ତୁରନ୍ତ ନର୍ଲା ଡାକ୍ତରଖାନା ପହଂଚି ଡାକ୍ତର ଗୋଷ୍ଠୀୟତଙ୍କ ସହିତ ଆଲୋଚନା କରିବା ସହିତ ନର୍ଲାରେ ସମତା ଏକ୍ସପ୍ରେସ୍‌ର ଠହଣି ଉପରେ ରେଳମନ୍ତ୍ରୀଙ୍କୁ ଅବଗତ କରାଯାଇଛି ବୋଲି ମତ ରଖିଥିଲେ ।

ସମସ୍ୟା ଘେରରେ ଟାକରା ଆଶ୍ରମ ବିଦ୍ୟାଳୟ, ୯ଟି ଶ୍ରେଣୀରେ ୪ଜଣ ଶିକ୍ଷକ

ଦଶପଲ୍ଲା, ୧୯/୦୪ (ଆ.ପ୍ର) : ଦଶପଲ୍ଲା ବ୍ଲକ ଅନ୍ତର୍ଗତ ଟାକେରା ଠାରେ ଅବସ୍ଥିତ ଟାକେରା ଆଶ୍ରମ ବିଦ୍ୟାଳୟ । ଆଦିବାସୀ ହରିଜନ ମଙ୍ଗଳ ବିଭାଗ ଦ୍ୱାରା ପରିଚାଳିତ ଏହି ବିଦ୍ୟାଳୟଟି ଆଜିବି ଅବହେଳିତ ଅବସ୍ଥାରେ ପଡ଼ି ରହିଛି । ଏହି ବିଦ୍ୟାଳୟରେ ବାଲବାଟିକା ଠାରୁ ଅଷ୍ଟମ ଶ୍ରେଣୀ ପର୍ଯ୍ୟନ୍ତ ପ୍ରାୟ ୧୫୦ରୁ ଊର୍ଦ୍ଧ୍ୱ ଛାତ୍ରଛାତ୍ରୀ ପାଠ ପଢୁଥିବା ବେଳେ ୧୦୦ ରୁ ଊର୍ଦ୍ଧ୍ୱ ଆଦିବାସୀ ହରିଜନ ଛାତ୍ରୀ ଏଠାରେ ଆବାସିକ ଭାବରେ ରହି ପାଠ ପଢୁଛନ୍ତି । ମାତ୍ର ୪ ଜଣ ଶିକ୍ଷକ ଓ ଜଣେ ଅତିଥି ଶିକ୍ଷକଙ୍କ ମାଧ୍ୟମରେ ଚାଲିଛି ଶିକ୍ଷାଦାନ । ସେତିକି ନୁହଁ ଦୀର୍ଘ ୧ ବର୍ଷ ହେବ ପ୍ରଧାନ ଶିକ୍ଷକ ପଦବୀ ଖାଲି ରହିଛି । ୯ ଗୋଟି ଶ୍ରେଣୀକୁ ୪ ଜଣ ଶିକ୍ଷକ କେମିତି ପାଠ ପଢ଼ାଇବେ ତାହା ଏବେ ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି କରିଛି । ଏଥିମଧ୍ୟରେ ବିଦ୍ୟାଳୟ ପରିଚାଳନା କମିଟି ସଭାପତି ସନ୍ତୋଷ କୁମାର ସାହୁ ଏବଂ ବହୁ ଅଭିଭାବକ କହିବା ମୁତାବକ ଶିକ୍ଷକ ସମସ୍ୟାକୁ ନେଇ ପୂର୍ବରୁ ଜିଲ୍ଲା ସମାଜ ମଙ୍ଗଳ ଅଧିକାରୀଙ୍କ ଦୃଷ୍ଟି ଗୋଚର କରାଯାଇଥିଲେ ମଧ୍ୟ ଏଯାବତ ବିଦ୍ୟାଳୟରେ ଥିବା ଶିକ୍ଷକ ସମସ୍ୟାରେ କୌଣସି ସମାଧାନ ହୋଇନାହିଁ । ତେବେ ବର୍ତ୍ତମାନ ୨୦୨୫-୨୬ ଶିକ୍ଷାବର୍ଷ ଆରମ୍ଭ ହୋଇଯାଇଥିବା ବେଳେ ଏ ସମସ୍ୟାର ସମାଧାନ ଅତ୍ୟନ୍ତ ଜରୁରୀ ହୋଇପଡ଼ିଛି । ଯଦି ଆଗାମୀ ୧୦ ଦିନ ମଧ୍ୟରେ ଏହାର କୌଣସି ସମାଧାନ କରାନଯାଏ ତେବେ ଏହା ଜନ ଆନ୍ଦୋଳନର ରୂପ ନେବ ବୋଲି ପରିଚାଳନା କମିଟି ସଭାପତି ଏବଂ ଅଭିଭାବକମାନେ ମତବ୍ୟକ୍ତ କରିଛନ୍ତି ।

ଭଦ୍ରେଶ୍ୱର ଠାରେ ସେଂଟ୍ରାଲ ବ୍ୟାଙ୍କ ଅଫ ଇଣ୍ଡିଆ ପକ୍ଷରୁ ବୃହତ ଋଣମେଳା କାର୍ଯ୍ୟକ୍ରମ ଅନୁଷ୍ଠିତ

ମାହାଙ୍ଗା, ୧୯/୦୪ (ଆ.ପ୍ର) : ମାହାଙ୍ଗା ବ୍ଲକର ଭଦ୍ରେଶ୍ୱର ଠାରେ ସେଂଟ୍ରାଲ ବ୍ୟାଙ୍କ ଅଫ ଇଣ୍ଡିଆ ଭଦ୍ରେଶ୍ୱର ଓ ନିଶ୍ଚିନ୍ତକୋଇଲି ଶାଖା ମିଳିତ ସହଯୋଗରେ ୨୨ଟି ମହିଳା ସ୍ୱୟଂସହାୟିକା ଗୋଷ୍ଠୀକୁ ଆତ୍ମ ନିର୍ଭର ହେବା ପାଇଁ ବ୍ୟାଙ୍କ ପକ୍ଷରୁ ଋଣ ପ୍ରଦାନ କରାଯାଇଛି । ଏହି ଉପଲକ୍ଷେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ମାହାଙ୍ଗା ବିଧାୟକ ଶାରଦା ପ୍ରସାଦ ପ୍ରଧାନ ଯୋଗଦେଇ ରାଜ୍ୟ ଓ କେନ୍ଦ୍ର ସରକାରଙ୍କ ଯୋଜନା ସଂପର୍କରେ ମତବ୍ୟକ୍ତ କରିବା ସହିତ ଏସଏଚଜି ଗ୍ରୁପର ମହିଳା ମାନେ କିଭଳି ଭାବରେ ବ୍ୟାଙ୍କରୁ ଋଣ ନେଇ ପରବର୍ତ୍ତୀ ସମୟରେ ବ୍ୟାଙ୍କରେ ମୂଳଧନ ପୈଠ କରିବା ସହ କୌଣସି ଧନ୍ଦାମୂଳକ କାର୍ଯ୍ୟ କରୁ ନଥିବା ନେଇ କ୍ଷୋଭ ପ୍ରକାଶ କରିଥିଲେ । ଏସ୍‌ଏଚ୍‌ଜି ଗ୍ରୁପର ମହିଳା ମାନେ ବ୍ୟାଙ୍କରୁ ଋଣ ନେଇ ଗୋପାଳନ, ମତ୍ସ୍ୟ ଚାଷ କରିବା ଉପରେ ଗୁରୁତ୍ୱ ଦେଇଥିଲେ । ଏହି କାର୍ଯ୍ୟକ୍ରମରେ ସେଂଟ୍ରାଲ ବ୍ୟାଙ୍କ ଅଫ ଇଣ୍ଡିଆର ରିଜୋନାଲ ଅଫିସର ମୁଖ୍ୟ ମୁକୁନ୍ଦ ଜରନ୍ ଯୋଗଦେଇ ବ୍ୟାଙ୍କ କିଭଳି ଓଡ଼ିଶାର ପ୍ରତି ଜିଲ୍ଲାରେ ନାରୀ ସଶକ୍ତି ନିମନ୍ତେ କାର୍ଯ୍ୟ କରୁଛି ସେ ନେଇ ମତ ବ୍ୟକ୍ତ କରିଥିଲେ । ୫୦କୋଟିରୁ ୧୦୦କୋଟି ପର୍ଯ୍ୟନ୍ତ ବ୍ୟାଙ୍କ ଋଣ ପ୍ରଦାନ କରିବାର ଲକ୍ଷ୍ୟ ରଖିଥିବା ସେ ସୂଚନା ଦେଇଥିଲେ । ମହିଳା ମାନେ ବିନା ସୁଧରେ ବ୍ୟାଙ୍କରୁ ଋଣ ନେଇ ତାର ସଦ୍‌ବିନିଯୋଗ କରିବା ଉପରେ ଗୁରୁତ୍ୱ ଦେଇଥିଲେ । ଏହି ଉତ୍ସବରେ ଭଦ୍ରେଶ୍ୱର ପଂଚାୟତର ସରପଂଚ କମଳାକାନ୍ତ ରାଉତ ଯୋଗଦେଇ ବ୍ୟାଙ୍କର ଏହିଭଳି କାର୍ଯ୍ୟକ୍ରମକୁ ପ୍ରଶଂସା କରିଥିଲେ । ସମ୍ମାନୀତ ଅତିଥି ଭାବେ ସେଂଟ୍ରାଲ ବ୍ୟାଙ୍କ ଅଫ ଇଣ୍ଡିଆ, ନିଶ୍ଚିନ୍ତକୋଇଲି ଶାଖା ପରିଚାଳକ ବସନ୍ତ କୁମାର ବିଶ୍ୱାଳ ଯୋଗଦେଇଥିଲା ବେଳେ ପରିବେଶବିତ୍ ଅକ୍ଷୟ କୁମାର ଷଡ଼ଙ୍ଗୀ ମଂଚ ପରିଚାଳନା କରିଥିଲେ । ଏହି ଅବସରରେ ମୁଖ୍ୟ ଅତିଥି ମାହାଙ୍ଗା ଓ ନିଶ୍ଚିନ୍ତକୋଇଲି ଅଂଚଳର ୨୨ଟି ଏସଏଚଜି ଗ୍ରୁପକୁ ଋଣ ଅର୍ଥ ପ୍ରଦାନ କରିବା ସହିତ ଭଦ୍ରେଶ୍ୱର ପଂଚାୟତର ଏମ୍‌ବିକେ ସିଆର୍‌ପି ମାନଙ୍କୁ ସମ୍ବର୍ଦ୍ଧିତ କରିଥିଲେ । ଏହି ଅବସରରେ ବ୍ୟାଙ୍କରେ କାର୍ଯ୍ୟ କରୁଥିବା ମହେନ୍ଦ୍ର କୁମାର ସ୍ୱାଇଁଙ୍କୁ ସମ୍ବର୍ଦ୍ଧିତ କରିଥିଲେ । କାର୍ଯ୍ୟକ୍ରମ ପରିଚାଳନାରେ ଉପଶାଖା ପ୍ରବନ୍ଧକ ମାନସ ରଂଜନ ପାତ୍ର, ଅଭିଜିତ୍ କେକେଟ୍ରା, କ୍ୟାସିଅର ଅରୁଣ କୁମାର ରାଉତ, ଭଦ୍ରେଶ୍ୱର ପଂଚାୟତର ଏଡିଇଓ ପ୍ରମୁଖ ସହଯୋଗ କରିଥିଲେ । ଶେଷରେ ଭଦ୍ରେଶ୍ୱର ସେଂଟ୍ରାଲ ବ୍ୟାଙ୍କ ଶାଖା ପରିଚାଳକ ଅମ୍ବୁଜ କୁମାର ନାୟକ ଧନ୍ୟବାଦ ଅର୍ପଣ କରିଥିଲେ । ଏହି କାର୍ଯ୍ୟକ୍ରମରେ ମାହାଙ୍ଗା ଓ ନିଶ୍ଚିନ୍ତକୋଇଲି ଅଂଚଳର ବହୁ ଏସ୍‌ଏଚ୍‌ଜିଗ୍ରୁପର ମହିଳା ସଭ୍ୟା, ସ୍ଥାନୀୟ ଅଂଚଳର ବୁଦ୍ଧିଜୀବି, ଜନପ୍ରତିନିଧି ଓ ଜନସାଧାରଣମାନେ ଉପସ୍ଥିତ ରହିଥିଲେ ।

ଅର୍ଥ ତୋଷାରପାତ ଓ ଯୌନ ନିର୍ଯାତନା ଅଭିଯୋଗରେ ପ୍ରଧାନ ଶିକ୍ଷକଙ୍କୁ ନିଲମ୍ବନ କଲା ପରିଚାଳନା କମିଟି

ଚିଲିକା/ବାଣପୁର, ୧୯/୦୪ (ଆ.ପ୍ର) : ବାଲୁଗାଁ ଚିଲିକାରାଣୀ ଇଂରାଜୀ ମାଧ୍ୟମିକ ବିଦ୍ୟାଳୟର ଅଧ୍ୟକ୍ଷଙ୍କ ବିରୋଧରେ ଆର୍ଥିକ ଅନିୟମିତତା ଓ ଜଣେ ମହିଳାଙ୍କୁ ନିର୍ଯ୍ୟାତନା ଦେଇ ଅଭିଯୋଗ ଆସିବା ପରେ ବିଦ୍ୟାଳୟ ପରିଚାଳନା କମିଟି ଏହା ଗୁରୁତ୍ୱର ନେଇ ଜରିତ ପଦକ୍ଷେପ ନେଇଛନ୍ତି । ପରିଚାଳନା କମିଟି ପକ୍ଷରୁ ବିଦ୍ୟାଳୟର ସମ୍ମାନର ସୁରକ୍ଷା ଏବଂ ଏହାର ପ୍ରତିକାର ପାଇଁ ଆବଶ୍ୟକ ପଦକ୍ଷେପ ନେଇଥିବା ସାମ୍ବାଦିକ ସମ୍ମିଳନୀରେ ବିଦ୍ୟାଳୟ କର୍ତ୍ତୃପକ୍ଷ ସୂଚନା ଦେଇଛନ୍ତି । ସଂପୃକ୍ତ ଅଧ୍ୟକ୍ଷ ଶିକ୍ଷା ପରିଚାଳନା ବିଭାଗର(ଏକାଡେମୀକ) ମୁଖ୍ୟ ହୋଇଥିଲେ ମଧ୍ୟ ବିଦ୍ୟାଳୟ ପରିଚାଳନା କମିଟିରେ ତାଙ୍କର କୌଣସି କର୍ତ୍ତୃତ୍ୱ ନଥିବା କମିଟି ପକ୍ଷରୁ ପ୍ରକାଶ ପାଇଛି । ତେବେ ବିଗତ କମିଟି କାର୍ଯ୍ୟକ୍ଷମ ଥିବା ବେଳେ ଅଧ୍ୟକ୍ଷ ନୀଳାଦ୍ରି ଭୂଷଣ ବେହେରା ନିଜର କ୍ଷମତା ବଳରେ ବିଦ୍ୟାଳୟର ବ୍ୟାପକ ଅର୍ଥ ତୋଷରପାତ କରିବା ଅଭିଯୋଗ ହୋଇଛି । ଏହାଛଡା ଅଧ୍ୟକ୍ଷ ଶ୍ରୀ ବେହେରାଙ୍କ ବିରୁଦ୍ଧରେ ମାନସିକ ଓ ଯୌନ ନିର୍ଯାତନା ନେଇ ଗତ ଫେବୃଆରୀ ମାସରେ ବାଲୁଗାଁ ଥାନାରେ ଜଣେ ଶିକ୍ଷୟିତ୍ରୀ ଲିଖିତ ଅଭିଯୋଗ କରିଥିବା ବେଳେ ପୁଲିସ ତଦନ୍ତ ଜାରି ରଖିଛି । ଅଧ୍ୟକ୍ଷଙ୍କ ବିରୁଦ୍ଧରେ ବହୁ ଅଭିଭାବକ ପରିଚାଳନା କମିଟିର ଦ୍ୱାରସ୍ଥ ହୋଇ ଅଭିଯୋଗ କରିବା ସହିତ ଦୃଢ଼ କାର୍ଯ୍ୟାନୁଷ୍ଠାନ ପାଇଁ ଦାବି କରିଛନ୍ତି । ଅଭିଯୋଗର ତଦନ୍ତ ସରିବା ପର୍ଯ୍ୟନ୍ତ କମିଟି ପକ୍ଷରୁ ଶ୍ରୀ ବେହେରାଙ୍କୁ ନିଲମ୍ବନ କରିବା ସହିତ ଶିକ୍ଷକ ମନୋରଞ୍ଜନ ମିଶ୍ରଙ୍କୁ ଦାୟିତ୍ୱ ପ୍ରଦାନ କରାଯାଇଥିବା ପରିଚାଳନା କମିଟିର ସଭାପତି କିରଣ କୁମାର ପାତ୍ର ଓ ସମ୍ପାଦକ ଅରୁଣ କୁମାର ବରାଳ ସାମ୍ବାଦିକ ସମ୍ମିଳନୀରେ ପ୍ରକାଶ କରିଛନ୍ତି ।

କଳିଙ୍ଗା ଉଚ୍ଚ ବିଦ୍ୟାଳୟରେ ଶିକ୍ଷକ ଏବଂ ଅଭିଭାବକଙ୍କ ବୈଠକ

ଜି.ଉଦୟଗିରି, ୧୯/୦୪ (ଆ.ପ୍ର) : ଜି.ଉଦୟଗିରି ବ୍ଲକ କଳିଙ୍ଗା ଉଚ୍ଚ ବିଦ୍ୟାଳୟ ଠାରେ ୨୦୨୫-୨୬ ଶିକ୍ଷା ବର୍ଷର ପ୍ରଥମ ଶିକ୍ଷକ ଏବଂ ଅଭିଭାବକ ବୈଠକ ପ୍ରଧାନ ଶିକ୍ଷୟିତ୍ରୀ ସୁମିତାରାଣୀ ଯୋଶୀରା ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି ଓ ଉକ୍ତ ବୈଠକରେ ବିଦ୍ୟାଳୟର ସହକାରୀ ଶିକ୍ଷକ ବିକାଶ ପାଣିଗ୍ରାହୀ, ଜଗନ୍ନାଥ ପ୍ରଧାନ ଏବଂ ସହକାରୀ ଶିକ୍ଷୟିତ୍ରୀ ଜ୍ୟୋସ୍ନାମୟି ସାହୁ, ସ୍ମୃତି କୁମାର, ପିଙ୍କିମା ପ୍ରଧାନ ପ୍ରମୁଖଙ୍କ ସମେତ ମଶାଲ ଅଭିଯାନର ସଭାପତି ଓ ସମସ୍ତ ଅଭିଭାବକ ଉପସ୍ଥିତ ଥିଲେ ଓ ଆଜିର ଏହି ବୈଠକ ରେ ପିଲାଙ୍କ ଶିକ୍ଷା, ଉଜ୍ଜ୍ୱଳ ଭବିଷ୍ୟତ ଓ ସଠିକ୍ ଭାବେ ସ୍କୁଲ ପରିଚାଳନା ନିମନ୍ତେ ବିଶେଷ ଭାବେ ଗୁରୁତ୍ୱପୂର୍ଣ୍ଣ ଆଲୋଚନା ହୋଇଥିଲା ଓ ପରିଶେଷରେ ଶିକ୍ଷୟିତ୍ରୀ ଜ୍ୟୋସ୍ନାମୟୀ ସାହୁ ଉପସ୍ଥିତ ସମସ୍ତ ଅଭିଭାବକଙ୍କୁ ଧନ୍ୟବାଦ ଅର୍ପଣ କରିବା ସହ ସଭା ସାଙ୍ଗ କରିଥିଲେ ।

ଦଶପଲ୍ଲା ଲଙ୍କାପୋଡି ର ବାଳୀ ଓ ସୁଗ୍ରୀବ ଯୁଦ୍ଧ ସହିତ ସୀତାଠାବ

ଦଶପଲ୍ଲା, ୧୯/୦୪ (ଆ.ପ୍ର) : ବିଶ୍ୱ ପ୍ରସିଦ୍ଧ ସର୍ବ ପୁରାତନ ମୁକ୍ତାକାଶ ରଙ୍ଗମଂଚ ଦଶପଲ୍ଲାର ଐତିହାସିକ ଲଙ୍କାପୋଡ଼ି ଯାତ୍ରାର ଖୋଲା ମଂଚ ରେ ବାଳୀବଧ, ସୁଗ୍ରୀବଙ୍କ ଅଭିଷେକ ଓ ସୀତାଠାବ ପାଇଁ ଅଷ୍ଟମଲ୍ଲଙ୍କ ସହିତ ମନ୍ତ୍ରଣା ନୀତି ପାରମ୍ପରିକ ରୀତିନୀତି ଅନୁଯାଇ, ବୈଦିକ ବ୍ରାହ୍ମଣ ଓ ସେବାୟତ ମାନଙ୍କ ଦ୍ୱାରା ସଂପର୍ଣ୍ଣ ହୋଇଥିଲା ।ଶୋକାଧିର ରାମ -ଲକ୍ଷ୍ମଣ ଆଗକୁ ଯାଇ ଦେଖନ୍ତି, ପକ୍ଷ ଛେଦନ ଯନ୍ତ୍ରଣାରେ ଛଟପଟ ହେଉଥିବା ପକ୍ଷୀରାଜ ଜଟାୟୁଙ୍କୁ ଲଙ୍କାଧିପତି ରାବଣ ବଳ ପୂର୍ବକ ଅପହରଣ କରି ଆକାଶ ମାର୍ଗରେ ପୁଷ୍ପକ ବିମାନରେ ଦକ୍ଷିଣ ଦିଗକୁ ଚାଲି ଯାଇଥିବା ବାର୍ତ୍ତା ଦେଇ ଦେହ ତ୍ୟାଗ କରନ୍ତି ଜଟାୟୁ । ସୀତାଙ୍କ ସନ୍ଧାନରେ ଦକ୍ଷିଣ ଦିଗକୁ ପ୍ରଭୁ ଶ୍ରୀରାମ ଓ ଅନୁଜ ଲକ୍ଷ୍ମଣ ଅଗ୍ରସର ହୁଅନ୍ତି ଏବଂ କିଷ୍କିନ୍ଧା ରାଜ୍ୟରେ ପ୍ରବେଶ କରନ୍ତି । ପ୍ରବଳ ପରାକ୍ରମୀ ବାନର ରାଜା ବାଳୀଙ୍କ ପ୍ରଭାବରେ ସାନ ଭାଇ ସୁଗ୍ରିବ ଋଷ୍ୟମୁଖ ପର୍ବତରେ ଆତ୍ମ ଗୋପନ କରନ୍ତି । କପିରାଜ ସୁଗ୍ରିବଙ୍କ ସହିତ ଜାମ୍ବବାନ ହନୁମାନ, ଅଙ୍ଗଦ, ନଳ, ନୀଳ, ଗବୟ ଓ ଗବାକ୍ଷ ଆଦି ଅଷ୍ଟସେନା ମଧ୍ୟ ଥାନ୍ତି । ସେମାନେ ଋଷିମୁଖ ପର୍ବତ ଉପରୁ ନୀରିକ୍ଷଣ କରି ଦୁଇ ଭାଇଙ୍କୁ ଗୁପ୍ତଚର ମନେକରି ମହାପରାକ୍ରମୀ ଚତୁର ହନୁମାନଙ୍କୁ ବ୍ରାହ୍ମଣ ବେଶରେ ପଠାନ୍ତି । ହନୁମାନ ରାମଲକ୍ଷ୍ମଣଙ୍କୁ ଚିହ୍ନିପାରି ଦୁଇ ଭାଇଙ୍କୁ କାନ୍ଧରେ ବସାଇ ସୁଗ୍ରିବଙ୍କ ପାଖରେ ପହଁଚାଇବା ପରେ ମୈତ୍ରିର ମହାମିଳନ ପାଳନ ହୁଏ । ଏହାପରେ ସୁଗ୍ରୀବ ମହାବଳୀ ବାଳୀର ସମସ୍ତକୁ କର୍ମ ବିଷୟରେ ପ୍ରଭୁ ଶ୍ରୀରାମଙ୍କୁ ଅବଗତ କଲାପରେ, ପ୍ରଭୁ ଶ୍ରୀରାମ ବାଳୀବଧ କରିବାକୁ ଶପଥ ନିଅନ୍ତି । ପ୍ରଭୁ ଶ୍ରୀରାମଙ୍କ ବୀରତ୍ୱ ଉପରେ ସୁଗ୍ରୀବଙ୍କ ସନ୍ଦେହ ହେବାରୁ, ପ୍ରଭୁ ସୁଗ୍ରୀବଙ୍କ ଶଙ୍କା ଦୂରପାଇଁ ଦୁନ୍ଦୁଭି ଅସ୍ଥି ନିକ୍ଷେପଣ ଓ ଶପ୍ତ ଶଳାକା ଛେଦନ କରିବାପରେ, ମହାବୀର ବାନରରାଜ ବାଳୀଙ୍କୁ ବଧକରି ସୁଗ୍ରୀବଙ୍କୁ କିଷ୍କିନ୍ଧା ରାଜ୍ୟରେ ଅଭିସିକ୍ତ କରନ୍ତି ପ୍ରଭୁ ଶ୍ରୀରାମ । ଏହାପରେ ସୀତାଠାବ ପାଇଁ ଅଷ୍ଟମଲ୍ଲଙ୍କ ସହିତ ମନ୍ତ୍ରଣାକରି ବିଭିନ୍ନ ଦିଗକୁ ମଲ୍ଲ ମାନଙ୍କୁ ପ୍ରେରଣ କରିବା ନିଷ୍ପତି ଗ୍ରହଣ କରାଯିବା ଅଭିନୟ ମୁଖ୍ୟମଂଚରେ ଅନୁଷ୍ଠିତ ହୋଇଥିଲା । ମୁଖ୍ୟ ମଂଚରେ ଆଜିର ନୀଳାଭିନୟ ଅତ୍ୟନ୍ତ ଚିତାକର୍ଷକ ଓ ହୃଦୟସ୍ପର୍ଶୀ ହୋଇଥିଲା ।

କାଠ ଶ୍ରମିକର ମୃତ୍ୟୁକୁ ନେଇ ବଢ଼ିଲା ସନ୍ଦେହ

ମାହାଙ୍ଗା, ୧୯/୦୪ (ଆ.ପ୍ର) : ମାହାଙ୍ଗା ଅଂଚଳରେ କାଠ କାଟିବାରେ ସାହାଯ୍ୟ କରୁଥିବା ଶ୍ରମିକର ମୃତ୍ୟୁକୁ ନେଇ ସାଧାରଣରେ ସନ୍ଦେହ ସୃଷ୍ଟି ହୋଇଛି । କେତେକ ଗଣମାଧ୍ୟମରେ ଖବର ପ୍ରକାଶ ପାଇଥିଲା ଯେ କାଠବୋଝେଇ ଟ୍ରାକ୍ଟରରୁ ଖସିପଡି ଶ୍ରମିକ ଶ୍ରୀକୃଷ୍ଣପୁର ଗ୍ରାମର ମୁରଲୀଧର ଜେନାଙ୍କ ମୃତ୍ୟୁ ଘଟିଛି । ଏନେଇ ମୁରଲୀଧର ଜେନାଙ୍କ ପୁଅ ମନୋଜ କୁମାର ଜେନା ମାହାଙ୍ଗା ଥାନାରେ ଏଫଆଇଆର୍ ଦେଇଛନ୍ତି ଯେ ଓଡି୦୫ଏ-ଜେଡ-୦୧୦୯ ଟ୍ରାକ୍ଟରରେ ବସି କୁଆଁପାଳ ଯାଉଥିବା ସମୟରେ ଖନ୍ଦୋଳ ବଜାର ପୂର୍ବରୁ ଡ୍ରାଇଭରର ଅସାବଧାନତା ଯୋଗୁ ଟ୍ରାକ୍ଟର ହମ୍ପରେ ପଡିଯିବାରୁ ତାଙ୍କ ବାପା ଟ୍ରାକ୍ଟର ଉପରୁ ତଳକୁ ଖସିପଡି ଚେତାଶୂନ୍ୟ ହୋଇପଡିଥିଲେ । ତାଙ୍କୁ ଚିକିତ୍ସା ନିମନ୍ତେ ମାହାଙ୍ଗା ଗୋଷ୍ଠୀସ୍ୱାସ୍ଥ୍ୟକେନ୍ଦ୍ରକୁ ନିଆଯାଇଥିଲା ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ । ଏକ ଭିଡିଓରୁ ଶୁଣାଯାଉଛି ଯେ ମୃତକ ମୁରଲୀଧର ଜେନାଙ୍କ ବଡଭାଇ ସୂଚନା ଦେଇଛନ୍ତି ଭଦ୍ରେଶ୍ୱର ଥାନା ଅଂଚଳରେ କାଠ କଟାଯାଉଥିଲା । ସାଧାରଣରେ ଚର୍ଚ୍ଚା ହେଉଛି କାଠ ଲୋଡ ସମୟରେ କାଠଗଣ୍ଡି ଖସିପଡିବା ଫଳରେ ମୁରଲୀଧର ଜେନା ଜଙ୍ଘରେ ଶକ୍ତ ଆଘାତ ଲାଗିଥିଲା । ଭଦ୍ରେଶ୍ୱର ଥାନା ପୋଲିସକୁ ଯୋଗାଯୋଗ କରିବାରୁ ସେ ଗଣମାଧ୍ୟମକୁ ସୂଚନା ଦେଇଥିଲେ ଯେ ତାଙ୍କ ଏରିଆରେ ଏଭଳି ଘଟଣା ଘଟିନାହିଁ । ଗତ କାଲି ରାତି ୭ଟାରେ ମାହାଙ୍ଗା ଥାନା ଆଇଆଇସି ପଚାରିବାରୁ ସେ କହିଥିଲେ ମୃତ୍ୟୁ ସଂପର୍କୀତ ସୂଚନା ତାଙ୍କ ପାଖରେ ନାହିଁ, ମାହାଙ୍ଗା ଗୋଷ୍ଠୀସ୍ୱାସ୍ଥ୍ୟକେନ୍ଦ୍ରର ଭାରପ୍ରାପ୍ତ ଅଧିକାରିଣୀ ତନୁସ୍ମିତା ବିଶ୍ୱାଳଙ୍କୁ ମୋବାଇଲରେ ଫୋନ କରିବାରୁ ସେ ଫୋନ ଉଠାଇ ନଥିଲେ । ଏହି ଘଟଣାକୁ ନେଇ ସାଧାରଣରେ ଆଲୋଚନା ହେଉଛି ଯେ ବେଆଇନ କାଠବେପାରୀଙ୍କ ସୁରକ୍ଷାରେ କିଏ କାର୍ଯ୍ୟ କରୁଛି । ସଂପୃକ୍ତ ଟ୍ରାକ୍ଟରର କାଗଜପତ୍ର ଠିକ୍ ଅଛିକି ନାହିଁ, ଚାଳକଙ୍କ ଡ୍ରାଇଭିଂ ଲାଇସେନ୍ସ ଅଛି କି ନାହିଁ, ଅପରପକ୍ଷେ ସାଧାରଣରେ ଶୁଣିବାକୁ ମିଳୁଛି ଯେ ଦିନ ୧୦ଟା୩୦ରେ ଘଟଣା ଘଟିଥିଲା ବେଳେ କିଭଳି ସ୍ଥାନୀୟ ଲୋକେ ଓ ପୋଲିସ ପ୍ରଶାସନ ଜାଣିପାରିଲା ନାହିଁ । ଘଟଣାକୁ ଚପାଇ ଦେବା ପାଇଁ କୌଣସି ଷଡ଼ଯନ୍ତ୍ର କରାଯାଉ ନାହିଁ । ଏଣୁ ପୋଲିସ ଉଚ୍ଚ କର୍ତ୍ତୃପକ୍ଷ ଏଥିପ୍ରତି ଦୃଷ୍ଟି ଦେବାକୁ ସାଧାରଣରେ ଦାବି ହେଉଛି ।

ଅନାବାଦୀ ଜମିକୁ କେନ୍ଦ୍ରକରି ବୋଇତକୁଦରେ ଗୋଷ୍ଠି ସଙ୍ଘର୍ଷ

କାକଟପୁର, ୧୯/୦୪ (ଆ.ପ୍ର) : କାକଟପୁର ବ୍ଲକ ଅନ୍ତର୍ଗତ ବୋଇତକୁଦ ଗ୍ରାମରେ ଅନେକ ପରିମାଣର ସରକାରୀ ଜମିକୁ ପ୍ରାୟ ପଚାଶ ପରିବାର ଜବରଦଖଲ କରିରଖିଛନ୍ତି । ଯାହାକୁ ନେଇ ସେମାନଙ୍କ ଭିତରେ ସୀମା ବିବାଦ ଥିବାରୁ ଗ୍ରାମରେ ଅନେକ ହିଂସା ହେଉଥିବା ଦେଖିବାକୁ ମିଳୁଛି । ଯାହାଫଳରେ ସ୍ଥାନୀୟ ପ୍ରଶାସନର ମୁଣ୍ଡବିନ୍ଧାର କାରଣ ପାଲିଟିଛି ଏବଂ ସରକାରୀ ବିକାଶ କାର୍ଯ୍ୟ ମଧ୍ୟ ଉକ୍ତ ସ୍ଥାନରେ ହେଇପାରୁନାହିଁ । ଏହି ବିବାଦ ଗୁଡିକ ଏବେ ସୀମା ଲଙ୍ଘିଛି । ସୂଚନା ଅନୁଯାଇ ରାସ୍ତା ଓ ସୀମା ବିବାଦକୁ କେନ୍ଦ୍ର କରି ଗତ ଗୁରୁବାର ଦିନ ବୋଇତକୁଦ ଗ୍ରାମ ରେ ଦୁଇ ପରିବାର ଭିତରେ ଗୋଷ୍ଠୀ ସଂଘର୍ଷ ହୋଇ ଛଅ ଜଣ ଆହତ ହେବା ସହ ଦୁଇ ଜଣ ଗୁରୁତର ହୋଇ କଟକ ବଡ଼ ମେଡିକାଲ ଚିକିତ୍ସା ହେଉଛନ୍ତି । ଉକ୍ତ ଘଟଣାରେ ପୋଲିସ ତଦନ୍ତ ଜାରିରଖିଛି । ବୋଇତକୁଦ ଗ୍ରାମର ଲୋକମାନେ ସରକାରୀ ଜମିକୁ ଜବରଦଖଲ କରି ରହୁଥିବା ବେଳେ, ନିଜ ନିଜ ଭିତରେ ଏଭଳି ବାରମ୍ବାର ଗଣ୍ଡଗୋଳ ମାରପିଟ ହେଉଥିବାରୁ ସ୍ଥାନୀୟ ଅଂଚଳରେ ବିଭିନ୍ନ ସମୟରେ ଅପ୍ରତିକର ପରିବେଶ ସୃଷ୍ଟି ହେଉଛି । ଏହି ଘଟଣା ବାରମ୍ବାର ହେଉଥିବାରୁ ମୂଳାଗଡ ମୌଜା ଗ୍ରାମବାସୀ ମାନେ ମୂଳାଗଡ ମୌଜାର ବୋଇତକୁଦରୁ ସମସ୍ତ ସରକାରୀ ଜମି ଉଚ୍ଛେଦ ପାଇଁ ପ୍ରଶାସନକୁ ଦାବି କରିଛନ୍ତି । ଅନେକ ବୁଦ୍ଧିଜୀବୀ ଓ ପ୍ରଶାସନ ମତ ପ୍ରକାଶ କରିଛନ୍ତି । ଯଦି ଆଗାମୀ ଦିନରେ ଏହିଭଳି ସୀମା ବିବାଦ ବୁଝାମଣା କିମ୍ବା ଗ୍ରାମ କମିଟି ଦ୍ୱାରା ସମାଧାନ ନକରାଯାଏ, ତାହେଲେ ଉକ୍ତ ଜବରଦଖଲ ଗୁଡିକ ଖୁବ ଶୀଘ୍ର ଉଚ୍ଛେଦ କରାଯିବ ।

ନୂତନ ରେସନ କାର୍ଡ ପ୍ରସ୍ତୁତି ନିମନ୍ତେ ଇ - କେ.ୱାଇ.ସି ଯାଂଚ ନିହାତି ଜରୁରୀ

ଅନୁଗୋଳ, ୧୯/୦୪ (ଆ.ପ୍ର) : ରାଜ୍ୟ ସରକାରଙ୍କ ନିର୍ଦ୍ଦେଶ କ୍ରମେ, ନୂତନ ରାସନ କାର୍ଡ ପାଇଁ ଆବେଦନ କରିଥିବା ସମସ୍ତ ଆବେଦନକାରୀଙ୍କ ଯାଂଚ ତଥା କ୍ଷେତ୍ର ତର୍ଜମା ପରେ ଯୋଗ୍ୟ ହିତାଧିକାରୀଙ୍କ ପାଇଁ ବର୍ତ୍ତମାନ ନୂତନ ରାସନ କାର୍ଡ ପ୍ରସ୍ତୁତି କରାଯାଉଛି । ଏହି ପରିପ୍ରେକ୍ଷୀରେ ନୂତନ ରାସନ କାର୍ଡ ପ୍ରସ୍ତୁତ ନିମନ୍ତେ ପରିବାରର ସମସ୍ତ ସଦସ୍ୟଙ୍କ ଇ-କେ. ୱାଇ.ସି ଯାଂଚ ନିହାତି ଜରୁରୀ ଅଟେ । ଏଣୁ ଜିଲ୍ଲାର ସମସ୍ତ ଆବେଦନକାରୀ ନିଜ ବ୍ଲକ କିମ୍ବା ପୌରାଂଚଳରେ ଥିବା ଯୋଗାଣ ନିରୀକ୍ଷକଙ୍କ ସହ ଯୋଗାଯୋଗ କରି ଯଥାଶୀଘ୍ର ଇ-କେ.ୱାଇ.ସି ଯାଂଚ କରାଇନିଅନ୍ତୁ ବୋଲି ଜିଲ୍ଲା ଯୋଗାଣ ଅଧିକାରୀଙ୍କ କାର୍ଯ୍ୟାଳୟରୁ ପ୍ରକାଶ ।

ବିଧବା ମହିଳାଙ୍କୁ ନ୍ୟାୟ ମିଳିଲା, ୨ସପ୍ତାହ ମଧ୍ୟରେ ପେନସନ ପ୍ରଦାନ ପାଇଁ ହାଇକୋର୍ଟଙ୍କ ନିର୍ଦ୍ଦେଶ

ଖଣ୍ଡପଡ଼ା, ୧୯/୦୪ (ଆ.ପ୍ର) : ସ୍ୱାମୀଙ୍କର ଅକାଳ ବିୟୋଗ ପରେ ଶଶୁରଘର ଛାଡି ବାପଘର ଖଣ୍ଡପଡ଼ା ସହରରେ ରହି ଆସୁଥିବା ବିଧବା ମହିଳା ଶୈଳସୁତା ମହାପାତ୍ର (୫୬)ଙ୍କୁ ଆସନ୍ତା ୨ ସପ୍ତାହ ମଧ୍ୟରେ ପେନସନ ପ୍ରଦାନ ପାଇଁ ଉଚ୍ଚ ନ୍ୟାୟାଳୟ ରାଜ୍ୟ ସରକାରଙ୍କ ଅର୍ଥ ବିଭାଗ ଏବଂ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗକୁ ନିର୍ଦ୍ଦେଶ ଦେଇଥିବା ଜଣାପଡିଛି । ସୂଚନା ଅନୁଯାୟୀ ଖଣ୍ଡପଡ଼ା ସହରାଂଚଳ ଅଧୀନ ୬ନଂ ୱାର୍ଡ ଦାଣ୍ଡସାହିର ବାସିନ୍ଦା ଡାକ୍ତର କିଶୋର ଚନ୍ଦ୍ର ମହାପାତ୍ରଙ୍କର ମୃତ୍ୟୁ ପରେ ତାଙ୍କର ପତ୍ନୀ ଇନ୍ଦୁମତୀ ମହାପାତ୍ର ରାଜ୍ୟ ସରକାରଙ୍କ ପକ୍ଷରୁ ପ୍ରତିମାସରେ ପରିବାର ପେନସନ ପାଇ ଆସୁଥିଲେ । ଇନ୍ଦୁମତୀଙ୍କ ବିଧବା ଝିଅ ଶୈଳସୁତା ବାପ ଘରେ ଆଶ୍ରୟ ନେଇଥିବା ବେଳେ ଉଭୟେ ମା ଓ ଝିଅ ପ୍ରତିମାସରେ ମିଳୁଥିବା ଏହି ପେନସନ ଅର୍ଥରେ ପ୍ରତିପୋଷଣ ହୋଇ ଆସୁଥିଲେ । ମାତ୍ର ଗତ ୨୦୧୬ ଜୁଲାଇ ୬ ତାରିଖରେ ଇନ୍ଦୁମତୀଙ୍କ ମୃତ୍ୟୁ ବରଣ ପରେ ସରକାରଙ୍କ ପକ୍ଷରୁ ମିଳୁଥିବା ପରିବାର ପେନସନ ବନ୍ଦ ହୋଇଯାଇଥିଲା । ଇନ୍ଦୁମତୀଙ୍କ ବିଧବା ଝିଅ ଭାବେ ଶୈଳସୁତା ନିୟମାନୁସାରେ ପେନସନ ପାଇବା ପାଇଁ ୨୦୧୮ ନଭେମ୍ବର ୧୫ ତାରିଖରେ ରାଜ୍ୟ ସରକାରଙ୍କ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ନିକଟରେ ଆବେଦନ ପତ୍ର ଦାଖଲ କରିଥିଲେ । ମାତ୍ର ବିଭାଗ ପକ୍ଷରୁ ଆବେଦନକାରୀଙ୍କ ଆବେଦନ ପତ୍ରକୁ ୨ଥର ଅଗ୍ରାହ୍ୟ କରି ଦିଆଯାଇଥିଲା । ପରିଶେଷରେ ଆବେଦନକାରିଣୀ ନ୍ୟାୟ ପାଇବା ନିମନ୍ତେ ମାନ୍ୟବର ଉଚ୍ଚ ନ୍ୟାୟାଳୟଙ୍କ ଦ୍ୱାରସ୍ଥ ହୋଇଥିଲେ । ମାନ୍ୟବର ଉଚ୍ଚ ନ୍ୟାୟାଳୟ ମାମଲାରେ ହସ୍ତକ୍ଷେପ କରି ରାଜ୍ୟ ସରକାରଙ୍କ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗର ନିଷ୍ପତିକୁ ବେଆଇନ, ଅମୂଳକ ବୋଲି ଘୋଷଣା କରିବା ସହ ମାମଲାର ଶୁଣାଣି କରି ଓଡ଼ିଶା ପେନସନ ନିୟମାନୁଯାୟୀ ଆସନ୍ତା ୨ସପ୍ତାହ ମଧ୍ୟରେ ସଂପୃକ୍ତ ମହିଳାଙ୍କୁ ପେନସନ ପ୍ରଦାନ କରିବାକୁ ନିର୍ଦ୍ଦେଶନାମା ଜାରି କରିଥିବା ଜଣାଯାଇଛି । ଆବେଦନକାରିଣୀଙ୍କ ପକ୍ଷରୁ ଉକ୍ତ ମାମଲାଟିକୁ ଉଚ୍ଚ ନ୍ୟାୟାଳୟର ବରିଷ୍ଠ ଆଇନଜୀବୀ ଅମିତାଭ ତ୍ରିପାଠୀ ପରିଚାଳନା କରୁଥିବାର ଜଣାପଡିଛି ।

ମା' ଶାରଳା ଯୁବକ ସଂଘ ପକ୍ଷରୁ ଅନ୍ନ ପ୍ରସାଦ ବଂଟନ

ଜଗତସିଂହପୁର, ୧୯/୦୪ (ଆ.ପ୍ର) : ଜଗତସିଂହପୁରର ଅଧିଷ୍ଠାତ୍ରୀ ଦେବୀ ମା' ଶାରଳାଙ୍କ ପୁଣ୍ୟ ପୀଠରେ ପବିତ୍ର ମହାବିଷୁବ ସଂକ୍ରାନ୍ତି ଓ ଓଡ଼ିଆ ନୂଆ ବର୍ଷ ଅବସରରେ ମା ଶାରଳା ଯୁବକ ସଂଘ ପକ୍ଷରୁ ସ୍ୱେଚ୍ଛାକୃତ ଭାବେ ଭକ୍ତ ମାନଙ୍କୁ ଅନ୍ନ ପ୍ରସାଦ ବଂଟନ କରାଯାଇଥିଲା । ଏଥିସହିତ ମନ୍ଦିର ପାଖରେ ବସିଥିବା ଅସହାୟ ବ୍ୟକ୍ତିମାନଙ୍କୁ ପ୍ରସାଦ ବଂଟନ କରାଯାଇଥିଲା । ତେବେ ପାଖା ପାଖି ୧୨୦୦ ଭକ୍ତଙ୍କୁ ଏହି ପ୍ରସାଦ ବଂଟନ କରାଯାଇଥିଲା । ଉକ୍ତ ଦିନ ସଂଘ ପକ୍ଷରୁ ପଣା ବଂଟନର ବ୍ୟବସ୍ଥା ମଧ୍ୟ କରାଯାଇଥିଲା । ଏହି କାର୍ଯ୍ୟକ୍ରମରେ ସଂଘର ସଦସ୍ୟ ଆଶିଷ ମହାରଣା, ସୌମ୍ୟରଂଜନ ମହାରଣା, କ୍ଷେତ୍ରବାସୀ ଦାଶ, ଜୟଶ୍ରୀ ସାହୁ, ଅରୁଣ କୁମାର ରଥ (ଟୁନା ଭାଇନା), ସନ୍ଧ୍ୟାରାଣୀ ବିଶ୍ୱାଳ, ଶ୍ରୀମୟୀ ମହାନ୍ତି, ପୂଜା ମହାନ୍ତି, ସସ୍ମିତା ଦାଶ, ସାଗର ବେହୁରା, ନାରାୟଣ ବାରିକ, ସତ୍ୟଜିତ ପରିଡା, ଜ୍ଞାନରଞ୍ଜନ ପଣ୍ଡା, ବାପି ଭାଇ ଓ ବଳରାମ ସାରଙ୍କ ସମେତ ଅନ୍ୟ ସଦସ୍ୟ ମାନେ ସାମିଲ ହୋଇ ପରିଚାଳନାରେ ସହାୟତା କରିଥିଲେ ।

ଲିଟିଲ ଷ୍ଟାର ଗ୍ରୁପ ପକ୍ଷରୁ ବ୍ୟକ୍ତିତ୍ୱ ବିକାଶ କର୍ମଶାଳା

ନିମାପଡା, ୧୯/୦୪ (ଆ.ପ୍ର) : ନିମାପଡା-ଅଗ୍ରଣୀ ଅନୁଷ୍ଠାନ ଲିଟିଲ ଷ୍ଟାର ଗ୍ରୁପ ପକ୍ଷରୁ ପିଲାମାନଙ୍କ ମଧ୍ୟରେ ଲୁଚି ରହିଥିବା ପ୍ରତିଭାର ବିକାଶ କରି ସେମାନଙ୍କ ବ୍ୟକ୍ତିତ୍ୱର ପରାକାଷ୍ଠାକୁ ବଢାଇବା ଲକ୍ଷ୍ୟରେ ୨୩ତମ ବ୍ୟକ୍ତିତ୍ୱ ବିକାଶ କର୍ମଶାଳା ଆଜି ସ୍ଥାନୀୟ ଦକ୍ଷିଣେଶ୍ୱରୀ ବିଦ୍ୟାଳୟ ଠାରେ ଅନୁଷ୍ଠିତ ହୋଇଯାଇଛି । ଗ୍ରୁପର ସମ୍ପାଦକ ସୁମନ୍ତ ମହାରଣାଙ୍କ ସଂଯୋଜନାରେ ପିଲାମାନେ ଗୀତ, ବକ୍ତୃତା, ଗଳ୍ପ କଥନ କବିତା ଆବୃତି ଆଦି କ୍ଷେତ୍ରରେ ସେମାନଙ୍କ ପ୍ରତିଭା ପ୍ରଦର୍ଶନ କରିଥିଲେ.ବିଦ୍ୟାଳୟର ପ୍ରଧାନ ଶିକ୍ଷକ ହରିହର ସ୍ୱାଇଁ, ଶିକ୍ଷକ ନିର୍ମଳ ମିଶ୍ର, ପୂର୍ଣ୍ଣ ଚନ୍ଦ୍ର ରାଉତ, ଶିକ୍ଷାବିତ ପ୍ରକାଶ ଖଟୋଇ ଫାର୍ମାସିଷ୍ଟ ଆଇ । ତ୍ରିନାଥ ପାତ୍ର ପ୍ରମୁଖ ଯୋଗ ଦେଇ ପିଲାମାନେ ଜୀବନରେ ନିଜର ବ୍ୟକ୍ତିତ୍ୱ ବଳରେ ସାଧୁତା ଓ ସଚ୍ଚୋଟତା ବଜାଇ ରଖି ବଡ଼ ମଣିଷ ହେବାକୁ ପରାମର୍ଶ ଦେଇଥିଲେ । ଏଇ ଅବସରରେ ପ୍ରକାଶ ପାଉଥିବା ସାହିତ୍ୟ ପତ୍ରିକା 'ମୋ ଆଶା'ର ଗ୍ରୀଷ୍ମ ସଂଖ୍ୟା ଉନ୍ମୋଚନ କରାଯାଇ ପିଲାମାନଙ୍କ ଦ୍ୱାରା ସମୀକ୍ଷା କରାଯାଇଥିଲା । ଉତ୍ସବରେ ପିଲାମାନଙ୍କ ସହ ସେମାନଙ୍କ ଅଭିଭାବକ ଓ ଶିକ୍ଷକ ଶିକ୍ଷୟିତ୍ରୀ ଯୋଗଦେଇଥିବା ବେଳେ ପିଲାମାନଙ୍କ ପ୍ରତିଭାର ବିକାଶ ପାଇଁ ଏକ ସପ୍ତାହ ଧରି ଏହି କାର୍ଯ୍ୟକ୍ରମ ବିଭିନ୍ନ ଶିକ୍ଷାନୁଷ୍ଠାନରେ ଅନୁଷ୍ଠିତ ହେବ ବୋଲି ଗ୍ରୁପ ସୂତ୍ରରୁ ପ୍ରକାଶ । ଆଜିର କାର୍ଯ୍ୟକ୍ରମକୁ ଗ୍ରୁପ ପକ୍ଷରୁ ଅଜୟ ମିଶ୍ର, ଅମିୟ ମିଶ୍ର ଓ ଉର୍ମିଳା ମହାରଣା ପ୍ରମୁଖ ପରିଚାଳନା କରିଥିଲେ ।

ସେଇଠୁ ଆରମ୍ଭ

SEITHO ARAMBHA

ରବିବାର, ୨୦ ଅପ୍ରେଲ,୨୦୨୫ : ବାଲେଶ୍ୱର : ପୃଷ୍ଠା - ୩

ରେମୁଣା ବିଜେପିର ସକ୍ରିୟ ସଦସ୍ୟ ସମ୍ମିଳନୀ ଅନୁଷ୍ଠିତ

ବାଲେଶ୍ୱର, ୧୯/୦୪ (ଆ.ପ୍ର) : ଶନିବାର ସକାଳ ୧୦ ଘଟିକା ସମୟରେ ରେମୁଣା ବିଜେପି ପକ୍ଷରୁ ଖାନନଗର ସ୍ଥିତ ଜିଲ୍ଲା ବିଜେପି କାର୍ଯ୍ୟାଳୟରେ ସକ୍ରିୟ ସଦସ୍ୟ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି । ରେମୁଣା ବିଧାୟକ ପ୍ରତିନିଧି କାର୍ତ୍ତିକ ଚନ୍ଦ୍ର ଗିରିଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ସାଂସଦ ପ୍ରତିନିଧି ଉମାକାନ୍ତ ପଣ୍ଡା ମଂଚ ଆହ୍ୱାନ ଓ ଅତିଥି ପରିଚୟ କରିଥିଲେ । ମୁଖ୍ୟ ଅତିଥି ବାଲେଶ୍ୱର ସାଂସଦ ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀ, ସରକାରୀ ଉପମୁଖ୍ୟ ସଚେତକ ତଥା ବିଧାୟକ ରେମୁଣା ଗୋବିନ୍ଦ ଚନ୍ଦ୍ର ଦାସ, ଜିଲ୍ଲା ସଭାପତି ଈଶ୍ୱର ଚନ୍ଦ୍ର ବେହେରା, ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟା ଶୋଭନା ମହାନ୍ତି, ଜିଲ୍ଲା ସାଧାରଣ ସମ୍ପାଦକ ପର୍ଶୁରାମ ପରିଡ଼ା, ଜିଲ୍ଲା ଅନୁସୂଚିତ ଜନଜାତି ମୋର୍ଚ୍ଚା ସଭାପତି ବିପିନ ମାରାଣ୍ଡି, ଜିଲ୍ଲା ଉପସଭା ନେତ୍ରୀ ମିନାକ୍ଷୀ ମହାପାତ୍ର, କମଳା ବିହାଣି, ରେମୁଣା ନିର୍ବାଚନ ମଣ୍ଡଳୀ ପ୍ରଭାରୀ ଆଶିଷ ଘୋଷ, ସକ୍ରିୟ ସଦସ୍ୟ ସମ୍ମିଳନୀ ସହ ସଂଯୋଜକ ଭୋଳାନାଥ ପାତ୍ର, ସିମୁଳିଆ ନିର୍ବାଚନମଣ୍ଡଳୀ ସାଂଗଠାନିକ ପ୍ରଭାରୀ ଚନ୍ଦ୍ର ଶେଖର ନନ୍ଦ ପ୍ରମୁଖ ମଂଚରେ ଉପସ୍ଥିତ ଥିଲେ । ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟା ତାଙ୍କ ଅଭିଭାଷଣରେ କେନ୍ଦ୍ର ସରକାରଙ୍କ ବିଭିନ୍ନ ଯୋଜନା ସମ୍ବନ୍ଧରେ ଉପସ୍ଥିତ କର୍ମୀକର୍ତ୍ତାଙ୍କୁ ସୂଚନା ଦେବା ସଙ୍ଗେ ସଙ୍ଗେ ଘର ଘର ବୁଲି ପ୍ରଚାର ପ୍ରସାର କରିବା ପାଇଁ ଆହ୍ୱାନ ଦେଇଥିଲେ, ଜିଲ୍ଲା ସଭାପତି ତାଙ୍କ ବକ୍ତବ୍ୟରେ ଗତ ୨୦୨୪ ସାଧାରଣ ନିର୍ବାଚନର ସଫଳତା ଓ ସଂଗଠନାତ୍ମକ ବିସ୍ତାର ବିଷୟରେ ବିସ୍ତୃତ ଆଲୋଚନା କରିଥିଲେ, ରେମୁଣା ବିଧାୟକ ଶ୍ରୀ ଦାସ ଭାରତୀୟ ରାଜନୀତିରେ ବିଜେପି ଦ୍ୱାରା ଆସିଥିବା ପରିବର୍ତ୍ତନ ସମ୍ବନ୍ଧରେ ଉପସ୍ଥିତ କର୍ମୀକର୍ତ୍ତାଙ୍କୁ କହିଥିଲେ, ବାଲେଶ୍ୱର ସାଂସଦ ଶ୍ରୀ ଷଡ଼ଙ୍ଗୀ ତାଙ୍କ ଅଭିଭାଷଣରେ ପ୍ରଧାନମନ୍ତ୍ରୀ ରୂପେ ମୋଦୀ ଜୀଙ୍କ ନେତୃତ୍ୱରେ ବିକଶିତ ଭାରତ ଦିଗରେ ୧୧ ବର୍ଷର ସଫଳ ଯାତ୍ରା ସମ୍ବନ୍ଧରେ ଉପସ୍ଥିତ କର୍ମକର୍ତ୍ତାଙ୍କୁ ବୁଝାଇଥିଲେ ଅନ୍ୟମାନଙ୍କ ମଧ୍ୟରେ ଜିଲ୍ଲା ସାଧାରଣ ସମ୍ପାଦକ ଓ ରେମୁଣା ନିର୍ବାଚନମଣ୍ଡଳୀ ପ୍ରଭାରୀ ନୂତନ ଭାବେ ଦାୟିତ୍ୱ ପାଇଥିବା ମଣ୍ଡଳ ସଭାପତି ମାନଙ୍କୁ ନୂତନ ମଣ୍ଡଳ କମିଟିର ସଂରଚନା ଓ ଦାୟିତ୍ୱ ବିଷୟରେ କହିଥିଲେ । ଶେଷରେ ପୂର୍ବତନ ରେମୁଣା ବ୍ଲକ ଅଧ୍ୟକ୍ଷ ସୁଶାନ୍ତ ପଟ୍ଟନାୟକ ସମସ୍ତଙ୍କୁ ଧନ୍ୟବାଦ ଜଣାଇ ସଭା ସାଙ୍ଗ କରିଥିଲେ । ଅନ୍ୟ ମାନଙ୍କ ମଧ୍ୟରେ ସଦର ବ୍ଲକ ରେମୁଣା ବିଧାୟକ ପ୍ରତିନିଧି ଲମ୍ବୋଦର ପ୍ରଧାନ, ମଣ୍ଡଳ ସଭାପତି ଉମାକାନ୍ତ ଜେନା, ରଘୁନାଥ ପରିଡ଼ା, ମାନସ କୁମାର ମହାନ୍ତି, ମାୟାଧର ପ୍ରଧାନ, ପ୍ରଫୁଲ୍ଲ ଦ୍ୱିବେଦୀ, ବିବେକ ବିକାଶ ରାଉତ, ଜିଲ୍ଲା ଯୁବମୋର୍ଚ୍ଚା ଉପସଭାପତି ନାରାୟଣ ମହନ୍ତ, ରାଜ୍ୟ କୃଷକ ମୋର୍ଚ୍ଚା କାର୍ଯ୍ୟକାରିଣୀ ସଦସ୍ୟ ସୁବୋଧ ଚନ୍ଦ୍ର ପଣ୍ଡା, ପୂର୍ବତନ ମଣ୍ଡଳ ସଭାପତି କୃଷ୍ଣ ଚନ୍ଦ୍ର ସାହୁ, ବିଭୂତି ରଞ୍ଜନ ସେନାପତି, ପ୍ରମୁଖ ଉପସ୍ଥିତ ଥିଲେ ।

ଉନ୍ମୋଚିତ ହେଲା ଗାଳ୍ପିକ ଗଙ୍ଗାଧର ବିଶ୍ୱାଳଙ୍କ 'ଷୋଡ଼ଶ' ଗଳ୍ପ ସଂକଳନ

ଗଙ୍ଗାଧରଙ୍କ ଗଳ୍ପରେ ଥାଏ ସାମାଜିକ ଜୀବନର ବାସ୍ତବ ଚିତ୍ର ଓ ଅନପ୍ରେଡିକ୍ଟେବୁଲ୍ ଉପସଂହାର : ଅତିଥି

ବାଲେଶ୍ୱର, ୧୯/୦୪ (ଆ.ପ୍ର) : ଶୁକ୍ରବାର ସନ୍ଧ୍ୟାରେ ସହରର ଏସିପିଏଲ୍ ସମ୍ମିଳନୀ କକ୍ଷରେ ସୁପ୍ରତିଷ୍ଠିତ ଗାଳ୍ପିକ ଗଙ୍ଗାଧର ବିଶ୍ୱାଳଙ୍କ ଗଳ୍ପ ସଙ୍କଳନ 'ଷୋଡ଼ଶ' ଉନ୍ମୋଚିତ ହୋଇଯାଇଛି । କବି ପ୍ରଶାନ୍ତ ଦାସଙ୍କ ସଭାପତିତ୍ୱରେ ଆୟୋଜିତ ଏହି ଉନ୍ମୋଚନ କାର୍ଯ୍ୟକ୍ରମରେ ଅତିଥି ଭାବେ କବି କୃଷ୍ଣ କୁମାର ମହାନ୍ତି ଯୋଗ ଦେଇ ଗଙ୍ଗାଧରଙ୍କ ଗଳ୍ପରେ ଜୀବନାନୁଭୂତି ଠୁଳ ହୋଇଥାଏ ବୋଲି କହିବା ସହ ଗାଳ୍ପିକ ନିଜେ ହିଁ ଗୋଟିଏ ଗଳ୍ପ ଏବଂ ସେ ଗଳ୍ପରେ ନିଜକୁ ହିଁ ଦେଖାଇଥାନ୍ତି ଅଧିକ । ଅନ୍ୟ ଅତିଥି ଭାବେ କବି ଉତ୍ପଳ ମହାନ୍ତି, 'ସେଇଠୁ ଆରମ୍ଭ'ର ସମ୍ପାଦକ କବି ଶୁଭେନ୍ଦୁ ଦାସ, ଫକୀରମୋହନ ସାହିତ୍ୟ ପରିଷଦର ସଭାପତି ଡକ୍ଟର ସୁବାସଚନ୍ଦ୍ର ପାତ୍ର, ଏଚଡିଏଫସି ବ୍ୟାଙ୍କର ଉପ ସଭାପତି ସମରେନ୍ଦ୍ର ବିହାରୀ ପ୍ରମୁଖ ଯୋଗ ଦେଇ ଗଳ୍ପ ପୁସ୍ତକଟିର ଉନ୍ମୋଚନ କରିଥିଲେ । ଗାଳ୍ପିକର ନିଜସ୍ୱ ଅନୁଭବ ଗଳ୍ପକୁ ଗତିଶୀଳ କରି ସହଜରେ ପାଠକଙ୍କ ପାଖରେ ପହଂଚାଏ । ପ୍ରତ୍ୟେକ ସ୍ରଷ୍ଟା ନିଜର ବିଚାର ଓ ଦୃଷ୍ଟିକୋଣକୁ ପୁସ୍ତକରେ ଲେଖି ପାଠକକୁ ପ୍ରଭାବିତ କରିବାକୁ ଚାହେଁ । ଯାହା ପାଠକଙ୍କ ମନ ଓ ହୃଦୟକୁ ସହଜରେ ଛୁଇଁବା ସହ ଏକ ନୂଆ ଆବେଗ ସୃଷ୍ଟି କରେ ତାହା ଭଲ ଗପ ପଦବାଚ୍ୟ ହୋଇଥାଏ । 'ଷୋଡ଼ଶ'ର ନାମକରଣ ଗପ ବହିଟିକୁ ନିଶ୍ଚିତ ଭାବେ ଚର୍ଚ୍ଚାକୁ ଆଣିବ ବୋଲି ଅତିଥିମାନେ ନିଜ ନିଜ ବକ୍ତବ୍ୟରେ କହିଥିଲେ । ଗାଳ୍ପିକ ଶ୍ରୀ ବିଶ୍ୱାଳ ନିଜ ଗଳ୍ପର ଉପାଦାନ ଓ ବିଷୟବସ୍ତୁ ଉପରେ ସମ୍ୟକ ଦୃଷ୍ଟି ରଖିଥିବା ବେଳେ କବି ସିତାଂଶୁ ଲେଙ୍କା ପ୍ରକାଶକୀୟ ଅଭିବ୍ୟକ୍ତି ରଖିଥିଲେ । ବିଶିଷ୍ଟ ସମାଲୋଚକ ଡକ୍ଟର ଶିରୀଷ ଚନ୍ଦ୍ର ଜେନା, ଫକୀର ମୋହନ ସ୍ୱୟଂଶାସିତ ମହାବିଦ୍ୟାଳୟ ଓଡ଼ିଆ ବିଭାଗ ମୁଖ୍ୟ ଡକ୍ଟର ସନ୍ତୋଷ କୁମାର ନାୟକ ପ୍ରମୁଖ ଗଙ୍ଗାଧରଙ୍କ ଗଳ୍ପ ସମ୍ପର୍କରେ ନିଜ ନିଜର ଅଭିବ୍ୟକ୍ତି ରଖିଥିଲେ । ପ୍ରାରମ୍ଭରେ ଗୀତିକା ଯୋଗସ୍ମିତା ବିଶ୍ୱାଳ ସ୍ୱାଗତ ଅଭିଭାଷଣ ସହ ଅତିଥିଙ୍କ ପରିଚୟ ଦେଇଥିବା ବେଳେ ଗୀତିକା ଜ୍ୟୋତିପର୍ଣ୍ଣା ବିଶ୍ୱାଳ ଧନ୍ୟବାଦ ଅର୍ପଣ କରିଥିଲେ । ଉଲ୍ଲେଖଥାଉ କି 'ପକ୍ଷୀଘର' ପକ୍ଷରୁ ପ୍ରକାଶିତ 'ଷୋଡ଼ଶ' ସଂକଳନ ପୂର୍ବରୁ ଗାଳ୍ପିକ ଗଙ୍ଗାଧରଙ୍କର ୧୫ଖଣ୍ଡ ଗଳ୍ପ ସଙ୍କଳନ ପ୍ରକାଶ ପାଇ ପାଠକୀୟ ଆଦୃତି ଲାଭ କରିସାରିଛି । ଏହି ଉନ୍ମୋଚନ ଆସରରେ କବି ଅଭୟ ଦାସ, ଔପନ୍ୟାସିକ ସୃଷ୍ଟିଧର ପରିଡା, ବ୍ୟଙ୍ଗ ସ୍ରଷ୍ଟା ଡକ୍ଟର ଲକ୍ଷ୍ମୀକାନ୍ତ ତ୍ରିପାଠୀ, ଗାଳ୍ପିକ ନିବାରଣ ଜେନା, ଗାଳ୍ପିକ ସଞ୍ଜୟ ପଣ୍ଡା, ରାଜେଶ ଗିରି, ମଧୁସୂଦନ ମିଶ୍ର, ପ୍ରତ୍ୟାଶା ପ୍ରିୟମ୍ବଦା ମହାନ୍ତି ପ୍ରମୁଖ ବହୁ ଶ୍ରୋତା ଉପସ୍ଥିତ ଥିଲେ ।

ଗ୍ରାମ୍ୟ ଜଳଯୋଗାଣ ବିଭାଗର ନିର୍ଦ୍ଦେଶକୁ କଣ୍ଟ୍ରାକ୍ଟରଙ୍କର ବେଖାତିର

ବାଲେଶ୍ୱର, ୧୯/୦୪ (ଆ.ପ୍ର) : ସଦର ବ୍ଲକ ଅନ୍ତର୍ଗତ କୁଅଁରପୁର ଗ୍ରାମରେ ମଂଗଳା ମନ୍ଦିର ଓ ଜଗନ୍ନାଥ ମନ୍ଦିର ନିକଟରେ ଏକ ପାନୀୟ ଜଳ ନଳକୂପ ଖୋଳାଯିବା ପାଇଁ ୨୦୨୪ ମାର୍ଚ୍ଚ ମାସରେ ସରକାରଙ୍କ ପ୍ରସ୍ତାବ ମଞ୍ଜୁରୀ ହୋଇ ଜନୈକ କଣ୍ଟ୍ରାକ୍ଟର ଜଗନ୍ନାଥ ପାଣିଗ୍ରାହୀ ଖୋଳିବା କାର୍ଯ୍ୟ ଆରମ୍ଭ କରିଥିଲେ । ନଳକୂପ ଖନନ କାର୍ଯ୍ୟ ଅଧା କରି କଣ୍ଟ୍ରାକ୍ଟର କୁଆଡ଼େ ଉଭାନ୍ ହୋଇଗଲେ । ପୁଣି ଚଳିତ ମାର୍ଚ୍ଚ ମାସରେ ଉକ୍ତ ବ୍ୟକ୍ତି କିଛି ଲୋକଙ୍କୁ ପଠାଇ ଖୋଳାକାମ ଆରମ୍ଭ କରାଇଲେ । କିନ୍ତୁ ଯଥା ପୂର୍ବ ତଥା ପରମ୍ ନୀତିରେ ଆଜକୁ ୨ ମାସ ପରିବାକୁ ଗଲାଣି ନଳକୂପ ଖୋଳା କାର୍ଯ୍ୟ ଆରମ୍ଭ କିମ୍ବା ଶେଷ ହୋଇପାରୁନାହିଁ । ଏ ବିଷୟରେ ଗ୍ରାମବାସୀମାନେ ସଂପୃକ୍ତ ବାଲେଶ୍ୱର ସଦର କନିଷ୍ଠଯନ୍ତ୍ରୀ ଓ ସହକାରୀ ନିର୍ବାହ ଯନ୍ତ୍ରୀଙ୍କୁ ଅନୁରୋଧ କଲାପରେ ମଧ୍ୟ କୌଣସି ସୁଫଳ ମିଳି ପାରିନଥିଲା । ତେଣୁ ବାଧ୍ୟ ହୋଇ ଜିଲ୍ଲାପାଳଙ୍କ ଅଭିଯୋଗ ଶୁଣାଣିରେ ଅଭିଯୋଗ ଦାଖଲ କରିଥିଲେ । ଅଭିଯୋଗ ଦାଖଲ କରିବା ୪ ମାସ ବିତିଗଲେ ମଧ୍ୟ ଦୈନିକ କଣ୍ଟ୍ରାକ୍ଟର ନଳକୂପ ଖୋଳିବା କାର୍ଯ୍ୟ ସଂପୂର୍ଣ୍ଣ କରୁନାହାନ୍ତି, ଯାହା ଫଳରେ ସେଠାରେ ବସବାସ କରୁଥିବା ୫୦ରୁ ଅଧିକ ଲୋକମାନେ ପିଇବା ପାଣିରୁ ବଂଚିତ ହେଉଛନ୍ତି । ତେଣୁ ଉକ୍ତ କାର୍ଯ୍ୟକୁ କର୍ତ୍ତୃପକ୍ଷ ଧ୍ୟାନ ଦେବାପାଇଁ ଗ୍ରାମବାସୀମାନେ ଦାବି କରୁଛନ୍ତି ।

ବାଲେଶ୍ୱର ସାଂସଦଙ୍କ ଦ୍ୱାରା ନୀଳଗିରି ବସ୍ ଷ୍ଟାଣ୍ଡ ଠାରେ ଥଣ୍ଡା ପାନୀୟଜଳ ପ୍ରକଳ୍ପ ଉଦ୍ଘାଟିତ

ନୀଳଗିରି, ୧୯/୦୪ (ଆ.ପ୍ର) : ଆଜି ପୂର୍ବାହ୍ନରେ ବାଲେଶ୍ୱର ସାଂସଦ ତଥା ପୂର୍ବତନ କେନ୍ଦ୍ର ମନ୍ତ୍ରୀ ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀ ଙ୍କ ଦ୍ୱାରା ନୀଳଗିରି ବସ ଷ୍ଟାଣ୍ଡ ଠାରେ ଏକ ନୂତନ ଥଣ୍ଡା ପାନୀୟ ଜଳ ପ୍ରକଳ୍ପର ଶୁଭ ଉଦ୍ଘାଟନ ହୋଇ ଯାଇଛି । ଉକ୍ତ ଉଦ୍ଘାଟନୀ ସମାରୋହରେ ସାଂସଦଙ୍କ ବ୍ୟତୀତ ନୀଳଗିରି ବିଧାୟକ,ଏନ୍ଏସି କାମଚଳା ଅଧକ୍ଷ, ଏନ୍ଏସି କାର୍ଯ୍ୟ ନିର୍ବାହୀ ଅଧିକାରୀ ଅଂଶୁମାନ ପରିଡ଼ା, ଉପଜିଲ୍ଲାପାଳ ଶୁଭଶ୍ରୀ ରଥଙ୍କ ସମେତ ଅନ୍ୟ କାଉନସିଲର ମାନେ ଉପସ୍ଥିତ ଥିବା ଦେଖାଯାଇଛି । ଏ ସଂପର୍କରେ ସାଂସଦଙ୍କୁ ପଚାରିବାରୁ ସେ କହନ୍ତି, ଏହା ଏକ ଅତି ଗୁରୁତ୍ୱପୂର୍ଣ୍ଣ ସ୍ଥାନ ଅଟେ । ଯାହାକି ଏହି ସ୍ଥାନ ଦେଇ, ବିଭିନ୍ନ ଅଂଚଳର ପର୍ଯ୍ୟଟକ ତଥା ଲୋକମାନେ ବସ୍ ଯୋଗେ ଯାତାୟତ କରିଥାନ୍ତି । ଏଠାରେ ଥଣ୍ଡା ପାନୀୟ ଜଳର ଜରୁରୀ ଆବଶ୍ୟକତାକୁ ଅନୁଭବ କରି ଏଭଳି ପ୍ରକଳ୍ପକୁ ଲୋକଙ୍କ ଉଦ୍ଦେଶ୍ୟରେ ଉତ୍ସର୍ଗୀକୃତ କରାଯାଇଛି ।

ଶ୍ରୀ ଶ୍ରୀ ହନୁମାନଜିଉଙ୍କ ମନ୍ଦିର ପ୍ରତିଷ୍ଠା ଉତ୍ସବ

ଲଙ୍ଗଳେଶ୍ୱର, ୧୯/୦୪ (ଆ.ପ୍ର) : ବାଲିଆପାଳ ବ୍ଲକ ଅନ୍ତର୍ଗତ ଲଙ୍ଗଳେଶ୍ୱର ବଜାରରେ ଶ୍ରୀ ଶ୍ରୀ ହନୁମାନ ଜିଉଙ୍କ ନୂତନ ମନ୍ଦିର ଓ ବିଗ୍ରହ ପ୍ରତିଷ୍ଠା ଉତ୍ସବ ଅନୁଷ୍ଠିତ ହୋଇଯାଇଛି । ଏହି ଅବସର ରେ ଗତକାଲି ଶତାଧିକ ମହିଳାଙ୍କ ଦ୍ୱାରା କଳସ ଶୋଭାଯାତ୍ରା ଏବଂ ଘଟ ଉତୋଳନ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବା ପରେ ଦିବସ ବ୍ୟାପି ହୋମଯଜ୍ଞ ଅନୁଷ୍ଠିତ ହୋଇଥିଲା । ଆଜି ସକାଳେ ପ୍ରଥମେ ସୂର୍ଯ୍ୟପୂଜା ଏବଂ ହୋମଯଜ୍ଞ ପରେ ପାଂଚ ହଜାରରୁ ଉର୍ଦ୍ଧ୍ୱ ଶ୍ରଦ୍ଧାଳୁ ମାନଙ୍କ ପାଇଁ ପ୍ରସାଦ ସେବନର ବ୍ୟବସ୍ଥା କରା ଯାଇଥିଲା । ପୂର୍ଣ୍ଣାହୁତି ପରେ ସଂଧ୍ୟାରେ ହଜାର ହଜାର ଶ୍ରଦ୍ଧାଳୁଙ୍କ ଦ୍ୱାରା ନଗର ପରିକ୍ରମା ଅନୁଷ୍ଠିତ ହୋଇଥିଲା । କାର୍ଯ୍ୟକ୍ରମକୁ ବୀର ଫାଉଣ୍ଡେସନର କର୍ମକର୍ତ୍ତା ଓଁକାର ଭୂଆଁ, ସୁବ୍ରତ ଜେନା, ଅଜିତ ପଟ୍ଟାୟତ, ସତ୍ୟରଞ୍ଜନ ତ୍ରିପାଠୀ, ଜୟନ୍ତ ନାୟକ, ସମ୍ପିତ ରାଉତ, ମାନଗୋବିନ୍ଦ ପଟ୍ଟାୟତ, ଶୁଭଙ୍କର ଦାସ, ଶୁଭମ ପାତ୍ର, ଗଗନ ସାହୁ, ଜଗତ ଜୀବନ ଦାସ, ପ୍ରଣବ କୁମାର ଜେନା, ମହେଶ୍ୱର ଦାସ ପ୍ରମୁଖ ପରିଚାଳନା କରିଥିଲେ ।

କାହାଳିଆରେ ନୂତନ ମନ୍ଦିର ପ୍ରତିଷ୍ଠା

ନୀଳଗିରି, ୧୯/୦୪ (ଆ.ପ୍ର) : ନୀଳଗିରି ଏନଏସି ଅଧୀନ ୧୦ ନଂ ୱାର୍ଡରେ, ଦେବୀ ମା କାଳୀ କୁମ୍ଭର ମନ୍ଦିର ପ୍ରତିଷ୍ଠା ଅନୁଷ୍ଠିତ ହୋଇଯାଇଛି । ଏହି ପ୍ରତିଷ୍ଠା ଉତ୍ସବରେ ହଜାର ହଜାର ସଂଖ୍ୟାରେ ଗ୍ରାମବାସୀ, ମହିଳା ମାନେ ଏକତ୍ରିତ ହୋଇ କଳସ ଶୋଭାଯାତ୍ରାରେ ଯୋଗଦେଇଥିଲେ । ଦୁଇ ଦିନ ଧରି ଯଜ୍ଞ ସହ ପ୍ରସାଦ ସେବନର ବ୍ୟବସ୍ଥା ମଧ୍ୟ ହୋଇଥିଲା । ସୂଚନାରୁ ଜଣାଯାଇଛି, ବିଗ୍ରହ ପାଇଁ ପୂର୍ବରୁ କୌଣସି ମନ୍ଦିର ନଥିଲା । ପୂର୍ବ ସରକାର ସମୟରେ, ମନ୍ଦିରର ନିର୍ମାଣ ପାଇଁ ୮ ଲକ୍ଷ ଟଙ୍କା ଦେଇଥିଲେ । ଉକ୍ତ ଟଙ୍କାରେ ମନ୍ଦିରଟି ସମ୍ପୂର୍ଣ୍ଣ କରାଯାଇଛି । ଗ୍ରାମବାସୀ ମାନେ ପୂର୍ବ ସରକାର ଏବଂ ୫ଟି ସଚିବଙ୍କୁ ଧନ୍ୟବାଦ ଓ କୃତଜ୍ଞତା ଜଣାଇଛନ୍ତି । ଏହାର ନିର୍ମାଣ ଠାରୁ ପ୍ରତିଷ୍ଠା ପର୍ଯ୍ୟନ୍ତ ଗ୍ରାମର ସଭାପତି ନରହରି ଦାସ, ଉପସଭାପତି ମିନତୀ ବିହାଣୀଙ୍କ ସହ ମୁରଲିଧରି ପରିଡା, ରତ୍ନାକର ବିହାଣି, କେଶବ ଚନ୍ଦ୍ର ଦାସ, ସୁରେନ୍ଦ୍ର ପାତ୍ର, ଜୟକୃଷ୍ଣ ମହାକୁଡ଼, ନାରେନ୍ଦ୍ର ଦାସ, ରବୀନ୍ଦ୍ର ଦାସ, ଖଗେନ୍ଦ୍ର ସେଠି, ଗିରିଶ ଚନ୍ଦ୍ର ପରିଡା, ଶ୍ୟାମସୁନ୍ଦର ଦାସ, ଅମୂଲ୍ୟ ଦାସ, ଆପ୍ତରଚନ୍ଦ୍ର ଦାସ, ବହୁ ମାନ୍ୟ ଗଣ୍ୟ ବ୍ୟକ୍ତି ସାହାଯ୍ୟ କରିଥିଲେ ।

ଗଡ଼ଗଡ଼ିଆ ସାର୍ବଜନୀନ ଚନ୍ଦନ ଉତ୍ସବ କମିଟିର ପ୍ରସ୍ତୁତି ବୈଠକ

ବାଲେଶ୍ୱର, ୧୯/୦୪ (ଆ.ପ୍ର) : ଗଡ଼ଗଡ଼ିଆ ଚନ୍ଦନଉତ୍ସବ କମିଟିର ଚଳିତବର୍ଷ ଉତ୍ସବ ପାଳନ ପାଇଁ ଏକ ବୈଠକ କାର୍ଯ୍ୟକାରୀ ସଭାପତି ହିମାଂଶୁ ଶେଖର ଦାସଙ୍କ ଆବାହକତ୍ୱରେ ଅନୁଷ୍ଠିତ ହୋଇଯାଇଅଛି । ଅନୁପ କୁମାର ଦାସଙ୍କ ସଭାପତିତ୍ୱରେ ହୋଇଥିବା ବୈଠକରେ ଚଳିତବର୍ଷର ଶ୍ରୀଶ୍ରୀ ରାଧାକୃଷ୍ଣ ଜୀଉଙ୍କ ଚନ୍ଦନ ଉତ୍ସବ ପାଳନ ସଂପର୍କରେ ବିଭିନ୍ନ ପ୍ରସ୍ତାବମାନ ଆଗତ ହୋଇ ସିଦ୍ଧାନ୍ତମାନ ଗ୍ରହଣ କରାଯାଇଥିଲା । ଚଳିତବର୍ଷ ଉତ୍ସବକୁ ସାଫଲ୍ୟମଣ୍ଡିତ କରିବା ପାଇଁ ନୂତନ କର୍ମକର୍ତ୍ତା ସମସ୍ତ ସଭ୍ୟମାନଙ୍କ ଦ୍ୱାରା ଚୟନ ହୋଇଥିଲେ । କର୍ମକର୍ତ୍ତା ସ୍ୱର୍ଗତ ଗଜେନ୍ଦ୍ର ପ୍ରସାଦ ଦାସ ଓ ସ୍ୱର୍ଗତ ହରିସଦନ ମୁଖାର୍ଜୀ ଇହଧାମ ତ୍ୟାଗ କରିଥିବାରୁ ତାଙ୍କର ଆତ୍ମାର ସଦଗତି ପାଇଁ ୨ ମିନିଟ୍ ନୀରବ ପ୍ରାର୍ଥନା କରାଯାଇଥିଲା । ଚଳିତ ବର୍ଷ ନିମ୍ନଲିଖିତ ସଭ୍ୟମାନେ କାର୍ଯ୍ୟକର୍ତ୍ତା ଭାବେ ଚୟନ ହୋଇଥିଲେ । ସୁଧାସିନ୍ଧୁ ପଣ୍ଡା-ସଭାପତି, ଅମର କୁମାର ସେନ- କାର୍ଯ୍ୟକାରୀ ସଭାପତି, ହିମାଂଶୁ ଶେଖର ଦାସ - ଉପସଭାପତି, ଶ୍ରୀମନ୍ତ ମାଝୀ- ଉପସଭାପତି, ବିଦ୍ୟାଧର ପଣ୍ଡା - ସଂପାଦକ, ରଂଜିତ ମୁଖାର୍ଜୀ - ଯୁଗ୍ମ ସଂପାଦକ, ସୁବାଶିଷ ନାୟକ ଓ ଚିରଞ୍ଜିବୀ ଚୌଧୁରୀ-ସହ ସଂପାଦକ, ସୁମନ୍ତ ମହାପାତ୍ର- ସହସଂପାଦକ, ଶୁଭାଂଶୁ ଦିକ୍ଷିତ୍ ଓ ଦୀପକ କୁମାର ଦାସ-କୋଷାଧ୍ୟକ୍ଷ । ଏଥିସହିତ ଉତ୍ସବର ସୁପରିଚାଳନା ପାଇଁ ଅନୁପ କୁମାର ଦାସ, ସୁବ୍ରତ କୁମାର ଦାସ, ଚନ୍ଦନ କୁମାର ମହାନ୍ତି, ପ୍ରତାପ ଚନ୍ଦ୍ର ନାୟକ ଓ ବଂଶୀଧର ଦଳେଇଙ୍କୁ ଉପଦେଷ୍ଟା ମଣ୍ଡଳୀଭାବେ ଚୟନ କରାଗଲା । ଏବଂ ସର୍ବସମ୍ମତିକ୍ରମେ ଉମାକାନ୍ତ ମହାପାତ୍ର (ବାବି ନନା)ଙ୍କୁ ପୃଷ୍ଠପୋଷକ ସଦସ୍ୟ ଭାବେ ଗ୍ରହଣ କରାଗଲା । ପ୍ରତ୍ୟେକ ବର୍ଷ ଭଳି ଏ ବର୍ଷ ମଧ୍ୟ ଚନ୍ଦନ ଉତ୍ସବ ୭ ଦିନ ଧରି ପାଳିତ ହେବାପାଇଁ ସ୍ଥିର କରାଗଲା । ଚନ୍ଦନ ଉତ୍ସବର ସାଂସ୍କୃତିକ ଓ ଆଧ୍ୟାତ୍ମିକ କାର୍ଯ୍ୟକ୍ରମର ବୃତ୍ତାନ୍ତ ନିଷ୍ପତ୍ତି ଆସନ୍ତା ବୈଠକରେ କରାଯିବା ପାଇଁ ସ୍ଥିର ହେଲା ।

ବିଶ୍ୱ ଐତିହ୍ୟ ଦିବସ ଅବସରରେ ବହୁ ବିଦ୍ୟାର୍ଥୀ ତଥା ଐତିହ୍ୟପ୍ରେମୀଙ୍କ କୁମ୍ଭ କ୍ଷେତ୍ର ପରିଭ୍ରମଣ

ବାଲେଶ୍ୱର/ନୀଳଗିରି, ୧୯/୦୪ (ଆ.ପ୍ର) : ବିଶ୍ୱ ଐତିହ୍ୟ ଦିବସ ଅବସରରେ ବିଭିନ୍ନ ଅନୁଷ୍ଠାନ ପକ୍ଷରୁ ଐତିହ୍ୟର ସୁରକ୍ଷା ଓ ପ୍ରଚାର ପ୍ରସାର କରିବା ପାଇଁ ବିଭିନ୍ନ କାର୍ଯ୍ୟକ୍ରମ ମାନ ଗ୍ରହଣ କରାଯାଇଥିବା ବେଳେ ଫକୀରମୋହନ ବିଶ୍ୱବିଦ୍ୟାଳୟର ଇତିହାସ ଓ ପ୍ରତ୍ନତତ୍ୱ ବିଭାଗର ଛାତ୍ରଛାତ୍ରୀ ମାନେ ନୀଳଗିରିର ପ୍ରକୃତି ଓ ସଂସ୍କୃତିର ଶ୍ରୀକ୍ଷେତ୍ର କୁମ୍ଭକ୍ଷେତ୍ର ପରିଭ୍ରମଣ କରି ସ୍ଥାନୀୟ ଐତିହ୍ୟ ବିଷୟରେ ଅବଗତ ହୋଇଥିଲେ । ୪୪ରୁ ଉର୍ଦ୍ଧ୍ୱ ଛାତ୍ରଛାତ୍ରୀଙ୍କ ସହ ସହକାରୀ ପ୍ରାଧ୍ୟାପକ ଡକ୍ଟର ଶିଖାଶ୍ରୀ ରାୟ ଓ ଶାନ୍ତି ଗୋପାଳ ଜେନା, ପ୍ରୋଜେକ୍ଟ ଫେଲୋ ପର୍ଶୁରାମ ମହାନ୍ତି, ସୌମ୍ୟାଶ୍ରୀ ନାୟକ, ପିଏଚଡି ସ୍କଲର୍ ଭାଗ୍ୟଶ୍ରୀ ମିଶ୍ର ପ୍ରମୁଖ ପରିଭ୍ରମଣ କରି ସ୍ଥାନୀୟ କୁମ୍ଭକାରଙ୍କ ବୃତ୍ତି, ଭାଷା, କଳା ସଂସ୍କୃତି ପରମ୍ପରା ସହ କୁମ୍ଭ ଖେଳା, କୁମ୍ଭ ଘର, କୁମ୍ଭ ଝର, କୁମ୍ଭ ଦ୍ୱାର, କୁମ୍ଭ ମଂଚ ଇତ୍ୟାଦି ବିଷୟରେ ଅବଗତ ହେବା ସହ ୨୦୦ ବର୍ଷ ତଳର ଜୀବନ୍ତ କୁମାର ଭାଟି ଦେଖିଥିଲେ । ସେହିପରି ଓଡ଼ିଶା ସରକାରଙ୍କ ଶକ୍ତି ବିଭାଗର ଅବସର ପ୍ରାପ୍ତ ଅତିରିକ୍ତ ଶାସନ ସଚିବ କବି ଓ ସ୍ତମ୍ଭକାର ଧନଞ୍ଜୟ ସ୍ୱାଇଁ, ସ୍ୱତନ୍ତ୍ର ଶାସନ ସଚିବ ପ୍ରଦୀପ୍ତ କିଶୋର ସତପଥୀ ଓ ବହୁ ଐତିହ୍ୟ ପ୍ରେମୀ କୁମ୍ଭ କ୍ଷେତ୍ର ବୁଲି ଆସିଥିଲେ । ଅତୀତର ଅନେକ ଐତିହ୍ୟକୁ ଉଜ୍ଜୀବିତ ରଖିବା ପାଇଁ କୁମ୍ଭ କ୍ଷେତ୍ରରେ ଢିଙ୍କି, ବଳଦ ଗାଡ଼ି, ପର୍ଣ୍ଣ କୁଟୀର, ଗଛ ଘର ଓ କୁଡିଆ ଘର ଇତ୍ୟାଦି ମଧ୍ୟ ଐତିହ୍ୟ ପ୍ରେମୀ ବୁଲି ଦେଖିଥିଲେ । କୁମ୍ଭ କ୍ଷେତ୍ର ମଧ୍ୟ ଖାଦ୍ୟ ଐତିହ୍ୟକୁ ସୁରକ୍ଷା କରିବା ପାଇଁ 'ବୁଢୀମାଆ ଥାଳି'ରେ ଓଡ଼ିଆ ଘରର ବିଶେଷ ଖାଦ୍ୟ ଚୁରା, ଚୁନା, ଚଟଣୀ, ରାଇତା, ଭଜା, ଖଟା, ପୋଡ଼ା, ଭର୍ତ୍ତା, କାଞ୍ଜି, ମାଣ୍ଡିଆ ଇତ୍ୟାଦି ୨୫ରୁ ଉର୍ଦ୍ଧ୍ୱ ପ୍ରକାର ତିଅଣ ପରିବେଷଣ କରାଯାଇଥିଲା । କୁମ୍ଭକ୍ଷେତ୍ରର ମୁଖ୍ୟ ଶିଳ୍ପୀ କେଶୁଦାସ ସମସ୍ତଙ୍କୁ କୁଳଡିହା ଅଭୟାରଣ୍ୟ ଓ ସ୍ଥାନୀୟ ପ୍ରକୃତି, ସଂସ୍କୃତି ଓ ଐତିହ୍ୟ ବିଷୟରେ ସରଳ ଓ ସୁନ୍ଦର ଭାବରେ ଆଲୋକପାତ କରିଥିଲେ ।

ଭାରତୀୟ କମ୍ୟୁନିଷ୍ଟ ପାର୍ଟି ନୀଳଗିରି ଅଂଚଳ କମିଟି ତରଫରୁ ତ୍ୟାଗ ଓ ବଳିଦାନର ଶତବାର୍ଷିକୀ ପାଳନ

ନୀଳଗିରି,୧୯/୦୪ (ଆ.ପ୍ର) : ତୃତୀୟ ଶ୍ରୀକ୍ଷେତ୍ର, ନୀଳଗିରି ଜଗନ୍ନାଥ ମନ୍ଦିର ଠାରୁ ପଦଯାତ୍ରା କରି ନୀଳଗିରି ଉପଜିଲ୍ଲାପାଳଙ୍କ ଜରିଆରେ ମୁଖ୍ୟମନ୍ତ୍ରୀଙ୍କୁ ଇକୋ ସେନସିଟିଭ ଜୋନ ପ୍ରତ୍ୟାହାର, ନୀଳଗିରି ବଙ୍ଗଳ ଗଡିଆ ରାସ୍ତା ପୁନଃ ନିର୍ମାଣ ଦାବି ସମ୍ପର୍କିତ ଦାବୀ ପତ୍ର ପ୍ରଦାନ କରିଥିଲେ । ପରେ ଦିବା ୧୧ ଘଟିକା ସମୟରେ ନୀଳଗିରି ଏନଏସି କଲ୍ୟାଣ ମଣ୍ଡପରେ ଭାରତୀୟ କମ୍ୟୁନିଷ୍ଟ ପାର୍ଟି ନୀଳଗିରି ଅଂଚଳ କମିଟି ତରଫରୁ ତ୍ୟାଗ ଓ ବଳିଦାନର ଶତବାର୍ଷିକୀ ପାଳନ ହୋଇ ଯାଇଛି । ବର୍ଷିଆନ ସାଥି କୈଳାଶ ଚନ୍ଦ୍ର ପଣ୍ଡାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଶତବାର୍ଷିକୀ ସଭାରେ ରାଜ୍ୟ ସମ୍ପାଦକ ଆଶିଷ କାନୁନଗୋ, ଜିଲ୍ଲା ସମ୍ପାଦକ ନିରଞ୍ଜନ ବାରିକ, ବରିଷ୍ଠ ସାଥି ଜଗୁଆଳ ପରିଡ଼ା, ରାଜ୍ୟସ୍ତରୀୟ ଶ୍ରମିକ ନେତା ଗୟନ୍ତ ଦାସ, ଜୋନ ସମ୍ପାଦକ ବିଜୟ କୁମାର ସ, ବିଧାୟକ ପ୍ରାର୍ଥୀ ଅଜୟ ପଟ୍ଟନାୟକ, ଶ୍ୟାମସୁନ୍ଦରପୁର ସରପଂଚ ପୁରୁଷତମ ସେଠି, ବରିଷ୍ଠ ସାମ୍ୟବାଦୀ ନେତା ଜୟକୃଷ୍ଣ ଖୁଲାର, ନିରଞ୍ଜନ ରଣଜିତ, ରାମଚନ୍ଦ୍ର ବେହେରା, ମଂଚାସିନ ରହି ଉପସ୍ଥିତ ସାଥି ମାନଙ୍କ ଗଡଜାତ ରାଜ୍ୟର ମିଶ୍ରଣ ଇତିହାସ ବିଷୟରେ ଉଦବୋଧନ ଦେବା ସହିତ ସ୍ୱାଧୀନତା ଠାରୁ ଏଯାବତ ସିପିଆଇର ସାଧାରଣ ଗରିବ ଖଟିଖିଆ, ଚାଷୀ, ମୁଲିଆ ଶ୍ରେଣୀର ଲୋକ ମାନଙ୍କ ପାଇଁ ଏଯାବତ ସଂଗ୍ରାମ ବିଷୟରେ ଆଲୋକପାତ କରିଥିଲେ । ନୀଳଗିରି ଗଡଜାତ ରାଜ୍ୟର ମିଶ୍ରଣ ଆନ୍ଦୋଳନ ସଂଗ୍ରାମୀ ବନମାଳୀ ଦାସ, ଈଶ୍ୱର ଦାସ, ପ୍ରାଣବନ୍ଧୁ ଅଗସ୍ତି, ବାଇଧର ମହାନ୍ତି, ଗୋକୁଳ ନାୟକ, କେଶବ ଚନ୍ଦ୍ର ବାରିକ, କାଙ୍ଗାଳି ଚରଣ ଦାସ, ପ୍ରଭାତ ଚନ୍ଦ୍ର ମହାନ୍ତିଙ୍କ ଭଳି ୫୦ ରୁ ଉର୍ଦ୍ଧ୍ୱ ସ୍ୱାଧୀନତା ସଂଗ୍ରାମୀ ମାନଙ୍କ ଉତରାଧିକାରୀଙ୍କୁ ଉତରୀୟ, ପୁଷ୍ପଗୁଚ୍ଛ ଏବଂ ମାନପତ୍ର ସମର୍ପଣ ପୂର୍ବକ ମରଣତୋର ସମ୍ମାନରେ ସମ୍ମାନିତ କରାଯାଇଥିଲା । ଅନ୍ୟ ମାନଙ୍କ ମଧ୍ୟରେ ପ୍ରତାପ ଚନ୍ଦ୍ର ମହାନ୍ତି, ଅନିରୁଦ୍ଧ ନାୟକ, ନିହାର ରଞ୍ଜନ ଜେନା, ହରେକୃଷ୍ଣ ପଣ୍ଡିତ ପ୍ରଭାକର ମହାପାତ୍ର, ନାରୀ ନେତ୍ରୀ ପ୍ରଭାବତୀ ଦାସ, ଅରୁଣା ବାରିକ, କାବେରୀ ନାୟକ, ଗାୟତ୍ରୀ ପଣ୍ଡା, ମଞ୍ଜୁଲତା ବେହେରା, ବିଦ୍ୟାଧର ବେହେରା ଦେବେନ୍ଦ୍ର ବେହେରା ପ୍ରମୁଖ ଶତାଧିକ କର୍ମୀ ଉପସ୍ଥିତ ଥିଲେ ।

ଓଡ଼ିଶା ରାଜ୍ୟ ବିଦ୍ୟାଳୟ ସମୂହ ବେସବଲ ଦଳର ଦିଲ୍ଲୀ ଯାତ୍ରା

ସିମୁଳିଆ, ୧୯/୦୪ (ଆ.ପ୍ର) : ଓଡ଼ିଶା ରାଜ୍ୟ ବିଦ୍ୟାଳୟ ସମୂହ ଆନୁକୂଲ୍ୟରେ ସ୍ଥାନୀୟ ବାଲେଶ୍ୱର ଜିଲ୍ଲା ରେ ଅବସ୍ଥିତ ମାର୍କୋଣା ସ୍ଥିତ ରଘୁ ନାରାୟଣ ଉଚ୍ଚ ବିଦ୍ୟାଳୟ ପରିସରରେ ବିଜୁ ପଟ୍ଟନାୟକ ମିନି ଷ୍ଟାଡିଅମ ପ୍ରାଙ୍ଗଣରେ ୧୫ ଏପ୍ରିଲ୍ରୁ ୧୮ ଏପ୍ରିଲ ପର୍ଯ୍ୟନ୍ତ ପ୍ରଶିକ୍ଷଣ ଶିବିର ଅନୁଷ୍ଠିତ ହୋଇ ଯାଇଛି ତଥା ଦିଲ୍ଲୀ ଅଭିମୁଖେ ଯାତ୍ରା କରିଛନ୍ତି । ଦିଲ୍ଲୀର ଏନସିଟି ଠାରେ ଏହି ପ୍ରତିଯୋଗିତା ୨୨ ଏପ୍ରିଲ ଠାରୁ ୨୭ ପର୍ଯ୍ୟନ୍ତ ଜାରି ରହିବ । ଏହି ପ୍ରତିଯୋଗିତାରେ ଭାଗ ନେବା ପାଇଁ ରାଜ୍ୟର ୩ଟି ଜିଲ୍ଲାରୁ ବିଦ୍ୟାଳୟ ଛାତ୍ର ଛାତ୍ରୀ ବଛା ଯାଇଥିବା ବେଳେ ଆଜି ଉଦ୍ଯାପନୀ ଅବସରରେ ମୁଖ୍ୟ ଅତିଥି ରଘୁ ନାରାୟଣ ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ କୈଳାଶ ଚନ୍ଦ୍ର ମାଝୀ ଉପସ୍ଥିତ ଥିବା ବେଳେ ଓଡିଶା ଦଳର ପ୍ରଶିକ୍ଷକ ଅଡା ସରକାରୀ ବିଦ୍ୟାଳୟର କ୍ରୀଡା ଶିକ୍ଷକ ସୁଶାନ୍ତ ନାୟକ ବାଳିକା ବିଭାଗ ଓ ରଘୁ ନାରାୟଣ ଉଚ୍ଚ ବିଦ୍ୟାଳୟର କ୍ରୀଡା ଶିକ୍ଷକ ବାଳକ ବିଭାଗ ବିଶ୍ୱଜିତ ରଥ ତଥା ଦଣ୍ଡଭୁକ୍ତା ଉଚ୍ଚ ବିଦ୍ୟାଳୟର କ୍ରୀଡା ଶିକ୍ଷକ ଭାଗିରଥି ଜେନା ଉପସ୍ଥିତ ରହି ସମସ୍ତ ଛାତ୍ର ଛାତ୍ରୀଙ୍କୁ ଉତ୍ସାହିତ କରିବା ସହିତ ସୁବେଚ୍ଛା ଜଣାଇଥିଲେ । ଏହି ଦଳକୁ ଶାରୀରିକ ଶିକ୍ଷା ଓ ରାଜ୍ୟ ବେସ ବଲ ନିର୍ଦ୍ଦେଶକ ଓ ରାଜ୍ୟ ବେସ ବଲ ସଙ୍ଗର ସମ୍ପାଦକ ସହିତ ରାଜ୍ୟ ବେସ ବଲ ସଙ୍ଗର କୋଚ ସମସ୍ତ ଖେଳାଳିଙ୍କୁ ସୁବେଚ୍ଛା ଜଣାଇଛନ୍ତି ।

ଅନ୍ୟକୁ ଦୁଃଖ ଦେଇ ଯେଉଁ ସୁଖ ଲାଭ କରାଯାଏ, ସେ ସୁଖ ଆଦୌ ଲୋଡ଼ା ନୁହେଁ
- ବୁଦ୍ଧଦେବ

ସମ୍ପାଦକୀୟ...

ଧ୍ୟାନ ଦେବା

ଯେକୌଣସି ବିପର୍ଯ୍ୟୟ- ପ୍ରାକୃତିକ ହେଉ କି ମନୁଷ୍ୟକୃତ, ତାହା ଅବଶ୍ୟ ସମାଜର ବିଭିନ୍ନ ବର୍ଗର ଲୋକଙ୍କୁ ପ୍ରଭାବିତ କରିଥାଏ; ଅଧିକ ପରିମାଣରେ ପ୍ରଭାବିତ କରିଥାଏ ଅସୁରକ୍ଷିତ ବର୍ଗଙ୍କୁ । ଠିକ୍ ସେମିତି ଅର୍ଥନୀତିକ ହେଉ କି ସ୍ୱାସ୍ଥ୍ୟଗତ ସଙ୍କଟ ମଧ୍ୟ ଅସୁରକ୍ଷିତ ବର୍ଗଙ୍କ ଉପରେ ଅସମାନୁପାତିକ ଭାବରେ ପ୍ରଭାବ ପକାଇ ଥାଏ । କୋଭିଡ୍-୧୯ ମହାମାରୀ ପୃଷ୍ଠିଭୂମିରେ ଏହି ଅବଧାରଣାର ପୁନରାବୃତ୍ତି କରିଥିଲା । ଏହି ମହାମାରୀର ସଂକ୍ରମଣକୁ ରୋକିବା ପାଇଁ ସାରା ଦେଶରେ ଲକ୍‌ଡାଉନ୍ ଜାରି କରାଯିବା ପରେ ଅନେକ ଲୋକ ସେମାନଙ୍କର କର୍ମନିଯୁକ୍ତି ହରାଇଲେ । ଏମାନଙ୍କ ମଧ୍ୟରେ ମହିଳାମାନେ ମଧ୍ୟ ଅନ୍ତର୍ଭୁକ୍ତ । କିନ୍ତୁ ଏହାପରେ ମହିଳାମାନଙ୍କ ଉପରେ ଘର କାମର ବୋଝ ବହୁତ ବଢ଼ିଥିଲା । ଜାତିସଂଘର ଅଧ୍ୟୟନ ଏକଥା ପୂର୍ବରୁ ଉଲ୍ଲେଖ କରି ସାରିଛି । ତେବେ ମହିଳାମାନଙ୍କ ଦୁର୍ଦ୍ଦଶାର ଅନ୍ତ ଏତିକିରେ ଘଟିଲା ନାହିଁ । ନିକଟରେ ଭାରତର ଏକ ଅଗ୍ରଣୀ ଶିକ୍ଷାନୁଷ୍ଠାନ ଅଜିମ୍ ପ୍ରେମଜୀ ବିଶ୍ୱବିଦ୍ୟାଳୟ ଦ୍ୱାରା କରାଯାଇଥିବା ଏକ ସର୍ଭେ ଉଲ୍ଲେଖ କରିଛି ଯେ ମହିଳାମାନଙ୍କ ପାଇଁ ମହାମାରୀ ଦୁଇ ଦୁଇଟି ସଙ୍କଟ ବହନ କରି ଆଣିଛି । ଲକ୍‌ଡାଉନ୍ ସମୟରେ ମହିଳାମାନଙ୍କ କ୍ଷେତ୍ରରେ ଚାକିରି ହରାଇବାର ସମ୍ଭାବନା ଯେ କେବଳ ପୁରୁଷମାନଙ୍କ ତୁଳନାରେ ସାତଗୁଣ ଅଧିକ ଥିଲା, ତା' ନୁହେଁ, ବରଂ ଅନ୍‌ଲକ୍ ହେବା ପରେ ସେମାନଙ୍କର କର୍ମକ୍ଷେତ୍ରକୁ ନ ଫେରିବାର ସମ୍ଭାବନା ପୁରୁଷମାନଙ୍କ ତୁଳନାରେ ଏଗାର ଗୁଣ ଅଧିକ । ଏହି ସଙ୍କଟର ମାତ୍ରା ଅତ୍ୟନ୍ତ ବିପୁଳ । ମହାମାରୀର ଆଗମନ ପୂର୍ବରୁ ଯେତିକି ମହିଳା ଚାକିରି କ୍ଷେତ୍ରରେ ଥିଲେ, ସେମାନଙ୍କ ମଧ୍ୟରୁ ଅଧା ସଂଖ୍ୟକ ଲକ୍‌ଡାଉନ୍ ସମୟରେ ଚାକିରି ହରାଇ ଥିବା ବେଳେ ଲକ୍‌ଡାଉନ୍ ଶେଷ ହେବା ପରେ ଆଉ ସେମାନେ ଚାକିରି ଆରମ୍ଭ କରି ପାରିଲେ ନାହିଁ । ପରିଣତି ସ୍ୱରୂପ, ଚାକିରି କ୍ଷେତ୍ରରେ ମହିଳାମାନଙ୍କ ଭାଗସାମ୍ୟ ନଷ୍ଟ ହୋଇଛି । ବିଶ୍ୱବିଦ୍ୟାଳୟ ଦ୍ୱାରା କରାଯାଇଥିବା ଅଧ୍ୟୟନରୁ ହିଁ ସ୍ପଷ୍ଟ ହେଉଛି କର୍ମ କ୍ଷେତ୍ରରେ ମହିଳାମାନଙ୍କର ଏପରି ଭାଗସାମ୍ୟହୀନତାର କେତେକ କାରଣ । ଉଦାହରଣ ସ୍ୱରୂପ, ବିବାହିତ ମହିଳାମାନେ ସେମାନଙ୍କ ସ୍ୱାମୀମାନଙ୍କ ଅପେକ୍ଷା କର୍ମକ୍ଷେତ୍ରକୁ ଫେରିବାର ସମ୍ଭାବନା କମ୍ ଥିଲା, ଯେଉଁଥିରୁ ସ୍ପଷ୍ଟ ସୂଚନା ମିଳେ ଯେ ଉଭୟ ଲିଙ୍ଗ ଭିତରେ ବିଷମ ଶ୍ରମ ବିଭାଜନ ଅନୁସାରେ ଘର କାମର ଦାୟିତ୍ୱ ମଧ୍ୟ ଅସମାନ ଭାବରେ ଆବଣ୍ଟିତ ହେବାର ପରିମାଣ ଅଧିକ ବୃଦ୍ଧି ପାଇଥିଲା । ପରିତାପର ବିଷୟ ହେଉଛି, ମହିଳାମାନଙ୍କ ଶିକ୍ଷାଗତ ପୃଷ୍ଠଭୂମି ମଧ୍ୟ ସେମାନଙ୍କ ଭାଗ୍ୟ ବଦଳାଇବାରେ ସହାୟକ ହୋଇନାହିଁ । ଉଚ୍ଚ ପଦପଦବୀରେ ନିଯୁକ୍ତି ପାଇବା ନିମନ୍ତେ ଅଧିକ ଶିକ୍ଷାଗତ ଯୋଗ୍ୟତା ଆବଶ୍ୟକ ହୋଇଥାଏ । କିନ୍ତୁ ଏ କ୍ଷେତ୍ରରେ ସୁଦ୍ଧା ପୁରୁଷମାନଙ୍କ ତୁଳନାରେ ମହିଳାମାନେ ପୁନଃନିଯୁକ୍ତି ପାଇବାର ସମ୍ଭାବନା କମ୍ ଥିଲା । ଏହି ସୂଚନା ଅନେକାଂଶରେ ଚିନ୍ତା ଉଦ୍ରେକକାରୀ । ୨୦୧୧ ଜନଗଣନାର ତଥ୍ୟ ଅନୁସାରେ ୨୦୦୧ରୁ ୨୦୧୧ ମଧ୍ୟରେ ସ୍ନାତକୋତ୍ତର, ପେସାଦାର ଏବଂ ବୈଷୟିକ ଡିଗ୍ରୀ ହାସଲ କରିବା କ୍ଷେତ୍ରରେ ମହିଳାମାନଙ୍କ ସଂଖ୍ୟା ବହୁଗୁଣ ବୃଦ୍ଧି ପାଇଛି, କିନ୍ତୁ ଏକଥା ସ୍ପଷ୍ଟ ଯେ ଏହି ଡିଗ୍ରୀଗୁଡ଼ିକ ଅନୁରୂପ କର୍ମନିଯୁକ୍ତିର ସୁଯୋଗଗୁଡ଼ିକ କମ୍ ଥିଲା ଏବଂ ମହାମାରୀ ପରେ ଏହା ଆହୁରି ସଂକୁଚିତ ହୋଇ ଯାଇଛି । କର୍ମନିଯୁକ୍ତି କ୍ଷେତ୍ରରେ ମହିଳାମାନଙ୍କ ସଂଖ୍ୟାରେ ଉନ୍ନତି ନ ଘଟିବା ଦିଗରେ ଏକ ପ୍ରମୁଖ ପ୍ରତିବନ୍ଧକ ହେଉଛି ଲିଙ୍ଗ-ଭିତ୍ତିକ ପକ୍ଷପାତିତାପୂର୍ଣ୍ଣ ମନୋଭାବ । ମହାମାରୀ ସମୟରେ ଏହା ଅଧିକ ବୃଦ୍ଧି ପାଇଥିବା ମନେହୁଏ । ଏଥିରେ ସନ୍ଦେହ ନାହିଁ ଯେ ମହାମାରୀ ଅବସ୍ଥାରେ ଦେଶର ଅର୍ଥନୀତିକ ପରିସ୍ଥିତି ବିଗିଡ଼ିବାକୁ ଆରମ୍ଭ କରିଥିବା ବେଳେ ମହାମାରୀ ଏହାକୁ ଅଧିକ ନିମ୍ନଗାମୀ କରାଇ ଥିଲା ଯାହାକୁ ସୁଧାରିବାକୁ ସରକାରଙ୍କୁ ଅନେକଗୁଡ଼ିଏ ପ୍ୟାକେଜ୍ ଘୋଷଣା କରିବାକୁ ବାଧ୍ୟ ହୋଇଥିଲେ । ସେ ଯାହାହେଉ, ପରିସ୍ଥିତିରେଧୀରେ ଧୀରେ ସୁଧାର ଆସିବାକୁ ଆରମ୍ଭ କରିଛି; ଅର୍ଥାତ୍, ଦେଶ ଆର୍ଥିକ ମାନ୍ଦାବସ୍ଥାରୁ ମୁକୁଳିବାକୁ ଆରମ୍ଭ କରିଛି । ଏହା ଏକ ଶୁଭ ସୂଚନା । ତେଣୁ ସରକାର ଏବେ କର୍ମନିଯୁକ୍ତି ସୃଷ୍ଟି ଉପରେ ଧ୍ୟାନ ଦେବା ଉଚିତ । ମହିଳା କର୍ମଚାରୀଙ୍କ ପାଇଁ କର୍ମ ସୃଷ୍ଟି କରିବା ଉଦ୍ଦେଶ୍ୟରେ କମ୍ପାନୀମାନେ ସେମାନଙ୍କ ପାଇଁ ଘରେ ରହି କାମ କରିବା ବା ୱାର୍କ୍ ଫ୍ରମ୍ ହୋମ୍‌ର ସୁଯୋଗ ସୃଷ୍ଟି କରିବା ଆବଶ୍ୟକ । ତେବେ ଏସବୁ ସଂଗଠିତ କ୍ଷେତ୍ରମାନଙ୍କରେ ସମ୍ଭବପର ହେବାର ସମ୍ଭାବନା ଥିବା ବେଳେ ଅଧିକ ବିପଦଗ୍ରସ୍ତ ହେଉଛି ଅସଂଗଠିତ କ୍ଷେତ୍ରଗୁଡ଼ିକ, ଯେଉଁଠି କର୍ମଶକ୍ତିର ଅଧିକାଂଶ ଭାଗ କାମ କରିଥାନ୍ତି ।

ବାଇଶି ପାହାଚେ ଗଡ଼େଇ ଦେବୁ...

॥ ପୁଷ୍ପମିତ୍ର ମହାପାତ୍ର ॥

'ମାଠିଆରେ ପାଣି ଡାବୁ ଡାବୁ, ମାଠିଆରେ ପାଣି ଡାବୁ ଡାବୁ, କୋଉ ଦିନ ମୋତେ ପୁରୀ କି ନେବୁରେ ପୁରୀକୁ ନେବୁ ପୁରୀ କୁ ନେବୁ, ବାଇଶି ପାହାଚେ ଗଡ଼େଇ ଦେବୁ...' । ଓଡ଼ିଶାର ସୁନାମଧନ୍ୟ କଣ୍ଠଶିଳ୍ପୀ ନମିତା ଅଗ୍ରୱାଲଙ୍କ 'ବାଇଶି ପାହାଚ' ଶୀର୍ଷକ ସଂଗୀତଟି ପ୍ରତିଟି ଜଗନ୍ନାଥପ୍ରେମୀଙ୍କ ତନ୍ମନକୁ ପୁଲକିତ, ସିଂହରିତ କରିଥାଏ । ଶ୍ରୀଜଗନ୍ନାଥଙ୍କ ଭକ୍ତମାନସରେ ପୁରୀ ମନ୍ଦିରରେ ଥିବା ବାଇଶି ପାହାଚ ମଧ୍ୟ ଏକ ମହତ୍ତ୍ୱପୂର୍ଣ୍ଣ ସ୍ଥାନ ଅଧିକାର କିଛି । ସେଇ ପଥର ପାହାଚଗୁଡ଼ାକ ଚଢ଼ି ମନ୍ଦିରକୁ ଯିବାବେଳେ ଠାକୁରଙ୍କ ପ୍ରତି ସତେ ଅବା ଆର୍ଦ୍ର ହେବାକୁ ଆରମ୍ଭ କରେ ଭକ୍ତମାନଙ୍କ ମନ । ମନ୍ଦିର ଯାତ୍ରାବେଳେ ଭକ୍ତମାନେ ବାଇଶି ପାହାଚ ହାତରେ ସ୍ପର୍ଶକରି ମଥାରେ ଲଗାନ୍ତି । ଲାଗେ ହୃଦୟ ଭିତରେ ଥିବା ଅନେକ କଷ୍ଟ, ଅନେକ କୋହ, ଅନେକ ଯନ୍ତ୍ରଣା, ଅଭାବ, ନୈରାଶ୍ୟ, ହା ହୁତାଶ, ଆତ୍ମଗ୍ଲାନି ସବୁକିଛି ଯେପରି ସେଇଠି ହିଁ ଓହ୍ଲାଡ଼ି ଦେବା ମହାପ୍ରଭୁଙ୍କୁ ପ୍ରାର୍ଥନା ପୂର୍ବକ । ସିଂହଦ୍ୱାର ସଂଲଗ୍ନରେ ଥିବା ମୁଖଶାଳା ଅତିକ୍ରମ କଲେ ଆଗରେ ପଡ଼େ ଗୋଟାଏ ସୋପାନ ଶ୍ରେଣୀ - ଲମ୍ବା, ଅନୁଚ୍ଚ, କିନ୍ତୁ ମସୃଣ । ଏଗୁଡ଼ିକ ମୁଖଶାଳାର ପଶ୍ଚାତରୁ ଆରମ୍ଭ ହୋଇ ଉପରକୁ ଉପରକୁ ଉଠି ସ୍ପର୍ଶ କରିଛି କୁର୍ମବେଢ଼ା ଦ୍ୱାର । ମୁଖଶାଳା ଓ କୁର୍ମବେଢ଼ା ମଧ୍ୟରେ ରହିଛି ମାତ୍ର ୨୦ଟି ପାହାଚ; ତେବେ ସୋପାନ ଶ୍ରେଣୀର ଶେଷ ଆଡ଼କୁ ଡାହାଣ ପଟେ ଉତ୍ତର ଦିଗରେ ଆନନ୍ଦବଜାର ପ୍ରବେଶ ପଥରେ ରହିଛି ଆଉ ଦୁଇଟି ପାହାଚ । ଏ ଦୁଇଟି ପାହାଚ ଆରମ୍ଭ ହୋଇଛି ଅଷ୍ଟାଦଶ ସୋପାନରୁ ଏବଂ ପ୍ରସରିଛି ଉତ୍ତରକୁ ଆନନ୍ଦବଜାରର ଦ୍ୱାର ଯାଏଁ । ଏଇ ଦ୍ୱାରର ଦୁଇ ପାର୍ଶ୍ୱରେ ଶୋଭାପାଉଛି ଖୁବ୍ ପ୍ରକାଣ୍ଡକାୟ ଦୁଇଟି ସିଂହ ଭାସ୍କର୍ଯ୍ୟ ପ୍ରାୟ ୧୦ଫୁଟ ଲମ୍ବା ଓ ୮ଫୁଟ ଉଚ୍ଚତା ବିଶିଷ୍ଟ ।

ଶ୍ରୀକ୍ଷେତ୍ରର ଐତିହ୍ୟ, ଧର୍ମଚେତନା ଓ ପରମ୍ପରା ସହିତ ଏହି ବାଇଶି ପାହାଚର ଭୂମିକା ଅତିବ ଭାବପୂର୍ଣ୍ଣ ଓ ଗୁରୁତ୍ୱପୂର୍ଣ୍ଣ । ବିଶ୍ୱାସ ରହିଛି ଏଇଟି ହିଁ ଅଷ୍ଟବୈକୁଣ୍ଠ, ପିତୃଲୋକ, ବ୍ରହ୍ମଲୋକ ଓ ଧ୍ରୁବଲୋକ, ଅନ୍ନଦାନ, ପିଣ୍ଡଦାନ ଓ ବସ୍ତ୍ରଦାନର ମହାପୁଣ୍ୟ କ୍ଷେତ୍ର ହେଉଛି ଏହି ବାଇଶି ପାହାଚ । ଏହା କେବଳ ପଥରରେ ତିଆରି ସାଧାରଣ ପାହାଚ ନୁହଁ ବରଂ ଏଥିରେ ରହିଛି ଅନେକ ଗୂଢ଼ ତତ୍ତ୍ୱ । ଏହି ଅଷ୍ଟବୈକୁଣ୍ଠର ଲୋକ ମହାତ୍ମ୍ୟ ଏହିପରି ଯେ ନିତ୍ୟସୁକୀ ଏହି ପୁରୁଷୋତ୍ତମ କ୍ଷେତ୍ରରେ ମହାପ୍ରଭୁ ନିତ୍ୟଲୋକରୁ ଭୂଲୋକକୁ ଓହ୍ଲାଇ ଆସନ୍ତି ଏହି ବାଇଶି ପାହାଚ ଦେଇ ।

ବାଇଶିଟି ଯାକ ପାହାଚର ଆୟତନ ଏକା ପ୍ରକାରର ନୁହେଁ । ସମସ୍ତ ସୋପାନ ଅବଶ୍ୟ ବଉଳମାଳ ବା କୁଣ୍ଡାପଥରରେ ନିର୍ମିତ ଏବଂ ଅଧିକାଂଶର ପ୍ରସ୍ଥ ପାଂଚ ଫୁଟ । ପାହାଚଗୁଡ଼ିକର ଉଚ୍ଚତା ମାତ୍ର ଛଅରୁ ସାତ ଇଂ ଏବଂ ଲମ୍ବା ପ୍ରାୟ ୪୦ଫୁଟ । ସୋପାନ ଶ୍ରେଣୀର ଉତ୍ତର ଓ ଦକ୍ଷିଣ ପଟେ ମଧ୍ୟ ରହିଛି ପାଚେରୀ । ତେବେ ଦୁଇ ପଟର ଏହି ପାଚେରୀ ଠିକ୍ ପାଚେରୀ ପରି ପ୍ରତୀୟମାନ ହେଉନି କାରଣ ମନ୍ଦିର ଚଟାଣର ସମତଳ ସହ ଏହା ମିଶି ଯାଇଛି । ଉପରେ ରହିଛି ଦୁଇଧାଡ଼ି ମିଷ୍ଟାନ୍ନ ତିଆରି ସରଘର ସୋପାନ ଶ୍ରେଣୀର ଅଷ୍ଟାଦଶ ପାହାଚଟି ସବୁଠାରୁ ଓସାରିଆ; ଯାର ପ୍ରସ୍ଥ ପ୍ରାୟ ୧୫ଫୁଟ । ୧୯ ଓ ୨୦ ତମ ପାହାଚ ଦୁଇଟି ଅର୍ଦ୍ଧ ଗୋଲାକୃତି । ଏ ଦ୍ୱୟ କାରୁକାର୍ଯ୍ୟ ମଣ୍ଡିତ କୁର୍ମବେଢ଼ା ଦ୍ୱାରକୁ ସ୍ପର୍ଶ କରି ରହିଛି । ଆନନ୍ଦବଜାରର ପ୍ରବେଶ ପଥରେ ଥିବା ପାହାଚ ଦୁଇଟି ମଧ୍ୟ ପ୍ରସ୍ଥରେ ପ୍ରାୟ ୧୦ଫୁଟ । ବାଇଶି ପାହାଚ ଦେଇ ମନ୍ଦିରକୁ ଉଠିଲାବେଳେ ତୃତୀୟ ପାହାଚର ଦକ୍ଷିଣ ପାର୍ଶ୍ୱରେ ରହିଛି ଗୋଟିଏ ଅନୁଚ୍ଚ ମନ୍ଦିର ଯାହା କାଶୀ ବିଶ୍ୱନାଥ ଦେବାଳୟ ରୂପେ ପରିଚିତ । ଏଇ ଉପାସନା ପୀଠକୁ ଲାଗି ଅନ୍ୟ ଏକ ଅନୁଚ୍ଚ ମନ୍ଦିର ରହିଛି ଏଠାରେ ରାମ ଓ ସୀତା ପୂଜା ପାଆନ୍ତି । କେତେକ ବିଦ୍ୱାନ ବାଇଶି ପାହାଚର ମହତ୍ତ୍ୱ ପ୍ରତିପାଦିତ କରିବାକୁ ଯାଇ କିଛି ତତ୍ତ୍ୱ ବଖାଣନ୍ତି । ସେମାନଙ୍କ ମତରେ ଦେବତାଙ୍କୁ ପାଇବା ପଥରେ ମାନବ ୨୨ ପ୍ରକାରର ଦୋଷ ଦୁର୍ବଳତା ଅତିକ୍ରମ କରିବାକୁ ହୁଏ; ଏଣୁ ଶ୍ରୀମନ୍ଦିରରେ ରହିଛି ଏଇ ୨୨ ଗୋଟି ପାହାଚ । ବାଇଶି ପାହାଚର ପ୍ରଥମ ପାହାଚର ବାମପାର୍ଶ୍ୱରେ ପଶ୍ଚିମାଭିମୁଖୀ କାଶୀବିଶ୍ୱନାଥ ମନ୍ଦିର ଅବସ୍ଥିତ । କାଶୀବିଶ୍ୱନାଥ ହେଉଛନ୍ତି ବାଇଶି ପାହାଚର ପ୍ରଥମ ଦେବତା । ଶ୍ରୀଜଗନ୍ନାଥଙ୍କୁ ଭକ୍ତଜନ ଦର୍ଶନ କରିବା ପରେ ବାଇଶି ପାହାଚରେ କିଛି ସମୟ ବସନ୍ତି । ପଂଚଦଶ ଅଷ୍ଟତାତ୍ତ୍ୱିକ ଭାବ ତ୍ରିବୀଜ, ତ୍ରୀଶକ୍ତି, ତ୍ରିଗୁଣର ସମାହାର ବାଇଶି ଯାହା କି ବାଇଶି ପାହାଚରେ ପ୍ରତିଫଳିତ ।

ବିଶ୍ୱାସ ରହିଛି ମହାପ୍ରଭୁଙ୍କ କରୁଣା ନହେଲେ କେହି ବି ବାଇଶି ପାହାଚ ଅତିକ୍ରମ କରିପାରିବ ନାହିଁ କି ଠାକୁରଙ୍କୁ ଦର୍ଶନ ମଧ୍ୟ କରିପାରିବ ନାହିଁ । ପହଣ୍ଡି ସମୟରେ ମହାପ୍ରଭୁ ଏହି ପାହାଚ ଅତିକ୍ରମ କରି ହାତୀ ପରି ଝୁଲି ଝୁଲି ଟାହିଆ ହଲାଇ ଦୁଇ ହାତ ପ୍ରସାରିତ କରି ବଡ଼ଦାଣ୍ଡର ଜନସମୁଦ୍ରକୁ ଓହ୍ଲାଇ ଆସନ୍ତି । ଏହି ବାଇଶି ପାହାଚରେ ଅସଂଖ୍ୟ ଭକ୍ତ, ଶ୍ରଦ୍ଧାଳୁ, ସାଧୁସନ୍ଥଙ୍କ ପବିତ୍ର ଚରଣ ରଜ ରଞ୍ଜିତ । ପତିତପାବନ ଯାତ୍ରା ସମୟରେ ଏହି ବାଇଶି ପାହାଚରେ ଶ୍ରୀଜୀଉଙ୍କ ଦେବୋପମ ପହଣ୍ଡି ହେଲାବେଳେ ଏଠାରେ ଅବସ୍ଥିତ ପିତୃଶିଳା ନିକଟରେ ପିତୃପୁରୁଷଗଣ, ଯଜ୍ଞଶାଳା ନିକଟରେ ଚିତ୍ରଗୁପ୍ତ ଓ ଜମଦୂତ ଗଣ, ତେତିଶ କୋଟି ଦେବଗଣ, ଗନ୍ଧର୍ବ, କିନ୍ନର, ଦେବ ନର୍ତ୍ତକୀ ସମସ୍ତେ ଉପସ୍ଥିତ ଥାଆନ୍ତି ଦର୍ଶନ ପାଇଁ । ବାଇଶି ପାହାଚ ହେଉଛି ଚତୁର୍ଦ୍ଦଶ ଭୁବନ । ଭୂ, ଭୂବଃ, ସ୍ୱଃ, ମହଃ ଜନ, ତପ, ସତ୍ୟ, ଅତ, ସୁତଳ, ବିତଳ, ମହାତଳ, ରସାତଳ ତଥା ପାତାଳ ଏବଂ ଅଷ୍ଟ ବୈକୁଣ୍ଠ ।

ତେବେ ତତ୍ତ୍ୱର ତାତ୍ପର୍ଯ୍ୟ ଯାହା ହେଉ ନା କାହିଁକି ବାଇଶି ପାହାଚର ପବିତ୍ରତାକୁ କେହି ଅସ୍ୱୀକାର କରନ୍ତି ନାହିଁ । ବାପା ମା'ମାନେ ମାନସିକ କରି ନିଜ ଶିଶୁ ସନ୍ତାନମାନଙ୍କୁ ଏହି ସୋପାନର ଉପରୁ ତଳ ଯାଏଁ ଗଡ଼ାନ୍ତି । ଏଇ ବାଇଶି ପାହାଚକୁ ମଧ୍ୟ ପିତୃଲୋକର କ୍ଷେତ୍ର ବୋଲି ଗ୍ରହଣ କରାଯାଏ । ଏଣୁ ଆଶ୍ୱିନ ମାସ ପ୍ରଥମାର୍ଦ୍ଧରେ ଏଠାରେ ଯାତ୍ରୀମାନେ ମହାଳୟା ଶ୍ରାଦ୍ଧ କରନ୍ତି । ଶ୍ରାଦ୍ଧ ସାରି ଦଶମ ପାହାଚର ଏକ ଚତୁଷ୍କୋଣୀ କ୍ଷେତ୍ରରେ ପିଣ୍ଡ ଅର୍ପଣ କରାଯାଏ । ଏ ଦିନେ ବାଇଶି ପାହାଚରେ ବହୁ ପୁରୋହିତ ଓ ଯଜମାନ ଶ୍ରାଦ୍ଧରେ ବସିଥିବା ଦେଖାଯାଏ । ଶ୍ରଦ୍ଧାଳୁ ହୁଅନ୍ତୁ ବା ଭକ୍ତ ମହାପ୍ରଭୁଙ୍କୁ ଦେଖିବା ପାଇଁ ଶ୍ରୀ ମନ୍ଦିରକୁ ପ୍ରବେଶ ପରେ ଏହି ବାଇଶ ପାହାଚ ନିକଟରେ ପହଂଚ୍ ପାଦ ଦେବା ପୂର୍ବରୁ ଭକ୍ତିପୂତ ମୁଣ୍ଡିଆଟିମାରି ଆଗକୁ ଯାଇଥାଏ ।

ଆଇନଜୀବୀ, ଓଡ଼ିଶା
ହାଇକୋର୍ଟ, କଟକ, ସେକ୍ଟର-
୬, ସିଡିଏ, କଟକ,
ଦୂରଭାଷ;୯୪୩୭୨୨୫୬୮୯,

ପ୍ରତାରଣା

॥ ଅନୀତା ପଟ୍ଟନାୟକ ॥

ଅରୁଣସ୍ତମ୍ଭ ନିକଟରେ ପ୍ରଣାମ କରି ପାଦ ଧୋଇ ଶ୍ରୀମନ୍ଦିରର ସିଂହଦ୍ୱାର ଦେଇ ପ୍ରବେଶ କଲା ବେଳକୁ ଡାହାଣ ପଟେ ସାଜସଜ୍ଜାପୂର୍ଣ୍ଣ ପତିତପାବନଙ୍କୁ ଦର୍ଶନ କଲି ଧଳା ଓ ଲାଲ ଫୁଲର ଗୋଟିଏ ଗଜରାହାର ପିନ୍ଧିଥାନ୍ତି । ଖୁବ ସୁନ୍ଦର ଦେଖା ଯାଉଥାନ୍ତି । ବାଇଶି ପାହାଚ ଚଢ଼ିଲାବେଳକୁ ବାମ ପାର୍ଶ୍ୱରେ ଥିବା କାଶୀ ବିଶ୍ୱନାଥଙ୍କୁ ଦର୍ଶନ କରି ପ୍ରଣାମ କଲି । ଖରାଦିନ ହୋଇଥିବାରୁ ପାଦ ତାତି ଯାଉଥାଏ । ବୁଲିପଡ଼ି ତିନି ଠାକୁରଙ୍କ ଦର୍ଶନ ପାଇଁ ବାଇଶି ପାହାଚ ଚଢ଼ିଲା ବେଳେ ଦେଖିଲି ମୋର ଦେହର ଦୁଇଟି ଛାଇ ପଡୁଛି । ଆଶ୍ଚର୍ଯ୍ୟଚକିତ ହୋଇ ଜଗନ୍ନାଥଙ୍କୁ ପ୍ରାର୍ଥନା କଲି, ମୋ ସାଙ୍ଗରେ ଏପରି କାହିଁକି ଘଟୁଛି । ମୋ ଭିତରର ଅନ୍ତସ୍ୱର କହିଲା ଏହି ଦୁଇ ଛାଇଙ୍କୁ ଧରି ତତେ ଭିତରକୁ ଯିବାକୁ ପଡ଼ିବ । ମନ୍ଦିରରେ ପ୍ରବେଶ କରିବା କ୍ଷଣି ସେଠାରେ ଖରା ପଡୁନଥିବାରୁ ଛାଇ ଦୁଇଟି ଉଭେଇ ଗଲେ । ମୁଁ ମୋର ଅନ୍ତଃସ୍ୱରକୁ ପଚାରିଲି ଏହି ଛାଇ ଦୁଇଜଣ କିଏ ? ସେ କହିଲା ଜଣେ ହେଉଛି ଅହଂକାର ଓ ଅନ୍ୟଟି ସ୍ୱାର୍ଥପରତା ଏହି ଦୁଇଟି ଜିନିଷକୁ ଛାଡ଼ି ଦିଅଁ ବର୍ଶନରେ ଅର୍ଥ ରହେନାହିଁ । ଏହି ସମୟରେ ଶୁଣିବାକୁ ପାଇଲି ଏକ ଘଣ୍ଟା ମଧ୍ୟରେ ଶ୍ରୀମନ୍ଦିରକୁ ଖାଲି କରି ଦିଆଯିବ । କାରଣ କେହି ଜଣେ ଚତୁର ବିଚକ୍ଷଣ ସମ୍ମାନୀୟ ବ୍ୟକ୍ତି ମନ୍ଦିର ଭିତରକୁ ପ୍ରବେଶ କରିବେ । ତାଙ୍କର ସୁରକ୍ଷା ନିମନ୍ତେ ଏପରି କରାଯିବ । ମୁଁ ମୋର ଅନ୍ତସ୍ୱରକୁ ପଚାରିଲି ଏ ଚତୁରତା, ବିଚକ୍ଷଣତା ସମ୍ମାନୀୟତା ଏସବୁ କ'ଣ ? ସେ କହିଲା ଏସବୁ ଅହଂକାରର ନାତି ନାତୁଣୀ ଓ ସ୍ୱାର୍ଥ ହାସଲର ମାଧ୍ୟମ । ଅସ୍ଥିର ଓ ଚଳଚଂଳ । ଶ୍ରୀମନ୍ଦିରରେ ପ୍ରବେଶ କରି ଦେଖିଲି ସତରେ ମୋର ଦୁଇଟି ଛାଇ ପଡୁନାହିଁ । ଗରୁଡ଼ସ୍ତମ୍ଭକୁ ଲୋକମାନେ କୁଣ୍ଢାଇ ନିଜର ଛାତିକୁ ଲଗାଉଥାନ୍ତି । ଗରୁଡ଼ ସ୍ତମ୍ଭ ନିକଟରେ ପ୍ରଣାମ କରି ବାଁ ପାଖ ଦେଇ ଯିବାବେଳେ ଜଗନ୍ନାଥ ଓ ସୁଭଦ୍ରାଙ୍କ ହସ ହସ ମୁହଁ ଦିଶୁଥାଏ । ଗୋଡ଼କୁ ଟେକି ଡାହାଣ ପଟକୁ ମୁଣ୍ଡ କରିବା ପରେ ବଳଭଦ୍ରଙ୍କର ମୁହଁଟିକୁ ଦର୍ଶନ କଲି । ତିନି ଠାକୁର କାହିଁକି ଏକ ସାଙ୍ଗରେ ମୁଁ ଦର୍ଶନ କରିପାରୁନି । ରତ୍ନସିଂହାସନର ଗମ୍ଭୀରାଗୃହକୁ ଟିକେ ବଡ଼ କରିଥିଲେ ଭଲ ହୋଇଥାନ୍ତା । ଏପରି ଭାବୁଛି ଦେଖିଲି ଲୋକଙ୍କ ଠେଲାପେଲାରେ ମୁଁ ହୁଣ୍ଡି ନିକଟରେ ପହଂଚ୍ ଯାଇଛି ।

ମୁଁ ଦେଖିଲି ହୁଣ୍ଡିରେ ତାଲା ପଡ଼ିଛି । ମୁଁ ପଚାରିଲି ଆରେ ହୁଣ୍ଡି ତୋର ତୁଣ୍ଡି କାହିଁକି ବନ୍ଦ ? ସେ କହିଲା ଜଗନ୍ନାଥ କହିଛନ୍ତି ପାଟି ବନ୍ଦ କରି ସବୁ ଦେଖୁଥାଏ । ସ୍ୱାର୍ଥପର ମଣିଷ ତାର ସ୍ୱାର୍ଥ ସାଧନ ପାଇଁ କିମ୍ୱା ସ୍ୱାର୍ଥ ସାଧନ ହୋଇଗଲେ ମାନସିକ ପୂରଣ ହୋଇଛି ବୋଲି ଭାବି ତୋ ଭିତରେ ପଇସା ଅଳଙ୍କାର ଏସବୁ ପକାଏ । ପାଟି ବନ୍ଦ କାହାକୁ କହିବୁ ନାହିଁ ଖାଲି ଦେଖୁଥା । ଉଦରକୁ ପୂରଣ କରୁଥା । ମଝିରେ ମଝିରେ ତୋର ଉଦରକୁ ଖାଲି କରି ଦିଆଯିବ । ତୁ ଚତୁର ଓ ସ୍ୱାର୍ଥପର ବ୍ୟକ୍ତି ମାନଙ୍କୁ ଭେଟିବୁ । କିନ୍ତୁ ତୁ ତ ଜାଣିବୁ ସ୍ୱାର୍ଥପରା ଓ ଚତୁରତାକୁ ନଛାଡ଼ିଲେ ମୋର ଦର୍ଶନ କରିବାର କୌଣସି ଅର୍ଥ ନଥାଏ ଓ ମୋ ସହିତ ଆତ୍ମୀୟତାକୁ ଦୂରେଇ ଦିଏ ଜଣ ଠିକ କଣ ଭୁଲ ଜାଣିପାରେନି । ମୋର ଅନ୍ତସ୍ୱରର ଏପରି କଥୋପକଥନ ଚାଲୁଥିବା ସମୟରେ କାଠ ଅର୍ଦ୍ଦଳୀକୁ ହଠାତ କାଢ଼ିଦିଆଗଲା । ସେବକମାନେ କହିଲେ ଏ ବେତ ସାହାଣମେଲାର ବେଳ । ଏକ ଘଣ୍ଟା ମଧ୍ୟରେ ଶ୍ରୀମନ୍ଦିରକୁ ଖାଲିବାକୁ ହେବ । ଚତୁର ବିଚକ୍ଷଣ ମହାନବ୍ୟକ୍ତିମାନେ ଶ୍ରୀମନ୍ଦିରରେ ପ୍ରବେଶ କରିବେ । ତେଣୁ ଶୀଘ୍ର ଶୀଘ୍ର ଦିଅଁଙ୍କ ଦର୍ଶନ କରି ପ୍ରସ୍ଥାନ କରେ । ସେହିପରି ଠେଲାପେଲାରେ ମୁଁ ରତ୍ନସିଂହାସନ ନିକଟବର୍ତ୍ତୀ ହେଲି । ମୋର ଖାଲି ମନେ ପଡୁଥାଏ ମୋର ଦୁଇଟି ଛାଇ ଅହଂକାର ଓ ସ୍ୱାର୍ଥପରର କଥା ଓ ହୁଣ୍ଡି ସହିତ ମୋର କଥୋପକଥନ କଣ କରିବି ? ଏ ପର୍ଯ୍ୟନ୍ତ ମୁଁ ମୋର ଚତୁରତା, ଅହଂକାର, ସ୍ୱାର୍ଥପରତା କିଛି ଛାଡ଼ି ପାରିନି । ମୁଁ ଭାବିଲି ଯଦି ହୁଣ୍ଡିର କଥା ସତ ହୁଏ ସତରେ କ'ଣ ଏଠାକୁ ଆସୁଥିବା ଶହ ଶହ ଭକ୍ତ ତାଙ୍କର ଏ ଗୁଣ ଗୁଡ଼ିକ ଛାଡ଼ି ଦେଉଛନ୍ତି ନା ନିଜର ହାନୀ କରୁଛନ୍ତି । ଏହି ସମୟରେ ଦେଖିଲି ଜଣେ ସେବକ ନିଜ ହାତରେ ଶଙ୍ଖକୁ ଫୁଙ୍କି ଗୋଟିଏ ଥାଳିରେ ଥାଇଲେ ସେ ଥାଳିରେ କେତେକ ପଦ୍ମଫୁଲ ଥାଏ । ଦିଅଁଙ୍କୁ ଲାଗି ହେବାପାଇଁ ରହିଥାଏ । ଭାବିଲି ସତରେ ସେବକଙ୍କର ହାତ, ଶଙ୍ଖ ଓ ପଦ୍ମଫୁଲ ଗୁଡ଼ିକ ଭଗବାନଙ୍କ ନିକଟରେ ସଂପୂର୍ଣ୍ଣ ରୂପେ ସମର୍ପିତ ହୋଇ ଯାଇଛନ୍ତି । କୌଣସି ମତେ ଭିଡ଼ରେ ଧକ୍କାଧକ୍କି ହୋଇ ମୁଣ୍ଡିଆମାରି ପ୍ରଭୁଙ୍କୁ କହିଲି ମୁଁ କ'ଣ ଆଜି ପର୍ଯ୍ୟନ୍ତ ଅହଂକାର, ସ୍ୱାର୍ଥପରତା ଓ ଚତୁରତାକୁ ନଛାଡ଼ି ତୁମ ସହିତ ପ୍ରତାରଣା କରିଛି ? ଭିତରୁ ପ୍ରତିଧ୍ୱନୀ ଆସିଲା । ହଁ ତୁମେ ତୁମେ ....ତୁମେ...ମୁକ୍ତି ଓ ଆନନ୍ଦ ଯେଉଁଥିପାଇଁ ପ୍ରାର୍ଥନା କରୁଛ । ତୁମେ ଚେଷ୍ଟିତ ନୁହଁ ।

ଅବସରପ୍ରାପ୍ତ ପ୍ରଧାନଶିକ୍ଷୟିତ୍ରୀ, ସିଡିଏ,
କଟକ,
ଦୂରଭାଷ;୯୬୯୨୯୮୦୦୨୬

ବିଛାମନ୍ତ୍ର ନଜାଣି ସର୍ପଗର୍ତ୍ତରେ ହାତ

॥ ଅଜୟ କୁମାର ବେହେରା ॥

ସଂପ୍ରତି ଏ ସମୟରେ ମୋବାଇଲ ଫୋନରେ ୱାଟସପ୍ ମଂଚରେ ବହୁ ଜ୍ୟୋତିଷୀ ତାଙ୍କର ବିଶେଷ ରୋଜଗାର ପାଇ ହଟଚମଟ ଦେଖାଇ ଏକ ଏକ ରାଶିର ଭଲ ବା ମନ୍ଦ କହିବା ଦେଖାଯାଉଛି । ପ୍ରକୃତରେ ଏହାସବୁ ରାଶିର ଫଳ ମାତ୍ର । ସଂସାର ସୃଷ୍ଟି ଠାରୁ ଏ ପର୍ଯ୍ୟନ୍ତ ବା ଫଳିତ ଜ୍ୟୋତିଷରେ ଗଣିତ ଜ୍ୟୋତିଷ ସିଦ୍ଧାନ୍ତ ରାଶି କ୍ଷେତ୍ରରେ ଗ୍ରହ ସଂଚାର ହେଉଛନ୍ତି ଏହା ଉପରେ ବିଭିନ୍ନ ପ୍ରକାରେ ଫଳାଫଳର ଅନୁମାନ କରାଯାଇ ଜ୍ୟୋତିଷୀ ବୟାନ ଦିଆଯାଇ ଆସୁଛି । ଏ ସମୟରେ କୁମ୍ଭ ରାଶିରୁ ଶନି ମୀନ ରାଶିକୁ ସଂଚାର କଲେ ବହୁ ମାଳିକା ପ୍ରବଚକ କହି ଚାଲିଛନ୍ତି ମୀନ ଶନି ବହୁ ପ୍ରକାର ଧ୍ୱଂସ ସୃଷ୍ଟି କରିବ । ଏଣେ ଫଳିତ ଜ୍ୟୋତିଷରେ ରାଶିଫଳ ବୟାନ ବର୍ତ୍ତମାନେ ଶନିଙ୍କର ଏପରି ସ୍ଥିତି କିଛି ରାଶି ଅଭୂତପୂର୍ବ ହାନି କରାଇବ । ଶନିଙ୍କର ସପ୍ତା, ଢାୟା ଲୁହା ପାଦର ଶନି ଯୋଗୁ ରାଶି ଗୁଡ଼ିକର ଘୋର ସଂକଟ କରିବ । ଏମିତି ଏଇ ମନ୍ଥର ଗତିର ଗ୍ରହ ୩୦ ବର୍ଷର ରାଶି ଚକ୍ର ପରିକ୍ରମାରେ ପ୍ରାୟ ବ୨ବ୍/୬ମାସ ପରେ ୧/୧ ରାଶିରେ ପ୍ରବେଶ କରି ପ୍ରାୟ ବ୨/୬ ମାସ ରହନ୍ତି । ଏକ ରାଶି ୩୦ ଅଂଶ ୩୬୦ ଅଂଶ ରାଶି ଚକ୍ରରେ ଭଗାଦାର ବ୨/୬ ମାସ ଅର୍ଥ ୩୦ ମାସ, ଶନି ପଙ୍ଗୁଗ୍ରହ ଯୋଗୁ ୧ମାସକୁ ୧ଅଂଶ ପ୍ରାୟ ଆଗାନ୍ତି । ପୁଣି ଏ ମଧ୍ୟରେ ରବିଙ୍କ ଯୋଗୁଁ ଅସ୍ତ ବକ୍ରୀ ହୋଇଥାନ୍ତି । ଅଷ୍ଟବର୍ଗ ପଦ୍ଧତିରେ ପ୍ରତିଜାତକରେ ସର୍ବାଷ୍ଟକ ବର୍ଗରେ ଯଦି ଗ୍ରହର ଶୁଭବିନ୍ଦୁ ରାଶିଟିରେ ଥାଏ ବା ଶନି ଅଷ୍ଟକ ବର୍ଗରେ ଧାର୍ଯ୍ୟ ଶୁଭ ୮ ବିନ୍ଦୁରେ ୮ ବିନ୍ଦୁ ବା ସେହିପରି ୭/୬/୫/୪ ବିନ୍ଦୁ ପ୍ରାପ୍ତ ହୋଇଥାନ୍ତି । ୩ ଏକ ରାଶିରେ ୮ କକ୍ଷା ଅଛି । ଯାହା ୩ ଅଂଶ ୪୫ କଳ, ଏକକରେ ଏକ ଏକ କକ୍ଷା । ଯଦି ଏ ମଧ୍ୟରେ ଶୁଭ ଗ୍ରହର ଶୁଭ କକ୍ଷାରେ ଶନି ଗତି କରିବେ ତେବେ ଲୋକଟି ସମସ୍ତଙ୍କ ଠାରୁ ଅଲଗା ଶୁଭଫଳ ପାଇପାରିବେ । ଯଦି କିଛି ଶୁଭ କକ୍ଷା ଥାଏ ତେବେ, ସେହି କକ୍ଷାରେ ଶନି ଭଲ ଫଳ ହିଁ ଦେଇପାରନ୍ତି । ୩ ଅଂଶ ୪୫ କକ୍ଷ ପାଇଁ ଶନି ପ୍ରାୟ ମାମ୍ୟା ୨୧ ଦିନ ଶୁଭ କକ୍ଷାରେ ଶୁଭ ଫଳ ଅଶୁଭ କକ୍ଷାରେ ଅଶୁଭ ଫଳ ଦେଇପାରନ୍ତି । ଏହା କେବେ ହେଲେ ସମସ୍ତଙ୍କ ପାଇଁ ଏକ ଫଳ ହୋଇନପାରେ । ୧୨ରାଶିରେ ବିଭିନ୍ନ ପ୍ରକାରେ ବିଭିନ୍ନ ଭାବ ରହିଛି । ଯାହା ଲଗ୍ନରୁ ୧୨ଶ ଭାବ ଲୋକଟିର ଜାତକରେ କେଉଁ ଭାବକୁ ଚଳନୀୟ ଶନି କେଉଁ କେଉଁ ଭାବରେ ଅଧିକାରୀ ହୋଇ ସ୍ଥିର ଭାବକୁ ଆକ୍ରାନ୍ତ କରୁଛନ୍ତି ଏହା ବ୍ୟକ୍ତିଗତ ବିଚାର ।

୩୦ ବର୍ଷରେ ଶନି ୩୬୦ ଅଂଶର ଚକ୍ର ପୂର୍ଣ୍ଣ କରୁଥିବାରୁ ପ୍ରତି ବ୍ୟକ୍ତିଙ୍କର ୩୦/୬୦/୯୦/୧୨୦ ବର୍ଷରେ ଥରେ ଥରେ ଜନ୍ମ ରାଶି ଓ ଉଦ୍ଦିଷ୍ଟ ଭାବକୁ ଆସିଯାଆନ୍ତି । ପୁଣି ଶନିଙ୍କର କଣ ସବୁ ଗ୍ରହଙ୍କର ଦୃଷ୍ଟି ୭ମକୁ ଅଛି । ଶନି ଦୃଷ୍ଟିକୁ ଖରାପ କୁହାଯାଏ ଯଦି ପ୍ରତି ବ୧୫ ବର୍ଷରେ ଶନିଙ୍କ ଠାରୁ ଶନି ସ୍ୱସ୍ଥାନରୁ ୭ମରେ ରହିଥାନ୍ତି । ଏହି ସ୍ତରରେ ୧୫/୪୫/୭୫/୧୦୫ ବର୍ଷରେ ଶନି ସ୍ଥିତ ସ୍ଥାନ ଯାହା ଜନ୍ମ ଜାତକରେ ଅଛି ସେ ସ୍ଥାନକୁ ଦୃଷ୍ଟିରେ ନିର୍ଦ୍ଦିଷ୍ଟ ବୟସ ଭୋଗ ହେଉଥିବ । ଚାଣକ୍ୟ ନୀତିରେ ଅଛି ଲାଳୟତ ପଂଚ ବର୍ଷାଣି । ଏହାର ଅର୍ଥ ଜନ୍ମ କାଳ ଶନି ଠାରୁ ୨ୟ ଘର ଗତି ଯାଏ ଜନ୍ମ ଜାତକକୁ ଲାଳନ କରିବ । ଏ ସମୟରେ ଶିଶୁର ଶରୀର ଏତେ ବିକଶିତ ହୋଇଥାଏ ମାନସ୍ତିକ ସ୍ତରରେ ତାର ବୋଧଶକ୍ତି ନଥାଏ । ଏ ସମୟରେ ତାକୁ ସ୍ନେହ ଶ୍ରଦ୍ଧା ଦେଇ ସେବା ଶୁଶ୍ରୁଷା କରି ରୋଗ ଚିକିତ୍ସା କରି ଆଗକୁ ବଢ଼ାଯାଏ । ଏହାପରେ ସେ ପାଠ ପଢ଼ିବା ପାଇଁ ବିଦ୍ୟାୟତନ ବା ଗୁରୁ ଗୃହ କୁହାଯାଏ ସାଙ୍ଗ ସାଥିଙ୍କ ସହିତ ମିଳିଥାଏ ମାନସିକ ବିକାଶ ପାଇଁ ପରିବେଶ ସୃଷ୍ଟି କରାଯାଏ । ଏହାର ଚାଣକ୍ୟ ବାଖ୍ୟା ତାୟେତ ଦଶ ବର୍ଷାଣି । ବ୫ବର୍ଷରୁ ବ୧୫ବର୍ଷ ୧୦ବର୍ଷ ପିଲାଟିକୁ ତାଡ଼ନା ବାରଣ ଆଚଟ କରାଯାଏ । ଏ ସମୟରେ ଶନି ସ୍ୱଶନି ସ୍ଥିତିରୁ ୨ୟ,୩ୟା ୪ର୍ଥା ୫ମ ଘରେ ଗତି କରୁଥାନ୍ତି । ଏ ସମୟ ବର୍ତ୍ତମାନ ବିପ୍ରବାଳକଙ୍କର ଉପନୟନ ବ୍ରତ ରେ ଝିଅ ମାନଙ୍କର ପ୍ରଥମର ଜୋ ଦର୍ଶନରୁ ମାସିକ ସ୍ରାବ ଆରମ୍ଭ ପୁଅ ମାନଙ୍କ ଦେହରେ ଶୁକ୍ର ଧାତୁର ସ୍ରୋତ ଦେଖାଯିବ । ଏ ସବୁ ପାଇଁ ମୁରବୀ ଗୁରୁଜନ ମାଆ ତାଙ୍କୁ କଣ କରିବା ଦରକାର କଣ ଭାବିବା ଦରକାର କଣ ଆଚରଣ ଦରକାର ବାରମ୍ୱାର ବିଦ୍ୟାର ପରୀକ୍ଷା ଅଦି ସମ୍ମୁଖୀନ ହେବାକୁ ପଡ଼ିଥାଏ । ଏହାପରେ ପ୍ରାପ୍ତେତୁ ଷୋଡ଼ଶ ବର୍ଷେ ପୁତ୍ରଂ ମିତ୍ର ସଦାଚରେତ । ପୁଅ ହେଉ ବା ଝିଅ ହେଉ ତା ସହିତ ମିତ୍ରତା ଆଚରଣ ଆବଶ୍ୟକ ପଡ଼େ । ଏବେ ସାବାଳକ ସାବାଳିକା ଭୋଟ ଦେବା ଅଧିକାର ନିଜସ୍ୱ ମତ ସାବ୍ୟସ୍ତ କରିବା ଏଇ ବ ୧୫ ର୍ଷ ଠାରୁ ବ୧୮ର୍ଷ ମଧ୍ୟରେ ଆସୁଛି । ଯଦି ଶନି ସ୍ୱଜନ୍ମ ଜାତକରୁ ୮ମ ସ୍ଥାନରେ ହିଁ ଗତି କରୁଥାନ୍ତି । ପ୍ରତି ଗ୍ରହ ସ୍ୱଗୃହ ମିତ୍ରଗୃହ ଶତ୍ରୁଗୃହ ଉଚ୍ଚସ୍ଥାନ ମୂଳତ୍ରିକୋଣ ତତ୍ସ୍ଥାନ ମିତ୍ର ତତ୍ସ୍ଥାନ ଶତ୍ରୁ ସ୍ଥାନ ଅଛି । ଏହାରି ଉପରେ ଜନ୍ମ କାଳୀନ ଶନି ଠାରୁ ଶନି ଗୋଚର କରି ଯିବା ବେଳେ ସେହି ବ୍ୟକ୍ତିଙ୍କର କେବଳ ଶୁଭ ବା ଅଶୁଭ ଫଳ ଚିନ୍ତନ କରାଯାଏ । କୁହାଯାଏ ଶନି ହଠଯୋଗୀ ଗ୍ରହ, ଶ୍ରମର ଗୁରୁ, ମନୁଷ୍ୟ ଜୀବନ କେବେ ଆରାମ ପାଇଁ ସବୁବେଳେ ଉଦ୍ଦିଷ୍ଟ ନୁହଁ । ଉଦଯୋଗ ଦ୍ୱାରା ଲକ୍ଷ୍ମୀ ଲାଭ ହୁଏ । ଶନିଙ୍କ ଅନୁକୂଳ ଓ ପ୍ରତିକୂଳ ପ୍ରଭାବ ମନୁଷ୍ୟ ପାଇଁ ଯାହା ମିଳେ ଆଳସ୍ୟ ବିଳାସମୟ ପ୍ରଭାବ ଛାଡ଼ି କେବଳ ଉଦ୍ଦିଷ୍ଟ ପରିବେଶରେ ଲାଗି ରହିଥିଲେ ହିଁ ଶୁଭ ହୁଏ । ହେଳା କଲେ ଭେଳା ବୁଡ଼େ । ପ୍ରକୃତରେ ଏ ଉକ୍ତିଟି ଶନିଙ୍କର କାର୍ଯ୍ୟକାରିତା ଉପରେ ଧାର୍ଯ୍ୟ । ଅଳସୁଆମିରୁ ନିତ୍ୟ କର୍ମରେ ଅବହେଳା, ପାଠ ପଢ଼ାରେ ଅବହେଳା, ନିତ୍ୟ ରୁଟିନ ଧାର୍ଯ୍ୟ ନକରିବା ଠିକ ସମୟରେ ଋଣଶୋଧ ନକରିବା, ଖଜଣା ପଇଠ ନକରିବା, କ୍ଷେତରେ ଚାଷ ନକରିବା ବୃଥା ସମୟ ଅପଚୟ କରିବା ବର୍ଷା ଦିନ ପୂର୍ବରୁ ଘର ଛଆଣି ନକରିବା । ପିଲାଙ୍କୁ ଗେହ୍ଲା କରି ତାକୁ ସଂସ୍କାର ନଦେବା, ଏପରି ହେଲ୍ଲୁ ଜାମ ଶନିଙ୍କର କୋପ ଦୃଷ୍ଟିରେ ପକାଏ ।

ଶନି କାଳକୋର୍ଟ ପରିଧାନକାରୀ, ଅପରାଧ କମ କରିଲେ କୋର୍ଟ ଦୌଡ଼ା ଓକିଲ ପରାମର୍ଶ ଭୋଗିବାକୁ ପଡ଼େ । ରେଳେରେ ସଠିକ ଟିକେଟ ନକରି ଯାତ୍ରା କରୁଥିଲେ କାଳିଆ କୋର୍ଟ ପିନ୍ଧିବାବୁଙ୍କ ହାବୁଡ଼ରେ ପଡ଼ିବାକୁ ହୁଏ । ଚୋରମାନେ କଳାକନା ବୁଲାନ୍ତି । ନିଜର ଦ୍ରବ୍ୟ ପ୍ରତି ଉପଯୁକ୍ତ ରକ୍ଷଣା ବ୍ୟକ୍ଷଣା ବ୍ୟବସ୍ଥା ନକରିଥିଲେ ଗହଣା ପିନ୍ଧିଲେ ଦେଖେଇ ଚାଲରେ ଏଇ କଳାକନା ବୁଲାଙ୍କ ହାବୁଡ଼ରେ ପଡ଼ିବାକୁ ହୁଏ । ଯେ ପାଂଚ ପରମନ୍ଦ ତା ମନ୍ଦ ପାଂଚନ୍ତି ଠେଙ୍ଗାବାଡ଼ି । ଯଦି କେହି ଅଭିଯୁକ୍ତ ହେଲା ପୋଲିସ ବେତମାଡ଼ ଛାଡ଼ି ମାଡ଼ ପକାନ୍ତି । ଠେଙ୍ଗା ଠେଙ୍ଗୁଣୀ ବେତ ଛାଟ ଏସବୁର ମାଳିକ ଲାଠିଆଳ ଶନିଶ୍ଚର ଦଣ୍ଡଧାରୀ । ଧନୁରା କୃତି ମଣ୍ଡଳ ଶନିଙ୍କର । ଘରେ ଯେତେ ଲୋକଥାନ୍ତୁ ନିଶେ ଅବିଶ୍ୱାସ କରିଅଛି ବୋଲି ଆଲମାରି ବକ୍ସ କବାଟ ତାଲା ଲାଗୁଛି ତାଲାର ବାଙ୍କୁଡ଼ି ହିଁ ଧନୁରାକୃତି । ଅତଏବ ଶନି ହିଁ ବିଶ୍ୱାସୀ ସେ ଲୁହାର ବାଙ୍କୁଡ଼ି ଦ୍ୱାରା ଆମକୁ ସହାୟକ ହେଲେ ତାଲାକାଟି ଚୋରୀ ଲୁଟ କଲେ ଠେଙ୍ଗୁଣୀ ବାଲାଙ୍କର କଳା କୋର୍ଟ ବାଲାଙ୍କ ଦ୍ୱାରା ଦଣ୍ଡିତ ହୋଇପାରନ୍ତି । ସଂକୁଚିତର ମାଳିକ ଶନି ଖର୍ଚ୍ଚକାଟ କରି ସଂଚୟ କରିଲେ ଲୋକର ଭବିଷ୍ୟତ ମଙ୍ଗଳ ହୁଏ । ଅଳ୍ପ କଥାରେ କାର୍ଯ୍ୟ ହାସଲ ପାଇଁ ଶନି ପ୍ରେରଣା ଦିଅନ୍ତି । ଅଳ୍ପକଥାରେ ବିଚାରପତିଙ୍କ ସମାନ ଅତି ଉର୍ଦ୍ଧରେ । ବହୁକଥକ ହରକରାର ମଜୁରୀ ଅତିକମ ଅଳ୍ପ ଗୃହର ମାଲିକ ସୁସ୍ଥ ରହନ୍ତି ମାତ୍ର ବଡ଼ ବଡ଼ ଇମାରତର ମାଲିକ ଅବଶ୍ୟ ଦୁଃଖୀ । ମାଣବସା ଗୁରୁବାର ଲକ୍ଷ୍ମୀ ଚରିତରେ ମହାଲକ୍ଷ୍ମୀ କାହିଁକି ଶ୍ରୀୟା ଚଣ୍ଡାଳୁଣୀଙ୍କ କୁଡ଼ିଆ ଘରକୁ ଗଲେ, ସାଧବ ଘର ଇମାରତକୁ ଗଲେ ନାହିଁ । ଏହାର ଅର୍ଥ ଶ୍ରୀୟା ସଂକୁଚିତରେ ଚଳିଲେ ବି କର୍ମଠ ଶୁଦ୍ଧ ପରିବେଶରେ ରହିଥିଲେ । ଯାହାର ବହୁ ଆସବାବପତ୍ର ଘରକରଣା ଘର କଠୋରୀ ସେ ସେତେ ହଇରାଣ ଶନିଙ୍କର କୋପରେ ପଡ଼ି ପାରନ୍ତି ।

ଶନିଙ୍କର କେବଳ ବିଚାର ରାଶିଚକ୍ରରେ ନାହିଁ ଅନ୍ୟ ଗ୍ରହଙ୍କର ବିଚାର ଅଛି । ୧ ମାସରେ ଚନ୍ଦ୍ର ୧୨ ରାଶି ଭ୍ରମଣ କରିବାବେଳେ ଏ ବର୍ଷରେ ରବି ୧୨ ରାଶି ଭ୍ରମଣ କରନ୍ତି । ୧୨ ବର୍ଷରେ ୧୨ ଘର ବୃହସ୍ପତି ଭ୍ରମଣ କରନ୍ତି । ୧୮ ବର୍ଷରେ ରାହୁ ୧୨ ଘର ଭ୍ରମଣ କରନ୍ତି ଏପରି ମଙ୍ଗଳଙ୍କ ବିହିତ ଧାରାରେ ୧୨ ରାଶି ଭ୍ରମଣକୁ ଏକ ବର୍ଷର ରବିଙ୍କ ସହିତ ଗୋଡ଼ାଣିଆ ଶୁକ୍ର ବୁଧ ବି ୧୨ ରାଶିରେ ଭ୍ରମଣଶୀଳ । ପୃଥିବୀର ଆହ୍ନିକ ଗତିପଥ ୧୨ ଭାଗକୁ ନେଇ ଲଗ୍ନ ସ୍ଥିତି ଏହାର ବିଚାର ସବୁକ୍ଷେତ୍ରରେ କରାଯାଏ । ଶନି ଚଳନ ବେଳେ ଲଗ୍ନ ଧାର୍ଯ୍ୟ ସର୍ବତ୍ର ଏକା ହୋଇନପାରେ ଅତଏବ ସମସ୍ତଙ୍କର ଏକ ଫଳ ମିଳିବ ଏପରି ଭାବିବା କେବେ ଠିକ ନୁହଁ । ମେଦିନୀୟ ଜ୍ୟୋତିଷରେ ବିଭିନ୍ନ ରାଶି ନକ୍ଷତ୍ର ସ୍ଥିତି ପାଇଁ ଫଳ ଅଲଗା । ଦ୍ୱିସ୍ୱରାଶି ଧନୀ, ମୀନ, ମିଥୁନ, କନ୍ୟା ଏଥିରେ ଶନି ରହିଲେ ବ୍ରାହ୍ମଣୀ ହାତରେ ଅଢ଼ା ଧରାଯାଏ ଯେ ଦୁର୍ଭିକ୍ଷ ପ୍ରଦାନକାରୀ ଶନିଙ୍କର ୩ୟ ଦୃଷ୍ଟିରେ ୭ମ ଦୃଷ୍ଟିରେ ୨ ପୃଥି ରାଶି ରହେ । ବୃଷ ଓ କନ୍ୟା ଯଦିବା ଏ ଦୁଇରାଶିଙ୍କର ମିତ୍ର ରାଶି ତଥାପି ବୃଷରୁ କନ୍ୟା ଶେଷ ଯାଏ ଖାରିଫ ଫସଲ ସମୟ ଜଳ ଅଭାବ ବା ଜଳ ବହୁଳରୁ କ୍ଷତି ହୁଏ ଯାହା ସମ୍ପୂର୍ଣ୍ଣ ମୌସୁମୀ ପ୍ରଭାବିତ ସମୟ । କୁହାଯାଏ ଆକାଶରୁ ମହରଗ । ଏହି ଆକାଶଚାରୀ ଗ୍ରହ ଠିକ୍ ବର୍ଷଣ ନକଲେ ସବୁ ଅଭାବ ଅନାଟନ ସଂସାରରେ ପଡ଼ିଥାଏ ଯହିଁରେ ସମସ୍ତଙ୍କୁ ଭୋଗିବାକୁ ହିଁ ପଡ଼ିଥାଏ । ଏଥିରେ ରାଶି ଏକ ନୁହଁ ୧୨ ରାଶିର ବ୍ୟକ୍ତିମାନେ ଭୋଗିବାକୁ ବାଧ୍ୟ ।

ବରେଣ୍ୟ ବାଣୀ' ପିସି ସରକାର
ଲେନ୍, ଅରୁଣୋଦୟ ମାର୍କେଟ,
କଟକ,
ଦୂରଭାଷ:୯୪୩୭୦୩୧୨୫୩

୨ କଥନିକା : ଅଜୟ ପ୍ରଧାନ

କବିତାର ପଞ୍ଚାମୃତ

ପ୍ରଶ୍ନ, ଅନ୍ୱେଷଣ, କଥୋପକଥନ- ଏ ତିନୋଟି ଗୋଟିଏ ଗୋଟିଏ ଶବ୍ଦ ହେଲେ ବି କବି ପାଇଁ, ଯେ କୌଣସି ଶିକ୍ଷାର୍ଥୀ ପାଇଁ, ନୂଆ ବାଟୋଇ ପାଇଁ, ନୂଆ କରିବାର ଆଗ୍ରହ ଓ ପ୍ରବୃତ୍ତି ଥିବା ମଣିଷଟି ପାଇଁ ଏମାନେ ଗୋଟିଏ ଗୋଟିଏ ନିଷ୍ପାପ ବୀଜ, ନୈତିକ ବିହନ । କବିତା ପାଇଁ କେବଳ ଭ୍ରମଣ ଓ ଅଧ୍ୟୟନ ନୁହେଁ; ଏଗୁଡ଼ିକ ଯେ ଜରୁରୀ କହିବା ନିଷ୍ପ୍ରୟୋଜନ ।

କବିକୁ ଚଳଚଞ୍ଚଳ କର୍ମମୁଖର ରହିବାକୁ ହେଲେ ଏ ପଞ୍ଚାମୃତ ପାନ କରିବାକୁ ପଡ଼ିବ । ଶବ୍ଦଙ୍କ ହାଡ଼ ଗୀଣ କରିବାକୁ ମହାମାସ ତୈଳ ମର୍ଦ୍ଦନ ଓ ଜ୍ୟୋତ୍ସ୍ନା ସ୍ନାନ କେବଳ ନୁହେଁ, ସୂର୍ଯ୍ୟ ସ୍ନାନ କରିବାକୁ ପଡ଼ିବ ! ଅସୁଖ ଲାଗିପାରେ । କବିତାର ଦେହ ପାଇଁ ଏସବୁ; ନହେଲେ ଅଙ୍ଗକେ ରୋଗ ଧରିବ, ଗୋଟିଏ କଥାକୁ ଦୋହରେଇ ଦୋହରେଇ, ମୁଣ୍ଡ ବାଡ଼େଇ ବାଡ଼େଇ ଆୟୁଷ ସରିଯିବ । ସବୁ ଦିନ ସବୁ ମୁହୂର୍ତ୍ତ ସବୁ ସମୟ କ'ଣ ଆମ ପାଇଁ ସମାନ ଯାଏ ନା ଥାଏ ? ଟିକେ ବ୍ୟାୟାମ, ଟିକେ ମର୍ଣ୍ଣି ଆଉ ଇଭିନିଂ ୱାକ୍ କେତେ ସତେଜ ରଖେ, ମନକୁ ସ୍ଫୂର୍ତ୍ତି ଯୋଗାଏ ତାହା ସମସ୍ତେ ଜାଣିଛନ୍ତି । ତଥାପି କାହିଁ ଛଟପଟ ଲାଗେ? ତଥାପି ମନ କାହିଁ ବୁଝେନା ?

ସମୟର ପର୍ଦ୍ଦା ଉପରେ କେତେ କଣ ଦେଖିବାକୁ ମିଳେ! କିଛିକିଛି ହଜିହଜି ଯାଉଥାଏ ତ କେତେକେତେ ଆସି ଯାଉଥାଏ । ଗଛଟିଏ ପିଲାଟିଏ ପକ୍ଷୀଟିଏ ଜନ୍ମ ହେଇ ପୃଥିବୀର ଶୋଭା ବର୍ଦ୍ଧନ କରୁଥାଏ ତ କେଉଁକେଉଁ ଧରାବକ୍ଷରୁ ଚାଲି ଯାଉଥାଏ ! ଏହା ହିଁ କାଳ- ବ୍ୟୂହ ! ଏହା ହିଁ ଜୀବନ-ଚକ୍ର ! ଏକ ଧାରାବାହୀ କାର୍ଯ୍ୟସୂଚୀ ଭିତରେ ଯାହା କିଛି ଘଟେ ତାକୁ ଜାଣିବାକୁ ଓ ଯୋଉମାନେ ଆସନ୍ତି, ସେମାନଙ୍କୁ ଚିହ୍ନଟ କରିବାକୁ ହେଲେ ପଢ଼ିଥିବା, ରହିଥିବା ପାଦଚିହ୍ନ ହିଁ ଏକମାତ୍ର ସୂଚକ! ବିପୁଳାଚ ପୃଥ୍ୱୀ ! ଏକଥା ଭାବି ହଉଚି, କହି ହଉଚି, ଜାଣି ହଉଚି; ତଥାପି ମନ କାହିଁ ବୁଝେନା ?

କବି ଓ କବିତାକୁ ନେଇ ଅନେକ ଆଲୋଚନା ହେଉଛି; ଆଗକୁ ବି ହବ । ସବୁ ଆଲୋଚନା କିଛି ନା କିଛି ସୂଚନା ଦେଉଥାଏ; ତଥାପି ପାଠକ ପାଇଁ ସେଗୁଡ଼ିକ ନିପଟ ପଦ୍ୟ ବୋଲି ମନେହୁଏ ! କବିତା କେମିତି କ'ଣ କାହାପାଇଁ ଇତ୍ୟାଦି ଇତ୍ୟାଦି । କେତେ କବିତା ଆପଣ ଜାଣନ୍ତି, ମୁଁ ବି ଜାଣେ; ଆପଣ ଶୁଣିଛନ୍ତି, ମୁଁ ବି ଶୁଣିଛି ! ତା ଭିତରେ କଥାଟିଏ ବି ଶୁଣିଥିବେ ଯେ ବଡ଼ମାଛ ମାନଙ୍କୁ ଖାଉଥାଏ । 'ବଡ଼'ର ସେଇଟା ଅଭ୍ୟାସ ହେଇପାରେ, ଆବଶ୍ୟକ ବା ମଜା ହେଇପାରେ । ପ୍ରାୟ ଏଇ 'ବଡ଼'ଙ୍କୁ କେହି କିଛି କହନ୍ତି ନାହିଁ କି କହିବାର ସାହସ ନଥାଏ; ଏପରିକି ବଡ଼ମାନଙ୍କ ବଡ଼ପଣିଆପଣକୁ ଖାତିର ଦେଖାଇ ଚୁପ୍ ରହିବାକୁ ପସନ୍ଦ କରନ୍ତି । ଆଉ,ଏଇ ଗୁଣଟା ବେଶି ସେତିକିବେଳେ ଆସେ ନିଜର ପ୍ରଜନନକ୍ଷମତା ଯେତେବେଳେ ଆଉ ନଥାଏ । କହିବା ଦରକାର ନାହିଁ, ଏକଥା ସମସ୍ତେ ସମ୍ଭବରେ ମାନିବେ । ସମାଲୋଚନା ଲେଖୁଥିବା ଲୋକେ ଏଇଟିକୁ ଦେଖିପାରନ୍ତି ନାହିଁ ଯେ ମାନମାଛ କେମିତି ବଡ଼ଙ୍କ ପେଟରେ ପଡ଼ିଛି । ବଡ଼ମାଛିରେ ବଡ଼ ପାରି ହେଇଯାଏ ଆଉ ବିଚରା ମାନ ମୁହଁପୋତିକ୍ରମ ରୋକୁଥାଏ । ଶକ୍ତି ଆଉ ଶୋଷଣର ଇତିହାସ ଖାଳି ମୋଗଲ କି ଇଂରେଜମାନଙ୍କ ପାଖରୁ ଆସି ଚାଲି ଯାଇନାହିଁ; ତାର ନୂଆ ରୂପ ନୂଆ ବେଶ ଏ ଯାବତ୍ ସମାଜରେ ତିଷ୍ଠି ରହିଚି, ବୋଧହୁଏ ସବୁଦିନ ପାଇଁ ବେଶ ବଦଳେଇ ରହିବ ।

ମୁଁ କିନ୍ତୁ ଟିକେ ଦୂରେଇ ନେବି ଏଥିରୁ । ଗାଛେଡମ କରିଥିବା ଓ ଜାଣି ଚଳାଣି ପାରିବାର ଅଭିନୟ କରୁଥିବା; ପ୍ରଣସାର ପାତ୍ର ଧରି ବୁଲୁଥିବା ବାବୁମାନଙ୍କୁ କହିବି ଯେ, ବାବୁ ! ଯୋଉ ମାନମାଛଟି ଖାଇଲେ ତାର ଭାଗ୍ୟ ଭଳ! ସେ ନିଶ୍ଚୟ ନିଆରା । ଏଣୁ,ମାନର ମହତ୍ୱ ବଡ଼ । କିନ୍ତୁ ! ନିଆରା ଆଉ ବ୍ୟତିକ୍ରମ ନଥିଲେ ତା ଦାମ୍ ବହୁଗୁଣିତ ହେଇନଥାନ୍ତା କି ବଡ଼ଙ୍କ ଆଖିରେ ପଡ଼ିନଥାନ୍ତା । ବୁଝିଲେ ତ? ସବୁଠୁ ଆଶ୍ଚର୍ଯ୍ୟ କଥା ବଡ଼ଙ୍କ ପେଟରେ ରହି ଆଜିକାଲି ମାନମାଛଟି କହିପାରୁଛି ଯେ ଭାଏ ଖାଇଛି ମୋତେ !

ଏ କଥା ନ କହିଲେ ଭାସିଯିବନି କିଛି; ତଥାପି ମନ କାହିଁ ବୁଝେନା ?

ଆଜିକାଲି ସାହିତ୍ୟରେ ଯେହେତୁ ସମସ୍ତେ ନିଜ ହାତରେ ନିଜେ ଚଉଦପା', ସମ୍ପାଦକ ଅଭାବରୁ ସଂଯୋଜକ ବା ସଞ୍ଚାଳକମାନେ କାମ ଚଳଉଛନ୍ତି, ପ୍ରକାଶନରେ ବାଧା କି ଅସୁବିଧା ନାହିଁ, ସଭାସମିତି ଓ ଗ୍ରୁପ ସମ୍ପର୍କର ଉପଯୋଗ ବେଶ୍ ହେଇପାରୁଛି, ବିଜ୍ଞାପନ ଦ୍ୱାରା ଅନ୍ୟକୁ ଆକୃଷ୍ଟ କରିହେଉଛି, ବାବା ଓ କ୍ଷେତ୍ର ଅଧିକାରୀଏ ଉତ୍ସାହ ବୃଦ୍ଧି କରି ସମାଜରେ ନୂଆ ରକ୍ତ ପ୍ରବାହିତ କରିପାରୁଛନ୍ତି; ସେତେବେଳେ ବିସ୍ମିତ ନ ହେଇ ଏଗୁଡ଼ିକ ସମୟର ଏକ ପର୍ବ ଭାବି ଖୁସି ହେବା ଭଲ । ବାମନୀୟ ଜନେବର ବି ତୃତୀୟ ପାଦ ପାଇଁ ଭୂମି ଖୋଜେ ତ! ତଥାପି ମନ, ମନ ମାରି ମୁହଁ ଫୁଲେଇ ବୁଲେ ; କାହିଁ କେଜାଣି ବୁଝେନା !

ଯେତେ ଫୁଲେଇ ହେଉ, ଯେତେ ଅଭିମାନ କରୁ, ଯେତେ ଦାନାମାନୀ ହେଉ କୋଉ ମଣିଷ କହେନି ମୋତେ ମୁକ୍ତି ଦିଅ ଏ ସୁଖରୁ, ଈଶ୍ୱରଙ୍କର ଆରାଧନାରୁ, ଆରାମରୁ, ବ୍ୟାଙ୍କ୍ ବାଲାନ୍ସରୁ,; ବରଂ ସମସ୍ତଙ୍କ ଇଚ୍ଛା ମୁକ୍ତି ପାଇବାକୁ ଦୁଃଖ, କ୍ଲେଶ, ଯାତନା, ପୀଡ଼ା, ଅନ୍ଧାର ଇତ୍ୟାଦିରୁ । ଅଥଚ ଏଇ ଅନ୍ଧାର ଆଲୁଅ ପାରୁ ଅଧିକ ଚେତସ୍ମିୟ ଶକ୍ତି ବିକିରଣ କରେ କଳାକୁ !

ଅନ୍ଧାରରେ ରହିଗଲି ମଣିଷ ଯେତେବେଳେ ନିଜକୁ ଖୋଜିବା ବନ୍ଦ କରି ନିଜର ସୁଖସମୃଦ୍ଧି, ସୁବିଧାକୁ ପାଡ଼େଇ ଅପରର ଚିନ୍ତାକରିବ ଅପରକୁ ନିଜ ଉପରେ ଠିଆ କରିବ, ସେତେବେଳେ ଘୋର ଅନ୍ଧାରରେ ଆଲୋକକୁ ସେ ଦେଖି ପାରିବ; ଜଗତର କଥା ହିଁ ତାକୁ ଘାରିବ । ସେ ଯେ ଜୀବନ ଓ ଜିଇଁବାର ଭିନେ ଅର୍ଥ ପାଉଚି, ନିଃସନ୍ଦେହ । ତା ପ୍ରାଣରେ କୋଉଠି କ'ଣ ଗୋଟାଏ ବାଜିବ, କବିତାର ଭଣିକାଟିଏ ନିଆଁରି ରାତିଲା ଛୁଞ୍ଚି ମୁନଟିଏ ଛାତିରେ ଭେଦିବ । ସେଇଠୁ ସେ ଗୋଟେଇବ ଜଗତ ପାଇଁ ଗୋଟାଏ ମହାବାକ୍ୟ? ! ଏଇ ମହାବାକ୍ୟଟି କବିତାର ଅଂଶ । କବିତାର ଧାରକ ଓ ବାହକ ସିଏ । ଯେଉଁଟି ଯଦି ପାଠକକୁ ନ ଧରିଲା ତେବେ ସମାଲୋଚକ ଯେତେ ଯେମିତି ମୁଖବନ୍ଧ ଲେଖିଲେ ବି କବିର ସିନା ବଜାର ଭାଉ କ୍ଷଣକ ପାଇଁ ବଢ଼େଇବ, ନହେଲେ ସିଏ ହିଁ କବିତାର ମୁଖବନ୍ଧନ କରିଦବାର ପ୍ରବୃତ୍ତି କରିଦେଉଥାଏ ! ଏକଟା ଶୁଣୁ ବା ନ ଶୁଣୁ କିଏ, କହିଦେଲେ କଥା ସରିଯାଏ । ତଥାପି ମନ କାହିଁକି ଯାଞ୍ଚି ହଏ ?

ଏମିତି ତ କେତେ କଥା ଶୁଣିବାକୁ ମିଳେ । ସବୁକୁ କ'ଣ ମନ ଧରି ରଖିପାରେ ? ଧ୍ୟାନ ଦେଇପାରେ ? ଅନେକ ତ ପାଣି ଫୋଟକା ପରି ଫୁଟ୍ ଫାଟିଯାଆନ୍ତି; ଅଙ୍କୁଠୁ ଅଙ୍କ କିଏ ଗୋଟେ ନଖ ମାରିଦିଏ । ଆମକୁ ଖୋଜିବାକୁ ପଡ଼େ ଓଷଦ । ନାଇଁ ତ କଥାଟା ଯାଏ । ଯେତେବେଳେ ପ୍ରଶ୍ନ ଆସେ, ମନରେ ମୁଁ ସେବେ ଇଣ କରୁଥିଲି କି ? ସେତେବେଳେ ହାଁ ହାଁ ହେଇ ଉତ୍ତର ଖୋଜାହୁଏ । ଟିପା ଖାତାରେ ଶିକ୍ଷକ ଯୋଉ ଅଙ୍କ କଷି ବୁଝେଇଲେ ସେତିକି ଅଭ୍ୟାସ କରି ପରୀକ୍ଷା କୋଠରୀକୁ ଗଲେ ନିର୍ଦ୍ଦିଷ୍ଟ ପ୍ରଶ୍ନ ବ୍ୟତୀତ ଅନ୍ୟ କିଛିର ଉତ୍ତର ଦେଉନ୍ଥୁଏନା । ଉପଯୁକ୍ତ ପ୍ରଶ୍ନ ଚାହେଁ ସର୍ବୋତ୍ତମ ଉତ୍ତର । ଧରନ୍ତୁ, ଆମ ସାମ୍ନାରେ ତିନୋଟି ପ୍ରଶ୍ନ, ଯାହା ଆପ୍ତ ବାକ୍ୟ ଭଳି ଆମକୁ ଦିଶେ : 'ସଭିଏଁ କବି ହୁଅନ୍ତୁ ମନା ନାହିଁ ।' - ଏକଥା କହିଲେ କବି କମଳାକାନ୍ତ ଲେଙ୍କା ! 'ଆମ ସାହିତ୍ୟରେ (କବିତାରେ) ଲେଖକ ଅଧିକ, କବି କମ୍' - ଏମିତି କିଛି ଦେଖିଲେ କବି ରମାକାନ୍ତ ରଥ ! 'ସମସ୍ତେ କବି ନୁହନ୍ତି'- ଏଇଟି ଘୋଷଣା କଲେ ବଙ୍ଗଳା ଭାଷାର କବି ଜୀବନାନନ୍ଦ ଦାସ !

(ଆମେ ଯୋଡ଼ି ପାରିବା କବି ଯିଏ ସିଏ କବି । ସମସ୍ତଙ୍କ ଭିତରେ ସେ ଥିଲେ ବି ତା ଲେଖାରୁ କବି ବୋଲି ଜାଣି ହେଇଯାଏ । କିନ୍ତୁ ଆମେ କଥାକୁ ବଢ଼େଇବା ନାହିଁ । ବରଂ ଏମାନଙ୍କ କଥାକୁ ଧରିବା ।)

କବିଏ ନିଜନିଜ ଭିତରେ ଆଉଟୁପାଉଟୁ ହଉଥିବା ଭାବନାକୁ ଭଲ ଭାବରେ ଧରିଛନ୍ତି; ଏଥିରେ ସନ୍ଦେହ ନାହିଁ । ଏ କଥାଗୁଡ଼ିକର ଅର୍ଥ, ଏଇ ସୂଚନା ଦଉଚି ଯେ କବିତାରେ ଯୋଉମାନେ ପାଣି ହେଇନାହାନ୍ତି କି ହଉନାହାନ୍ତି ସେଇମାନେ ଲେଖୁଛନ୍ତି ବେଶୀ । ହେଇପାରେ । ତେବେ, ଆମେ ପ୍ରଶ୍ନର ଉତ୍ତର ରଖିଲେ କଣ ରଖିବା ?

ଆସନ୍ତୁ ପ୍ରଥମ ପ୍ରଶ୍ନର ଉତ୍ତର ଶୁଣିବା :

'ସମସ୍ତେ' କେବେ କବିତା ଲେଖିନାହାନ୍ତି, ଲେଖିବେ ନାହିଁ । ଯିଏ କବିତାରେ ଅଛନ୍ତି ତାଙ୍କୁ କବି ବୋଲି ଚିହ୍ନଟ କରେ କିଏ ? ଯିଏ ଚିହ୍ନଟ କରେ ତାଙ୍କ ମାନଦଣ୍ଡ କଣ? ଯୋଉ ସମ୍ପାଦକ ଛାପୁଚନ୍ତି ସିଏ କେମିତି ଭାବିଲେ ଇଏ କବି ଓ ଯାଙ୍କର କବିତା ଛପାହବା ଯୋଗ୍ୟ ? ବିଚରା ଲେଖୁଥିବା ସଭାଟିକୁ ଦୋଷୀ ବନେଇବା କାହିଁକି ?

ଏବେ ଓହ୍ଲେଇବା ଦ୍ୱିତୀୟ କଥାକୁ ଓ ଦେଖିବା ଉତ୍ତର: କବିଠୁ କବିତା ଯଦି ବଡ଼ ହେଉଥାନ୍ତା, ତେବେ, କେହି ଅନ୍ତତଃ କବି କି ଲେଖକ କିଏ ବାଉଳେ ନାହିଁ । କବିତାଠୁ ମୁଠୁଣିଏ ଉଚ୍ଚା ଯଦି କବି ହବ ଏବଂ କବି-ଲେଖକ ଭିତରେ ସୀମା ନିର୍ଦ୍ଧାରଣ କରିବାକୁ ଅମିଳ ନ ଥିବ; ସେତେବେଳେ ଲେଖକ କିଏ,କିଏ କବି ଜାଣିବା କଷ୍ଟ । ଅନ୍ୟଥା, କବି ଜାଣିପାରୁଚି ଯଦି ଏସବୁ; ତେବେ ଲେଖକଙ୍କୁ ନେଇ ଏତେ ଭାବିବ କାହିଁକି ? ସେମାନଙ୍କୁ ଉପରକୁ ଚଢ଼ିବା ପାଇଁ ଅନୁମତି କି ସୁପାରିଶ ନିଜେ କବିବର ଦେଇ ନାହାନ୍ତି ତ ! କିନ୍ତୁ,ଲେଖକ ନିୟତ ଅଭ୍ୟାସ ଅଧବସାୟ ଅଧ୍ୟୟନ ଓ ଅନୁସରଣ କରି ଲେଖକରୁ କବିକୁ ପଦୋନ୍ନତି ପାଉଥାନ୍ତି । କବି ହଉନ୍ତି ! ସର୍ବୋପରି, ଲେଖକଙ୍କ ସଂଖ୍ୟା ଅଧିକ ହେଲେ ସ୍ୱାଭାବିକ ଭାବେ କବି ସଂଖ୍ୟା କମ୍ ହବ । କିନ୍ତୁ ଏଥିରେ ତ କବିର ଫାଇଦା ହିଁ ଫାଇଦା !!

ଏବେ ଦେଖିବା ତୃତୀୟ ପାଦକୁ (ଏଠି, ମୁଁ ଟିକେ ଝୋଟ ଗୋଲ୍ କରିବି । କହିବି: ଉପରୋକ୍ତ ୧ ଓ ୨ ଉଭୟଙ୍କ ଜନ୍ମଦାତ୍ରୀ ଏଇ ତୃତୀୟଟି । ଅର୍ଥାତ୍ ୩= ୨+୧) । ଓ, ଦବା ଉତ୍ତର: ସମସ୍ତେ କବି ହେବେ କାହିଁକି ? ଯେମିତି ଜଣେ ଇଂଜିନିୟର ଡାକ୍ତର ଓକିଲ ଶ୍ରମିକ ଚାଷୀ ମୂଲିଆ ହଉଚି ସେମିତି ଜଣେ କବି ହେଉଛି । ଏଇଟା କର୍ମଭିତ୍ତିକ । ନ କୋଡ଼ିଲେ କିଛି ହୁଏନି । ତେଣୁ ସମସ୍ତେ କବି ହେବା ଅନୁଚିତ । ଘର କି ଦେଶ ଚଳିବ କେମିତି? ଅଭ୍ୟାସ ବଳରେ କଣ ନ ହେଇପାରେ କଥାଟା କିଞ୍ଚିତ୍ ଠିକ୍; ଅଭ୍ୟାସ ଯଦି ସୁଚାରୁରୂପେ ଯଥାଯଥ ଭାବେ ନହୁଏ ତେବେ 'ରାତି ଅନିଦ୍ରା, ମୁଣ୍ଡରା ପଞ୍ଚ ମେଳା' ହେବା ନିଶ୍ଚିତ !

ବିଦ୍ୱିକୁ ଯଦି ବିଶ୍ୱାସ ଥାଏ, ତେବେ କବି କବି ହେବା ବିଧି ନିର୍ଦ୍ଦିଷ୍ଟ । କବିତା କେବଳ ହିଁ ତାର ଏକମାତ୍ର ପ୍ରମାଣ, ଏକମାତ୍ର ସାକ୍ଷୀ; ଆଉ କିଛି ନୁହେଁ । ଯଥାଯଥ ଅଭ୍ୟାସ ଓ ଭାଷା ପ୍ରତି ଆନୁଗତ୍ୟ ଥିଲେ ସେ ଲେଖିପାରିବେ କିନ୍ତୁ କବି ହେବା ସମ୍ଭବ ନୁହେଁ!

ଭୋକକୁ ଶବ୍ଦ କରି ଭାତ ରାନ୍ଧୁଥିବା କବି ଆଉ ଏବେ ନାହାନ୍ତି । ସମସ୍ତେ ଅନ୍ତତଃ ଖାଇପିଇ ପରଶାଡ଼ିର ସ୍ୱପ୍ନ ଦେଖୁଥିବା ବା ସ୍ୱପ୍ନ ସାକାର କରିଥିବା ଲୋକ । କବିତା ବାଇମ୍ ପାସ୍ କିଛି, ଆଉ କିଛି ଶେୟାର୍ ମାର୍କେଟରେ ପୁଞ୍ଜି ଲଗାଣ: ଇନଭେଷ୍ଟମେଣ୍ଟ! କାଗଜକଲମର ଜମାନା ଆଉ ନାହିଁ । ଭାଷା ଅବତାର ଗ୍ରହଣ କରିବାର ଅବକାଶ ଆଉ ବି ପାଇ ପାରିନାହିଁ! ସବୁଆଡ଼ୁ ଚାପ । ଭାଷା ଛଟପଟ । ଆଷ୍ଟ୍ରେଆ ବୋଲି ସହିସଭାଳି ନିଜର ଗରିମାଗାରିମା ରଖିଛି ! ସବୁ ଆଞ୍ଚଳିକ ଭାଷା ଏବେ ଅସ୍ମିତା ବ୍ୟାକୁଳ! ଧୀରେଧୀରେ ସଂସ୍କାର ଓ ସଂସ୍କୃତିର ନାଆଁରେ ଗଣଚେତନାକୁ ଜାଗ୍ରତ କରିଦେବାର ପ୍ରକ୍ରିୟା ବର୍ଷବର୍ଷ ଧରି ଚାଲିଛି ! ଭ୍ରମ ଭିତରେ ବୁଡ଼େଇବାକୁ ନେତା ତଥା ଗଣମାଧ୍ୟମଗୁଡ଼ିକୁ କେତେ ବା ସମୟ !

କବିତା, ମଣିଷ, ଜୀବନ ସବୁ ଧୀରେଧୀରେ ବାମନ ରୂପ ଧରୁଛି; ବ୍ୟକ୍ତି, ବ୍ୟକ୍ତିତ୍ୱ,ବିଶ୍ୱ ସବୁ ବଜାରର ଅଂଶ ହେଇ ଯାଉଛି ! ସଚେତ ବି ଅଚେତ ଆଉ ଅଚଳ ହେଇ ପଡ଼ିଗଲାଣି ! ମଣିଷକୁ ମେସିନ୍ ଚଳଉଛି; ମଣିଷର ଭାବନା ବି ବାମନ ହେଇଯାଉଛି ! ଚକ୍ରବ୍ୟୂହ ଭିତରେ ସମସ୍ତେ: ଈଶ୍ୱର, ଧର୍ମ, କର୍ମ, ମଣିଷ, ଜୀବନ, ଜୀବିକା, ଶିକ୍ଷା, ସ୍ୱାସ୍ଥ୍ୟ, ପ୍ରେମ, ସମ୍ପର୍କ,ପ୍ରକୃତି, ଭୂମି ଓ ଭୂମା !!

ଏସବୁ ବୁଝି ବି ମନ କାହିଁକି ବୁଝେନା ? ବୁଝି ବୁଝେଇବା ପାଇଁ କେହି ନାହାନ୍ତି ବୋଧହୁଏ ! ତଥାପି ମନ କାହିଁକି ମାନେନା ??

ମନ ନ ମାନିଲା ବେଳେ, ଅଝଟ କଲାବେଳେ ମା ମାନେ ତାଙ୍କ ପିଲାଙ୍କୁ କାଖେଇ ଆଉଁସି, ଆଲୋ ମୋ ଧନ ଆରେ ମୋ ବାଇଆ କହିକହି ଛାତ କି ଅଗଣାକୁ ନେଇ ଜହ୍ନକୁ ଦେଖେଇ କହନ୍ତି: ହେଇ ! ଜହ୍ନମାମୁଁ ! ଆ ଆରେ ଜହ୍ନମାମୁଁ! ଆ ! ପିଲାଟି ଚାହେଁ, କିଛି ସମୟ ଚାହେଁ; ପୁଣି କାନ୍ଦିବାକୁ ଶଙ୍କା ଉଠାଏ; ତ ମା' ଗୀତ ଗାଇବା ଆରମ୍ଭ କରେ : 'ଆ' ଜହ୍ନମାମୁଁ ସରଗ ଶଶୀ, ମୋ କବି ହାତରେ ପଡ଼ରେ ଖସି !'

ବାସ୍, ଜହ୍ନକୁ ହାତରେ ପାଇଁ କବି ଚୁପ୍ !

କାହିଁକି ??

♥ ଉଇଡାପଡ୍ଡୀ ସାହି, ପୁରୀ-୧,
ଫୋନ:୭୯୭୮୮୫୮୦୯୧

୪୨ ଧାରାବାହିକ ଆଲୋଚନା

କଥାକାରଙ୍କ କଥା : ଡକ୍ଟର ମମତା ପ୍ରିୟଦର୍ଶିନୀ ସାହୁ

କଥାକାର ଜୟନ୍ତୀ ରଥ

'ଭଲ ପାଇବାର ପରୀଭର ନାହିଁ । ଭଲ ପାଇବାରେ ବିଷ ବି ଅମୃତ ପରି ମନେହୁଏ । ଭଲ ପାଇବାରେ ମଳିନତାର ଦାଗ ଆପେ ଧରା ପଡ଼ିଯାଏ । ଭୁଲ୍ ମନକୁ ସୁଧାରି ନେବାକୁ ଅନୁତପ୍ତ ମନ ଭାବପ୍ରବଣ ହୋଇଉଠେ । ଆତ୍ମଗ୍ଲାନିରେ ମନ ଭରି ଉଠେ । ତାର କାହାଣୀ ଚିତ୍ର ହେଉଛି 'ଅସତ୍ୟ ବଳୟ' । -କଥାକାର ଜୟନ୍ତୀ ରଥ

ଜୀବନ ଓ ଭଲ ପାଇବା ପ୍ରତି ଏଭଳି ଏକ ସକାରାତ୍ମକ ଦୃଷ୍ଟିକୋଣ ରଖୁଥିବା ଯଶସ୍ୱୀ କଥାକାର ଜୟନ୍ତୀ ରଥ, ଯିଏକି ଏକାଧାରରେ ଜଣେ ସୁନାମଧନ୍ୟ କବି ଓ ଗାଳ୍ପିକା । ତାଙ୍କର ଅନନ୍ୟ ଗଳ୍ପ ସଂକଳନ ସବୁ ହେଉଛି 'ଯାତ୍ରା ରଙ୍ଗ', 'ଭିନ୍ନ ବର୍ଣ୍ଣବୋଧ', 'ଶବ୍ଦ ଖେଳ', 'ଅସତ୍ୟ ବଳୟ', 'ଛାୟାପଥ', 'ଖେଳଣ୍ଟି' ଇତ୍ୟାଦି । ଯେଉଁଠି ପାଠକ ଭେଟେ ତୁମ ଆମ ଭଳି ବହୁ ସରଳ ଓ ଅନେକ ଜଟିଳ ଚରିତ୍ର । କେଉଁଠି ଜୀବନ ଢିଳିଢିଳା କୁସୁମିତ ପଥରେ ଥାଏ ତ ଆଉ କେଉଁଠି କଣ୍ଟକିତ ପଥରେ । କେବେ ଉଛାଳର ଦୁଃଖ ତ ଆଉ କେବେ ହସର ପସରା । ଜୀବନକୁ ଭିନ୍ନ ଭିନ୍ନ ମାଧ୍ୟମରେ ଦେଖିବାର କଳା ଜାଣିଛନ୍ତି କଥାକାର ଜୟନ୍ତୀ ମହାଶୟାଙ୍କୁ ବେଶ୍ ଜଣା ।

ଯେଉଁଠି ଗାଳ୍ପିକ ନିଜକୁ ଖୋଜି ପାଏନାହିଁ, ସେଠି ସାର୍ଥକତା ପାଏନାହିଁ ଲେଖନୀ । ଏହା ସତ ଓ ବାସ୍ତବ ।

"Great literature must spring from an upheaval in author's soul."

ଖାସ୍ ସେଇଥିପାଇଁ ତ କଥାକାର ଜୟନ୍ତୀଙ୍କ ଗଳ୍ପ ସମୂହରେ ପାଠକ ପାଠିକା ଗାଳ୍ପିକାଙ୍କୁ ଖୋଜି ପାଉଥାଏ ।

ଜୀବନର ନିଚ୍ଛକ ବାସ୍ତବତାକୁ ନେଇ ଗାଳ୍ପିକାଙ୍କ ଲେଖନୀ 'ଅସତ୍ୟ ବଳୟ' ଗଳ୍ପ । ଅର୍ଥାତ୍ ଜୀବନ ସହ ସାକ୍ଷାତକାର । ସମସ୍ତ କଥା କାହାଣୀ ନିଚ୍ଛକ ବାସ୍ତବ । ଜୀବନନିଷ୍ଠ କଥାକାର ଶ୍ରୀମତୀ ରଥଙ୍କ ଏ ଶୈଳୀ ନିଆରା ନିଶ୍ଚୟ ।

'ଅସତ୍ୟ ବଳୟ' ଗଳ୍ପରେ ମାତୃତ୍ୱର ଅମୃତ ବଳୟ ପ୍ରଦାନକାରୀ ବଡମା ଏବଂ ଝିଆରୀ କୁନିର ସ୍ନେହ ସୋହାଗ ନିଆରା ନିଶ୍ଚୟ । ଏକ ଆରେକ ପାଇଁ ସର୍ବଦା ହୃଦୟ ବିଗଳିତ । ସତରେ ମା ହିଁ ଚଳନ୍ତି ଠାକୁରାଣୀ । ମମତାର ପ୍ରତିମା । ତା ସ୍ନେହ ପାଖରେ ପୃଥିବୀର ସବୁକିଛି ହାର୍ ମାନେ । ବଡମା ଓ କୁନିର ଅନାବିଳ ସ୍ନେହ ଏହାର ପ୍ରମାଣ । ଏ ଦୁନିଆରେ ବିରଳ, ମା ଓ ସନ୍ତାନର ସ୍ନେହ । ସ୍ୱର୍ଗୀୟ ମା'ର ପ୍ରେମ । ସେଇଥିପାଇଁ ତ କୁହାଯାଇଥାଏ- "Mother is walking miracle."

ଏ ଗଳ୍ପରେ ଗୋଟିଏ ପଟେ କୁନି (ଝିଆରୀ)ର ବଡମା ପ୍ରତି ମମତା, ଅନ୍ୟପଟେ ବଡମାଙ୍କ ପ୍ରତି ଦୁଇପୁଅର ହତାଦର, ସାମ୍ପ୍ରତିକ ସମାଜର ପରିସ୍ଥିତିକୁ ଦର୍ଶେଇ ଦେଉଛି । ଆଜିର ସମାଜରେ ପୁଅ ସ୍ୱାବଲମ୍ବୀ ହେଲେ, ବିବାହ କଲେ ବୃଦ୍ଧ ପିତାମାତାଙ୍କୁ ଦେଖୁ ନାହାନ୍ତି । ସେମାନେ ସବୁ ଭୁଲି ଯାଉଛନ୍ତି ବାପା ମା'ଙ୍କ ପ୍ରତି କର୍ତ୍ତବ୍ୟ । ବଡମାଙ୍କ ସହିତ ବି ତ ଘଟିଛି । ସେ ବଡବାପାଙ୍କ ଦ୍ୱିତୀୟ ସ୍ତ୍ରୀ । ସାବତ ମା ହେଲେ ବି ମା'ର ସ୍ନେହ ଦେଇ ବଢ଼ାଇଥିଲେ ପିଲାମାନଙ୍କୁ । ହେଲେ ପିଲାମାନେ ବୁଝି ନାହାଁନ୍ତି ମା ମନକୁ । ହେଲେ ବଡମା ମନକୁ ବୁଝିଛି କୁନି । ବଡ଼ମାଆଙ୍କୁ ଦେଉଛି ଅଜସ୍ର ପ୍ରେମ । ପ୍ରଥମ ଚାକିରୀର ଦରମାରେ ଆଣିଛି ଶାଢ଼ି । ଯେଉଁ ଶାଢ଼ିକୁ ନେଇ ଛଳ ଛଳ ହୋଇ ବଡମା ପ୍ରଶଂସା କରିଛନ୍ତି କୁନିର । ଆତ୍ମଗ୍ଲାନିରେ ଜର୍ଜରିତ ହୋଇ ସେ ପୁଅ ମାନଙ୍କ ହତାଦର ଓ କୁନିର ସ୍ନେହକୁ ବଡବାପାଙ୍କ ନିକଟରେ ବାଢିଛନ୍ତି ।

କଥାବସ୍ତୁରେ ଆଜିର ମଣିଷର ମୁଖା ଖୋଲିଛନ୍ତି ଗାଳ୍ପିକା । ଯାହାକି ଅତି ସୁନ୍ଦର ଭାବରେ ଉପସ୍ଥାପନ ହୋଇଛି ।

କୁନିର ଚିରଦିନ ପାଇଁ ହତାଶାବୋଧ ରହିଛି ଯେ ସେ ବଡ଼ମାଆଙ୍କୁ ନୂଆଶାଢ଼ି ଦେଇନି । ମାତ୍ର ଏକ ପୁରୁଣା ଶାଢ଼ିକୁ ବଡମା ଭାବିଛନ୍ତି ନୂଆ । ସେ ଶାଢ଼ିକୁ ନୁହେଁ, କୁନିର ସ୍ନେହକୁ ଦେଖିଛନ୍ତି । ଦଶହରାରେ ଶାଢ଼ିଟିକୁ ପିନ୍ଧିବାର ସ୍ୱପ୍ନ ଦେଖିଛନ୍ତି । ହେଲେ ଦଶହରାର ଦଶ ପନ୍ଦର ଦିନ ପୂର୍ବରୁ ତାଙ୍କର ଦେହାବସାନ ହୋଇଛି । ଅନ୍ୟ ପଟେ କିନ୍ତୁ କୁନି ଝୁରୁଛି ବଡ଼ମାଆଙ୍କୁ, ତାଙ୍କ ସ୍ନେହାଶିଷକୁ । ଅବସୋସ୍‌ରେ ହୋଇଛି କ୍ଷତାକ୍ତ । ଆଉ ଠିକ୍ ସେତେବେଳେ ବଡ଼ମାଆଙ୍କୁ ଅନୁଭବିଛି କୁନି ।

ଗାଳ୍ପିକାଙ୍କ ଲେଖନୀରେ- "କାନ୍ଦନା କୁନି ...ମୋ ଝିଅ, ମୋ ଧନ...କାନ୍ଦନା...ତୁ କିଛି ଭୁଲ କରିନୁ...କିଛି ପାପ କରିନୁ... କିଛି ଅପରାଧ କରିନୁ...ଭଲ ପାଇବାରେ ଆଦରି ନେବାର ସେଇ ମିଛ ପ୍ରତ୍ୟୟ ଟିକେ ଯଦି ମୋ ପୁଅମାନେ ମୋତେ ଦେଇ ପାରିଥାନ୍ତେ...ତେବେ ମୋ ଜୀବନ କ'ଣ ଅପେକ୍ଷାକୃତ ସହଜ, ସୁନ୍ଦର ହୋଇ ନ ଥାନ୍ତା ?" (ଗଳ୍ପ-ଅସତ୍ୟ ବଳୟ)

କଥାଶିଳ୍ପୀ ଜୟନ୍ତୀଙ୍କ ଏ ଜୀବନ ସଂପର୍କରେ ଲେଖନୀ ଖୁବ୍ ପ୍ରାଣବନ୍ତ । କାହାଣୀରେ ପାଠକ, ସ୍ୱୟଂ ଲେଖକୀୟ ଜୀବନାନୁଭୂତିକୁ ଅନୁଭବ କରିବା ଭଳି ମନେ ହେଉଛି । କାରଣ କଥାକାର ନିଜ ଜୀବନ ଠାରୁ ଆଉଟୀ ଦୂରେଇ ନାହାନ୍ତି ।

♥ ସହକାରୀ ପ୍ରଫେସର, ଓଡ଼ିଆ ବିଭାଗ, ଡକ୍ଟର ପର୍ଣ୍ଣରାମ ମିଶ୍ର ଅଗ୍ରଗାମୀ ଶିକ୍ଷା ପ୍ରତିଷ୍ଠାନ, ସମ୍ବଲପୁର,
ଫୋନ: ୯୩୩୭୦୬୭୧୮୬

ଧାରାବାହିକ ଉପନ୍ୟାସ : ସୁପ୍ରିୟା ପ୍ରଶାନ୍ତ

(ଏହି କାହାଣୀର ସମସ୍ତ ଚରିତ୍ର ଓ ଘଟଣା ସଂପୂର୍ଣ୍ଣ କାଳ୍ପନିକ ।)

॥ ଭାଗ-୧୧୪ ॥

ଜ୍ୟୋତି ଆଉ ମୁଁ ଷ୍ଟୁଡ଼ିଓରେ ସମ୍ପାଦନା କାମ ସାରିଲୁ । ସେତେବେଳକୁ ସନ୍ଧ୍ୟା ଆଠଟା ଉପରେ ହେଲାଣି । ଆମେ ଦିହେଁ ସୁକାନ୍ତ ଭାଇ ପାଖରେ ପହଞ୍ଚିଲୁ । ସବୁ ଗୀତ ଦେଖି ସେ ତ ଆରମ୍ଭରୁ ଶେଷ ଯାଏଁ "ବାଃ ବାଃ ଜମିଲା" କହୁଥାଏ । ଜ୍ୟୋତି "ମୁଁ ଖୋଜି ବୁଲେ ତାରେ ମମତାର ନଦୀ ତୀରେ" ଗୀତଟିକୁ ଆମ ୟୁଟ୍ୟୁବ୍ ଚ୍ୟାନେଲରେ ଲେଇଦେଲା । ସେ ଆମ ହ୍ୱାଟ୍ସଆପ୍ ଗୋଷ୍ଠୀରେ ମଧ୍ୟ ଦେଲାକୁ ପିଲାମାନେ ତାକୁ ନିଜ ସଙ୍ଗେ ସଙ୍ଗେ ସାମାଜିକ ମାଧ୍ୟମରେ ଖେଳେଇ ଦେଲେ । ସାଙ୍ଗେ ସାଙ୍ଗେ ସେ ଗୀତ ଉପରେ ବିମତାମତ ଆସିବା ଆରମ୍ଭ ହେଲା । "ଚାଲ, ଆଜି କୋଉଠି ଗୋଟେ ବସିବା ।" ସୁକାନ୍ତ ଭାଇ କହିଲା ।

"ମୁଁ ଭୁବନେଶ୍ୱର ଫେରିଯିବି ଭାବୁଛି । ବାରଣାସୀ ଯିବାର ଅଛି ଗୋଟେ କାର୍ଯ୍ୟକ୍ରମ ପାଇଁ । ସେଥିପାଇଁ କିଛି ପ୍ରସ୍ତୁତି କରିନି ।"

"ତୁମର ପୁଣି ପ୍ରସ୍ତୁତି ଦରକାର ! ବାବୁ, ତୁମେ କେବେ କେବେ କଅଣ ଯେ କୁହ !" ସୁକାନ୍ତ ଭାଇ କହିଲା ।

"କେତେ ଦିନ ହେଲାଣି ବାହାର ଖାଇବା ଖାଇ ଖାଇ ବିରକ୍ତି ଲାଗିଲାଣି । ମୋର ସତରେ ବିଲକୁଲ୍ ଇଚ୍ଛା ନାହିଁ ।" ମୁଁ ସୁକାନ୍ତ ଭାଇକୁ ଅନୁରୋଧ କଲା ପରି କହିଲି ।

"ତା ହେଲେ ଚାଲ । ଆମ ଘରେ ଆଜି ଅରୁଆ ଭାତ ଡାଲ୍‌ମାଟେ ହଉ । ଜ୍ୟୋତି କଅଣ କହୁଛ ?"

"ଭାଉଜଙ୍କୁ ଅଯଥା ହଇରାଣ କରିବେ ?" ଜ୍ୟୋତି କହିଲା ।

"ଘରେ ରନ୍ଧା ହୁଏନି ନା କଅଣ । ଦି'ଜଣଙ୍କ ପାଇଁ କି ଅଧିକା ରନ୍ଧା ? ତୁହ, ମୁଁ କୁହେ ତାଙ୍କୁ ।" ସୁକାନ୍ତ ଭାଇ କହି କହି ଭ୍ରାମ୍ୟଭାଷ ଟିପାଟିପି କଲେ ।

"ଆରେ ଶୁଣ, ଆଜି ଆମ ଘରକୁ ବାବୁ ଯେ ଆମ କଲ୍ୟାଣ ଆଉ ଜ୍ୟୋତି ଆସିବେ । ତୁମେ ଟିକେ ଅରୁଆ ଭାତ ଡାଲ୍‌ମା ବସାଅ ।"

ଯେପଟୁ ତାଙ୍କ ପତ୍ନୀ କଅଣ କହିଲେ ତ ଆମେ ଶୁଣି ପାରୁନଥିଲୁ, ଏପଟୁ ସୁକାନ୍ତ ଭାଇ ହସି ହସି କହୁଥାଆନ୍ତି, "ଆରେ ହଁ ହଁ, ସେଇ କଲ୍ୟାଣ । ଆଚ୍ଛା ହଉ, ଛେନାପୋଡ଼ ନେଇଯିବି । ଆଉ କଅଣ ଦରକାର? କୁଲ୍ ଡ୍ରିଙ୍କ୍ ? ସ୍ଲାଇସ୍ ବଡ଼ ବୋତଲଟେ ନେଲେ ହବ ତ?"

ସେ ବୋଧେ ପଚାରିଲେ କେତେବେଳେ ଯାଇ ପହଞ୍ଚିବୁ, ସୁକାନ୍ତ ଭାଇ କହିଲେ, "ଆମେ ଏଇ ଅଧ ଘଣ୍ଟା ପଇଁତାଳିଶ ମିନିଟ୍ ଭିତରେ ଯାଇ ପହଁଚୁଛୁ । ନାଇଁ, ବ୍ୟସ୍ତ ହେବାରେ କିଛି ନାହିଁ । ତୁମେ ଧୀରେ ସୁସ୍ଥେ କର । ଆରେ ପନୀର୍ କଅଣ ହବ ?"

ସୁକାନ୍ତ ଭାଇ ଆମ ଆଡ଼କୁ ଚାହିଁ କହିଲେ, "ପତ୍ନୀ କହୁଛନ୍ତି, ଘରକୁ ଡାକିକି ଲୋକଙ୍କୁ ଭାତ ଡାଲ୍‌ମା ଖାଇବାକୁ ଦେବ! ଜ୍ୟୋତି ବାବୁ ଆମ ଘରକୁ ପ୍ରଥମ ଥର ଆସିବେ ।"

"ନାଇଁ, ମୋତେ ପନୀର୍ ଭଲ ଲାଗେନି । ଭାଉଜଙ୍କୁ ବେଶି ଗୁଡ଼େ ହଇରାଣ କରନ୍ତୁନି ।" ଜ୍ୟୋତି କହିଲା ।

"ମୁଁ ଅଳି ହାତରେ ସବୁ ପଠେଇ ଦଉଛି । ଆମେ ଟିକେ ପରେ ପହଞ୍ଚୁଛୁ ।"

ଅଳିକୁ ଏଇ ଅଳ୍ପ କେଇଦିନ ହେଲା ସୁକାନ୍ତ ଭାଇ ଷ୍ଟୁଡ଼ିଓରେ ବୋଲହାକ କରିବାକୁ ରଖିଛି । ବୟସ କୋଡ଼ିଏ ଭିତରେ ହେବ; ଶ୍ୟାମଳ ହେଲେବି ଲମ୍ବା ନହନହକା ଟୋକାଟେ ।

ସୁକାନ୍ତ ଭାଇ କଥା ହେବା ଭିତରେ ଆମ ଗୀତ ଉପରେ ଅନେକ ମତାମତ ଆସି ସାରିଥାଏ । ମୁଁ ଦେବଲୀନା ଆଉ କୁସୁମକୁ ପଠାଇ ଦେଇଥାଏ । ଦେବଲୀନା ସହ ରାତିରେ ବହୁତ ସମୟ କଥା ହେବି ବୋଲି ବି ପ୍ରତିଶ୍ରୁତି ଦେଇଥାଏ । ଜ୍ୟୋତି ଗୋଟି ଗୋଟିକି ମତାମତ ପଢ଼ି ଶୁଣଉଥାଏ । ପ୍ରଶଂସାପୂର୍ଣ୍ଣ ମତ ପଢ଼ିଲା ବେଳେ ତା ମୁହଁ ପ୍ରସନ୍ନତାରେ ପୂରି ଉଠୁଥାଏ । ଜ୍ୟୋତି ଟିକେ ଦମ୍ ମାରି କହିଲା, "ମୋ ବାପା ବି ବହୁତ ଖୁସି । ମାଆ ଆଜି ସକାଳେ ମୋତେ କହୁଥିଲେ । ବାପା ତାଙ୍କୁ କହିଲେ — ପିଲାଦିନୁଁ ଗୀତ ଗୀତ ହଉଥିଲା । ମୁଁ ସେଥିପ୍ରତି କେବେ ଧ୍ୟାନ ଦେଲିନି ।"

ସୁକାନ୍ତ ଭାଇ ଜ୍ୟୋତିର ହାତ ମିଳାଇ କହିଲା, "ଆଉ କଅଣ ଦରକାର ?"

"ସତରେ । ମୁଁ ବି କାଲି ସକାଳୁ କେଉଁଝର ଯିବି ବୋଲି ଭାବୁଛି । ଘରେ ଦି' ଚାରି ଦିନ ରହି ଆସିବି ।"

"ହଁ, ହଁ ଯାଇ ବୁଲିଆସ ।" ମୁଁ କହିଲି, "ଆଉ ପାଞ୍ଚଟା ଗୀତ କାମ ତ ବଳେ ବାବୁ କରୁଛି । ତୁମେ ଟିକେ ଆରାମ୍ କର ।"

"ସେ କହୁଛି ଦୁର୍ଗାପୂଜା ବେଳକୁ ଆଉ ଗୋଟେ କି ଯୋଡ଼େ ଗୀତ ପାଇଁ ଧୁନ୍ ଦେବ । ଆମେ ସେ କାମ ସାରିଲା ଭିତରେ ସେ ଆଉ ତିନିଟା କାମ କରିକି ଦେବ । ଯାହା ହେଉ ଏଇ ବର୍ଷ ଶେଷରେ ଆମ ଆଲବମ୍ ପ୍ରସ୍ତୁତ ହେଇଯାଇଥିବ । ଆମେ ଗୋଟେ ବଡ଼ ପାର୍ଟିରେ ତାର ଉନ୍ମୋଚନ କରିବା ।"

"ହଁ, ବଢ଼ିଆ ହେବ," ସୁକାନ୍ତ ଭାଇ ଆଉ କଅଣ କହିଥାନ୍ତା, ତା ଭ୍ରାମ୍ୟଭାଷ ଘଣ୍ଟି ବାଜିଲା । ସେ ପରଦା ଆଡ଼କୁ ଅନାଇଁ ମୁହଁ ବିକୃତ କରି କହିଲା, "ସୂର୍ଯ୍ୟ!" ସମସ୍ତେ ଯେମିତି ଶୁଣି ପାରିବେ ସେ ଭ୍ରାମ୍ୟଭାଷର ଶବ୍ଦକୁ ଉଚ୍ଚ କଲା ।

"ନମସ୍କାର ଆଜ୍ଞା, ସୂର୍ଯ୍ୟ ଭାଇ । ଅଧମକୁ କେମିତି ମନେ ପଡ଼େଇଲେ ?" ସୁକାନ୍ତ ଭାଇ କହିଲା ।

"ତୁମ ଗୀତ ତ ପୂରା ମାର୍କେଟ୍ ନେଲାଣି । ଆଉ କୋଉ କୋଉ ଗୀତ ଛାଡ଼ିବ ? କେତେଟା ଗୀତ ରେକର୍ଡିଂ ସରିଲାଣି?" ସୂର୍ଯ୍ୟ ପଚାରିଲା ।

"ବୁଝନ୍ତୁ ଆପଣ । ଟିକେ ଧୈର୍ଯ୍ୟ ଧରନ୍ତୁ । ସବୁ ଏ ଜାବେଜଗରେ ପଚାରିଲେ କେମିତି ହେବ ?" ସୁକାନ୍ତ ଭାଇ ହସି ହସି କହିଲା ।

"ଯେ ଧୈର୍ଯ୍ୟ କେମିତି ଧରିବି ? ତୁମେ ଦେଖୁଛି ମୋ ବେପାର ବନ୍ଦ କରିବାକୁ ବସିଲଣି !" ସୂର୍ଯ୍ୟ ଟିକେ ତାଚ୍ଛଲ୍ୟଭରା ସ୍ୱରରେ କହିଲା ।

"ହେଃ ନାଇଁ ମ । ସେମିତି କହିଲେ ହବ?" ସୁକାନ୍ତ ଭାଇ କହିଲା ।

"ବାବୁକୁ ମୁଁ ଆଗରୁ କେତେ ଥର ଆଲବମ୍‌ରେ ଗାଇବାକୁ କହିଛି, ସେ ନାହିଁ ଖାତିର୍ କରିବ । ତମ ବାବୁ ତ ବଡ଼ ଲୋକ, ମୋ ସାଙ୍ଗରେ କାମ କଲେ ତାଙ୍କ ସମ୍ମାନହାନି ହେବ କି କଅଣ ।"

"ଯେ ଆପଣ ଯେ କଅଣ କୁହନ୍ତି ମୁଁ କିଛି ବୁଝିପାରେନି । ଆପଣଙ୍କ ନୂଆ ଆଲ୍‌ବମ୍ କେବେ ଆସୁଛି କହିଲେ । କଟକରେ ଦଶହରା ଭସାଣିରେ ଆପଣଙ୍କ ନୂଆ ଗୀତ ନ ବାଜିଲେ ହେବ ?" ସୁକାନ୍ତ ଭାଇ ଜାଣେ ସୂର୍ଯ୍ୟକୁ କେମିତି ବାଟକୁ ଅଣାଯାଏ ।

"ଆସୁଛି, ଆସୁଛି, ଖୁବ୍ ଶୀଘ୍ର ଆସୁଛି," ଏଥର ସୂର୍ଯ୍ୟ ଭାଇର ସ୍ୱର ବଦଳିଗଲା । ତା ସ୍ୱରରେ ଥିଲା ଅପୂର୍ବ ମାଦକତା "ତୁମ ସୂର୍ଯ୍ୟ ଭାଇ କଅଣ ଚୁପ୍ ହେଇ ବସିବା ଲୋକ ? ଏଇ ଷଷ୍ଠୀକୁ ମାଡ଼ ହେବ ନୂଆ ଗୀତ । ବୁଝିଲ ? କଟକ କଅଣ ପୂରା ଓଡ଼ିଶା ଛିନ୍ନଛତ୍ର କରିଦେବ ।"

"ସତେ ନା ? ବଢ଼ିଆ !" ସୁକାନ୍ତ ଭାଇ କହିଲା ।

"ସେ କେଉଁଝରିଆ ଟୋକାଟା ତୁମକୁ ଲୁଟିଗଲା ବୋଲି ଭାବିଛ ବାଜି ମାରିନେବ ?" ସୂର୍ଯ୍ୟ ବାଜି ମାରିଲା ଭଳି କହିଲା, "ସୂର୍ଯ୍ୟର କେହି ପ୍ରତିଦ୍ୱନ୍ଦ୍ୱୀ ନାହିଁ । ସେ ନିଜେ ହିଁ ନିଜର ପ୍ରତିଦ୍ୱନ୍ଦ୍ୱୀ । ଖାଲି ଅପେକ୍ଷା କର ।"

"ସୂର୍ଯ୍ୟ ଭାଇ, ମୁଁ ଜାଣିଛି ମ । ଆପଣଙ୍କ ଭଳି ପ୍ରତିଭାଧର ଏଠି କେତେଜଣ ଅଛନ୍ତି ? ଖାଲି ଆପଣ ଟିକେ ମୁହଁରେ ମୁହଁରେ କହିଦିଅନ୍ତି ବୋଲି ଲୋକେ ଭୁଲ୍ ବୁଝନ୍ତି ସିନା ।" ସୁକାନ୍ତ ଭାଇ ସ୍ୱରକୁ ଯଥା ସମ୍ଭବ କର୍ପନେଇ କହିଲା ।

"ହାଃ ହାଃ ହାଃ", ସେପଟୁ ସୂର୍ଯ୍ୟର ଗାଳା ହସ ଶୁଭିଲା, "ମୋର ମୁହଁରେ ଯାହା, ପେଟରେ ସେୟା । ଅନ୍ୟମାନଙ୍କ ଭଳି କୁଟୁରୁପିଆ ମୁଁ ନୁହଁ । କେତେବେଳେ ସେ କେଉଁଝରିଆ ଟୋକାକୁ ନେଇକି ଆମ ଆଡ଼େ ଆସ । ବସିବା ।"

"ହଁ, ହଁ, ନିଶ୍ଚୟ ଦେଖାହେବ ।"

"ଠିକ୍ ଅଛି, ଚାଲ ଏଥର ।" ସୂର୍ଯ୍ୟ କହିକି ଭ୍ରାମ୍ୟଭାଷ ବନ୍ଦ କଲା ।

ସୁକାନ୍ତ ଭାଇ ଲମ୍ବା ନିଶ୍ୱାସଟେ ନେଇ କହିଲା, "ଓଃ!"

"ସେ କେଉଁଝରିଆ ଟୋକାକୁ ନେଇ ଆମ ଆଡ଼େ ଆସ !" ଜ୍ୟୋତି ସୂର୍ଯ୍ୟ ଠିକ୍ ଯେମିତି କହିଥିଲା ତାକୁ ଦୋହରାଇଲା । ମୁଁ ହସି ହସି କହିଲି, "ତା କଥା ଧରନା; ତାର କାଣ୍ଡଜ୍ଞାନ ନାହିଁ ।"

"ମାଲ୍‌ଟାର ହିଂସିକୁଟିଆ ପ୍ରକୃତି ଯିବନି !" ସୁକାନ୍ତ ଭାଇ କହିଲା, "ହେଲେ କିଛି ବାଟ ନାହିଁ । ସବୁପ୍ରକାର ଲୋକଙ୍କୁ ନେଇ ଚଳିବାକୁ ପଡ଼ିବ ।"

ଆଗେ ଆଗେ ମୁଁ ବି ଏମିତି ଦେଖିଲେ ଶୁଣିଲେ ପ୍ରକାଶ ନ କଲେ ବି ମନେ ମନେ ପ୍ରତିକ୍ରିୟାଶୀଳ ହେଉପଡୁଥିଲି । ଆଜିକାଲି ସୁକାନ୍ତ ଭାଇ ଭଳି ଭାବିଦେଉଛି, ସବୁପ୍ରକାର ଲୋକଙ୍କୁ ନେଇ ଏ ସଂସାର ।

"ସୁକାନ୍ତ ଭାଇ ଷ୍ଟୁଡ଼ିଓରେ କାମ କରୁଥିବା ଦି ଜଣ ସହକର୍ମୀଙ୍କୁ ଯାହା ଯାହା କରିବା କଥା ନିର୍ଦ୍ଦେଶ ଦେଇ କହିଲା, "ଏଥର ବାହାରିବା ।"

ମୁଁ ଆଗରୁ କେତେ ଥର ସୁକାନ୍ତ ଭାଇ ଘରକୁ ଯାଇଛି, ଯଦିଓ ଏଇ ବର୍ଷେ ଦିବର୍ଷ ଭିତରେ ଯାଇନି । ତା ପୁଅ ଯେବେ ହେଇଥିଲା ପ୍ରଥମ ଜନ୍ମଦିନରେ ଡାକିଥିଲା । ତିନି ଚାରିବର୍ଷ ଖଣ୍ଡେ ହବଣି, ଗୋଟେ ବଡ଼ ହୋଟେଲରେ କରିଥିଲା । ମୁଁ କିଛି କାମ ପାଇଁ ଆସି ପାରିନଥିଲି । ପରେ ତା ଘରକୁ ପୁଅକୁ ଦେଖେଇବାକୁ ବାଧ୍ୟ କରି ନେଇଯାଇଥିଲା । ସୁକାନ୍ତ ଭାଇ ସହ ପିଲାଦିନୁଁ ସଂପର୍କ, ତା ସହ ସବୁବେଳେ କଥା ନହେଲେ ବି ଆତ୍ମୀୟତା ଅଛି । ମୋ ବୋଉ ଯେତେବେଳେ ବାଳିଗଲା, ସେତେବେଳେ ମୁଁ ପ୍ରାୟ ସନ୍ଧ୍ୟା ବେଳ ତା କ୍ୟାସେଟ୍ ଦୋକାନରେ ବସୁଥିଲି । ସେ ଏଇ କଟକର ଝିଅଜଣକୁ ପ୍ରେମ କରି ବାହା ହେଇଥିଲା ଦଶ ବର୍ଷ ଖଣ୍ଡେ ତଳେ । ତା ବାହାଘର ବରଯାତ୍ରୀରେ ବି ମୁଁ ଯାଇଥିଲି ।

ଜ୍ୟୋତି ସୁକାନ୍ତ ଭାଇ ଘର ଦେଖିନଥିଲା । ସେ ଆମ ପଛେ ପଛେ ଗାଡ଼ି ଚଲେଇ ଆସିଲା ।

ସୁକାନ୍ତ ଭାଇର ପୁଅ ଗାଡ଼ି ଶବ୍ଦ ଶୁଣି ବାହାରକୁ ଦୌଡ଼ି ଆସିଲା । ସେ ପେଣ୍ଟ ପିନ୍ଧି ନଥିଲା । ତା ପଛେ ପଛେ ତା ମାଆ ବ୍ୟସ୍ତ ହେଇ ହାତରେ ପେଣ୍ଟ ଧରି ଆସି କହୁଥାନ୍ତି, "ହେଇ, ପେଣ୍ଟ ପିନ୍ଧିନୁ, ବାହାରକୁ ଆସିନୁ । କେତେ ଦୁଷ୍ଟ ହେଲୁଣି ।" ସିଏ କିନ୍ତୁ ଆମ ଆଡ଼କୁ ସେମିତି ଏକ ଦୃଷ୍ଟିରେ ଅନେଇଥାଏ । ଭାଉଜ ଆମକୁ ପାଛୋଟି ନେଲେ ।

"ତୁମ ନାଁ କଅଣ ?" ଜ୍ୟୋତି କୁନିପୁଅ ଆଡ଼କୁ ହାତ ବଢ଼ାଇ କହିଲା, "ମୋ ପାଖକୁ ଆସିବ ?"

"ନା" କହିକି ପୁଅ ଦୌଡ଼ିକି ଟିକେ ଦୂରକୁ ପଳେଇଲା । ତା ମାଆ ତାକୁ କହିଲେ, "ଜିନୁ, ତୁ କକାମାନଙ୍କୁ ନମ କରିନୁ । ନମ କର୍ ।"

ସିଏ ଦୂରୁ ଆମକୁ ଅନେଇ ଖାଲି ହସିଲା ଆଉ ତା ମାଆ କଥା ଶୁଣିଲାନି ।(କ୍ରମଶଃ)

♥ ମଣିକୋଷା, ହାଇଦ୍ରାବାଦ

ବିଭୀଷଣ ଉବାଚ

ସଂଘମିତ୍ରା ରାଏଗୁର

ଶ୍ରେଷ୍ଠ କିଏ ?
ରାବଣ ଲାଗି ରାବଣର ବିଭୀଷଣ?
ରାମଙ୍କ ରାମଣରେ ସାମିଲ ବିଭୀଷଣ?
ଶ୍ରେଷ୍ଠତ୍ୱ କ'ଣ?
ଉଚିତ୍‌ର ହାତ ଧରି ଉଚିତ୍ ବୋଲଇବା ?
ନିଷ୍ଠାର ସହ କର୍ତ୍ତବ୍ୟର ମଞ୍ଜିଟେ ପୋତିବା ?
ପରିଣାମର ଭୟରେ ନୀରବି ହୁଏନି ବୋଲି ତ
ପକ୍ଷଚ୍ୟୁତ ହେବାକୁ ହିଁ ହୁଏ
ମନର ରାକ୍ଷସକୁ ଭସ୍ମ କରି
ଦେବତ୍ୱରେ ଅଭିଷିକ୍ତ କରିବାକୁ ହୁଏ
ରକ୍ତକୁ ପାଣି କରି
ପାଣିକୁ ଖୋସିବାକୁ ହୁଏ ରକ୍ତର କଣିକା
ସମ୍ପର୍କର ବନ୍ଧନକୁ କାଟିକୁଟି
ନିଜ ସହ ନିଜକୁ ଯୁଦ୍ଧଟେ ଲଢ଼ିବାକୁ ହୁଏ
ନିଜଠୁ ନିଜ ଯାଏ ଲମ୍ବେଇ ଦେବାକୁ ହୁଏ
ଏକ ଅନନ୍ୟ ଯୁଗାନ୍ତକାରୀ ରାସ୍ତା ।
ମନର ବିସ୍ତାର ଲାଗି ଯୁଗେଯୁଗେ
ବିଭୀଷଣଟେ ରାମଙ୍କ ଆଶ୍ରୟ ହିଁ ଲୋଡେ
ଆଖି ପିଛୁଳାକେ ବିଭୀଷଣକୁ ବହିଷ୍କୃତ କରେ
ରାବଣର ଲଙ୍କା ।

♥ରାଂଚି, ଝାଡଖଣ୍ଡ, ଫୋନ: ୭୬୯୩୮୮୬୩୫୫

ପାଠକୀୟ ପ୍ରତିକ୍ରିୟା

'ଉଦାର ଅନ୍ଧାର ': ପ୍ରେମାସ୍ୱଦା ଆଲୋକ ସର୍ସର





- ♥ବହିର ନାମ : ଉଦାର ଅନ୍ଧାର(କବିତା)
- ♥ସ୍ରଷ୍ଟା : ଭବାନୀ ପଟ୍ଟଯୋଷୀ
- ♥ପ୍ରକାଶକ: ଅଭିମାନ, ପୁରୀ
- ♥ପୃଷ୍ଠା :୧୨୪
- ♥ମୂଲ୍ୟ :୧୭୫.୦୦
- ♥ପ୍ରଥମ ସଂସ୍କରଣ : ୨୦୨୫

ଆଲୁଅରେ ସବୁ କିଛି ପ୍ରାଞ୍ଜଳ ଓ ପରିଷ୍କାର ଦିଶେ । ଆଲୁଅ ସବୁ କିଛିକୁ ନିର୍ମମ ଭାବେ ସ୍ପଷ୍ଟ କରିଦିଏ । ଆଲୁଅର ତେଜ ପାଖରେ କାହା ପ୍ରତି କ୍ଷମା ନଥାଏ । ହେଲେ ଅନ୍ଧାର କେବଳ ଆଲୁଅର ବିପରୀତ ନୁହେଁ । ଅନ୍ଧାର ଅପ୍ରମିତ ରହସ୍ୟର ଉତ୍ସ । ଏହା ସବୁବେଳେ ସମ୍ଭାବନାମୟ । ଅନ୍ଧାରର ଛାୟାଚ୍ଛନ୍ନତା ଭିତରେ ଥାଏ ଅପୂର୍ବ ମାଦକତା । ଅନ୍ଧାର ହାତ ଠାରି ଡାକେ । ବ୍ୟଥିତ ହୃଦୟକୁ ଦିଏ ଆଶ୍ରୟ ଓ ଆଶ୍ୱାସନା । କ୍ଷତାକ୍ତ ପ୍ରାଣ ଅନ୍ଧାର ଠାରୁ ପାଏ ଉତ୍ସାହ । ଅନ୍ଧାର ଅନ୍ଧା ଚେତୁ ବାଟ କଢ଼ାଇନିଏ । କେବେ କେବେ ଲାଗେ ଅନ୍ଧାର ଅବିନାଶୀ, ଶାଶ୍ୱତ । ତା ଭିତରେ ଛୋଟ ଦୀପ ଶିଖାର ଆଲୁଅ ଏକ ଅନୁପ୍ରବେଶ ।

'ଉଦାର ଅନ୍ଧାର' କବି, ଗୀତିକାର,କଥାକାର ଓ ଚିତ୍ରକର ଭବାନୀ ପଟ୍ଟଯୋଷୀଙ୍କର ଏକ ଅନୁପମ ଗୀତି କବିତା ସଂକଳନ । ଏହାର କାବ୍ୟ ନାୟକ ଜଣେ ପ୍ରେମମୟ ସତ୍ତା । ହିସାବ କିତାବର ଦୁନିଆଁରେ ତାର ସୁକୁମାରତା ଆହତ ହୁଏ । ସେ ବେପରୱା ଓ ବେଖାଲିସ୍ । ସେ ତାର ନିଃସର୍ତ୍ତ ପ୍ରେମର ପସରା ଧରି ସଂସାରରେ ଆତଯାତ ହୁଏ । ପ୍ରେମରେ ସଫଳତା ବିଫଳତାର ହିସାବ ନାହିଁ । ଏକ ଶକ୍ତିଶାଳୀ ପ୍ଲାବନ ଭଳି କେବଳ ମାଡି ଉଠିବା କଥା । ସେ ଜଳ୍ଦେଇ ଜାରି ରଖେ ଭାଗ୍ୟ ବିରୁଦ୍ଧରେ । ଜୀବନର ସକଳ ଅନିଶ୍ଚିତତା ଓ ଉଚ୍ଛଟତା ଭିତରେ ପ୍ରେମର ପରାଗ ରେଣୁ ବିଞ୍ଚି ଦେବା ଯେମିତି ତାର କାମ । ସେ ନିଜକୁ ପ୍ରେମ ପାଇଁ ପୂର୍ଣ୍ଣ ଭାବେ ସମର୍ପି ଦିଏ, ଅଥଚ ଦେଖେ ସେ ଯେମିତି ଏକ ଭିନ୍ନ ବହିବା ପଙ୍କ ।

କବିଙ୍କ ଭାଷାରେ; "ସମର୍ପଣ କଲେ ତ୍ରାଣ ମିଳେ ବୋଲି / ଶୁଣି ଆସି ଆସିଅଛି ପିଲା ଦିନୁ /ସମର୍ପି ମୋହର ସମସ୍ତ କେମିତି / ନ ଛିଡ଼ିବା ଭାଗ ଶେଷ ହେଲି ।"

ପ୍ରେମରେ ନିଜର ସବୁ କିଛି ହରାଇବାକୁ ପ୍ରସ୍ତୁତ କବି । ନିବିଡ଼ ଆବେଗ ଓ ଅନୁରାଗ କବିଙ୍କର ଚାଳିକା ଶକ୍ତି । ନିଜକୁ ସମ୍ପୂର୍ଣ୍ଣ ହରାଇ ନଦେଲେ ପ୍ରେମ ତାଙ୍କର ଚରିତାର୍ଥ ହୁଏନା । ଉଭୟ ଆଲୁଅ ଓ ଅନ୍ଧାର ଭିତରେ ତାଙ୍କ କାବ୍ୟନାୟକ ନିଜକୁ ନିରପେକ୍ଷ ରଖେ । ସେ ନିୟତ ସ୍ୱପ୍ନ ଦେଖେ ଯଦିଓ ସେ ଜାଣେ ଯେ ସ୍ୱପ୍ନମାନେ ସତ ହେବାର ସମ୍ଭାବନା କମ୍ । ସେ ସବୁଆରେ ପ୍ରେମର ନିଆଁ ଲଗାଇ ଦେବାକୁ ଚାହେଁ । ସେ ନିଆଁ ଜାଳିଲେ ଅନ୍ଧାର ଭିତରେ ଫୁଟି ଉଠେ ରକ୍ତର ଫୁଲ । ପ୍ରେମର ପ୍ରତ୍ୟୁତ୍ତର ମିଳେ କି ନା ସେଥିକୁ ନାୟକର ପରୱା ନାହିଁ । ସେ ଅନ୍ୟକୁ ହୃଦୟ ଦେବ କଣ, ବରଂ ଏତିକି ବୁଝେ ସେ ତାର ହୃଦୟ ଆଉ ଜଣକ ଚୋରାଇ ନେଇ ଯାଇଛି । ସେ ନିଜର ଶବ ସତ୍କାର କରେ । ପୁଣି ନୂଆ କରି ଜୀବନ ପାଇବା ତାର ଅଭିପ୍ସା । ତାକୁ ଲାଗେ ସେ ନିଜେ ହିଁ ନିଜ ପ୍ରେମର ବିପଣନ କରୁଛି ।

କବିଙ୍କ ଭାଷାରେ: "ଆଜି ପୁଣି ନିଜେ ନିଜର ହିଁ ଶବ / ସତ୍କାର କରି ବସିଛି /ବଜାରୁ ବଜାର ବୁଲି ଆଜି ପୁଣି / ନିଜକୁ ନିଜେ ହିଁ ବିକୁଛି ।"

ନାୟକର ପ୍ରେମଭରା ହୃଦୟ ଏ ଦୁନିଆଁରେ ବଡ଼ ନିଃସଙ୍ଗ ଅନୁଭବ କରେ । କାହାରି ଠାରୁ କିଛି ପ୍ରତ୍ୟାଶା ନଥାଏ । ଅନ୍ଧାର ଭିତରେ ସେ ଜାରି ରଖେ ତାର ପ୍ରେମର ଅଭିଯାନ । ସେ ଅପେକ୍ଷା କରେ । ପଦଚର ଶବ୍ଦକୁ କେହି ଆସୁଛି ବୋଲି ଭାବି ବସେ । ତାର ଚିର ଅଥୟ ସତ୍ତା ଆହୁରି ଅଥୟ ହୁଏ । ତେବେ ସେ ଅନୁଭବ କରେ ଜୀବନ ତାକୁ ଯାହା ଦେବା କଥା ଦେଇ ଚାଲିଛି । ତାର ଜୀବନର ପାତ୍ର ପୂର୍ଣ୍ଣ ହୁଏ ପୁଣି ରିକ୍ତ ହୁଏ । ସେ କିନ୍ତୁ ଚାହିଁ ବସିଥାଏ ଅଜ୍ଞାତର ଆଗମନ ପାଇଁ । ସେହି ଅଜଣା ହିଁ ଜୀବନକୁ ନୂଆ ଅର୍ଥ ମଣ୍ଡିତ କରେ । ତାଙ୍କ ଭାଷାରେ: "ଯାହା ବି ଚାହୁଁଛି ଦେଉଛି ଜୀବନ / ଚାକ ଟୁକ କରୁ ନାହିଁ / ତଥାପି ଅଜଣା କିଛି ପାଇଁ କିଆଁ / ମୋ ଆଖି ରହିଛି ଚାହିଁ ।"

ଅଜ୍ଞାତର ସ୍ପର୍ଶରେ କାବ୍ୟ ନାୟକ ଉଲ୍ଲସିତ ହୁଏ । ନିଜକୁ ନିଜ ପାଖରେ ଲାଗେ ଅଚିହ୍ନା । ଦର୍ପଣର ପ୍ରତିବିମ୍ବ ଲାଗେ ଆଉ କାହା ପରି । କଣ ପାଇଁ କେଜାଣି ନିଜ ପାଖରେ ନିଜେ ଅପରିଚିତ ହୋଇ ପଡେ, ନିଜକୁ ଡରେ । ହେଲେ ପ୍ରେମାସ୍ପଦାକୁ ସର୍ବତ୍ର ଦେଖେ । ନିଜେ ସିନା ବାଟ ଭୁଲେ, ହେଲେ କହେ: "ସବୁ ଚେହେରାରେ ତୋହର ଚେହେରା / ସବୁ ଠିକଣାରେ ତୋର ଗାଆଁ /ତୋ ଗାଆଁ ଛାଡ଼ିଲେ କୁଆଡେ ଯିବି ମୁଁ /ନିଜ ଗାଆଁ ବାଟ ଭୁଲି ଗଲି ।"

ଅନ୍ଧାରର ଉଦାରତା ଭିତରେ ଆତଯାତ କାବ୍ୟନାୟକ ସବୁବେଳେ ନିଜ ସହିତ ଲଢେ । ତାର ପ୍ରେମିକ ସତ୍ତା ନିଜେ ଅଭିଯୋଗକାରୀ ହୁଏ ପୁଣି ହୁଏ ବି ବିଚାରକ । ନିଜେ ହୁଏ କାରାଗାର ପୁଣି ମୁକ୍ତିର ମାର୍ଗ ।

କାବ୍ୟନାୟକ କହେ, "ଭଲ ଆଉ ଖରାପ ଭିତରେ ମୋହର /ଘର ହୁଡୁ ହୁଡୁ କଲେ / ମୁହିଁ ମୋର ଦ୍ରଷ୍ଟା ମୋ ଭିତରେ ମୁହିଁ /ଖ୍ୟାଳି ସାଗର ମୋର ।"

ଭବାନୀଙ୍କ କାବ୍ୟନାୟକ ସକଳ ଦୁର୍ଗତି ଭିତରେ ଜୀବନକୁ ଗ୍ରହଣ କରେ । ସକଳ ନକାରାତ୍ମକ ଅବସ୍ଥାରେ ଜୀବନର ଜୟ ଗାନ କରେ । ଆପଣାର ପ୍ରେମମୟ ସତ୍ତା ମାଧ୍ୟମରେ ଜୀବନକୁ ଭାବାପ୍ଲୁତ କରେ । ପ୍ରେମହୀନତାର ଜବାବ ଦିଏ ନିଃସର୍ତ୍ତ ପ୍ରେମରେ, ଜଟିଳତାର ଉତ୍ତର ଦିଏ ସରଳତା ମାଧ୍ୟମରେ, କପଟ ଭାବର ଉତ୍ତର ଦିଏ ନିରୀହତାରେ । ସେଥିପାଇଁ କବିଙ୍କର ପ୍ରେମିକ ସୁଲଭ ନିରୀହତା କେଉଁଠି ହାରି ଯାଏନା ।

'ଉଦାର ଅନ୍ଧାର'ର କବିତାଗୁଡ଼ିକ ସରଳ ଅଥଚ ତୀକ୍ଷ୍ଣ, ସହଜ କିନ୍ତୁ ସାନ୍ଦ୍ର । ବିଭିନ୍ନ ଛନ୍ଦର ପ୍ରୟୋଗ କବିତାଗୁଡ଼ିକୁ ଦିଏ ଭିନ୍ନ ପ୍ରାଣଶକ୍ତି । ବ୍ୟଞ୍ଜନାମୟ ଧାଡ଼ିଗୁଡ଼ିକ ପାଠକର ହୃଦୟ ଜୟ କରିବାକୁ ସକ୍ଷମ ।

♥ସମୀକ୍ଷା : ପବିତ୍ର ମୋହନ ଦାଶ
ଇଂରାଜୀ ବିଭାଗ, ଶଶୀ ସ୍ମୃତି ଡିଗ୍ରୀ ମହାବିଦ୍ୟାଳୟ, ଡାଳିପୁଟ, ପୁରୀ-୭୫୨୦୪୫
ଫୋନ: ୯୪୩୭୨୦୭୫୪୮

ସିଥୋ ଆରମ୍ଭ
SEITHO ARAMBHA
ରବିବାର, ୨୦ ଅପ୍ରେଲ,୨୦୨୫ : ବାଲେଶ୍ୱର : ପୃଷ୍ଠା -୬

କାଜୁ ଜଙ୍ଗଲକୁ ନେଇ ୨ ଗୋଷ୍ଠୀ ମଧ୍ୟରେ ସଂଘର୍ଷ

୩୦ରୁ ଅଧିକ ଆହତ, ଗୁରୁତ୍ୱରଙ୍କୁ ଭୁବନେଶ୍ୱର ସ୍ଥାନାନ୍ତର

ଅସ୍ତରଙ୍ଗ,୧୯/୦୪ (ଆ.ପ୍ର) : ଅସ୍ତରଙ୍ଗ ବ୍ଲକ ନଗର ପଂଚାୟତ ବାଲିଡିଆ ଓ ଦେବୀନଦୀର ଅପରପାର୍ଶ୍ୱ ସୁନେଇଡିଆର ଦୁଇ ଗୋଷ୍ଠୀ ମଧ୍ୟରେ କାଜୁ ଜଙ୍ଗଲକୁ ନେଇ ଗୋଷ୍ଠୀ ସଂଘର୍ଷ ଘଟିଛି । ଏଭଳି ଅଭାବନୀୟ ଘଟଣା ଘଟିବା ବେଳେ ବାଲିଡିଆରୁ ୩୦ ରୁ ଅଧିକ ଲୋକ ଆହତ ହେବା ଓ ପ୍ରାୟ ୭ ଜଣ ଗୁରୁତ୍ୱର ହୋଇ ଭୁବନେଶ୍ୱର ସ୍ଥାନାନ୍ତର ହୋଇଛନ୍ତି । ଦେବୀ ନଦୀର ମଝି ବାଲି ପଠାରେ ଏହି ଘଟଣା ଘଟିଥିଲା ବେଳେ ନଦୀର ଦୁଇପାର୍ଶ୍ୱର ଲୋକଙ୍କ ମଧ୍ୟରେ ଚାପା ଉତ୍ତେଜନା ଲାଗିରହିଛି । ସୂଚନାନୁସାରେ ଦେବୀନଦୀ ମଧ୍ୟବର୍ତ୍ତୀ ଅଂଚଳ ବାଲିବନ୍ତରେ ଏକ କାଜୁ ଜଙ୍ଗଲ ରହିଛି । ଦୀର୍ଘ ୨୦ ବର୍ଷ ହେବ ବାଲିଡିଆ ମୌଜାର ପ୍ରାୟ ୬୦ ପରିବାର ଏହା ଉପରେ ନିର୍ଭର କରି କାଜୁ ତୋଳି ନିଜର ଗୁଜୁରାଣ ମେଂଟାଉଥିବା ଖବର ମିଳିଛି । ଆଜି ଶନିବାର ଦିନ ସକାଳୁ ଏହି ଗ୍ରାମର କେତେକ ଲୋକ ଦେବୀନଦୀରେ ଡ଼ଙ୍ଗାରେ ଯାଇ କାଜୁ ମଞ୍ଜି ତୋଳୁଥିଲେ । ଏହିସମୟରେ ଅପରପାର୍ଶ୍ୱର ସୁନେଇଡିଆ ଅଂଚଳର ବହୁ ଲୋକ ହଠାତ୍ ଆସି ହାତରେ ଠେଙ୍ଗା, ବାଡ଼ି, ଭୁଜାଲି କଟୁରୀ କାଚ ବୋତଲ ଧରି ବାଲିଡିଆରୁ କାଜୁ ତୋଳିବାକୁ ଯାଇଥିବା ଲୋକଙ୍କ ସହ ପାଟିତୁଣ୍ଡ କରିବା ସହ ସଂଘବଦ୍ଧ ଭାବେ ଆକ୍ରମଣ କରିଥିଲେ । ଘଟଣା ସ୍ଥଳରେ ବାଲିଡିଆର ବୟସ୍କ ବ୍ୟକ୍ତି, ଯୁବକ ଓ ମହିଳା ମିଶି ପ୍ରାୟ ୩୦ଜଣ ଆହତ ହୋଇଥିବା ସୂଚନା ମିଳିଛି । ଏହି ଖବର ଶୁଣି ବାଲିଡିଆରୁ ଗ୍ରାମବାସୀ ଘଟଣା ସ୍ଥଳରେ ପହଂଚି ଡ଼ଙ୍ଗା ସାହାଯ୍ୟରେ ଆହତଙ୍କୁ ଉଦ୍ଧାର କରି ଚିକିତ୍ସା ପାଇଁ ଅସ୍ତରଙ୍ଗ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରକୁ ଆଣିଥିଲେ । ଆଶୁ ଚିକିତ୍ସା ବେଳେ କେତେକ ଗୁରୁତର ଥିବାରୁ ସେମାନଙ୍କୁ ଅଧିକ ଚିକିତ୍ସା ପାଇଁ ଭୁବନେଶ୍ୱର ସ୍ଥାନାନ୍ତର କରାଯାଇଛି । ଗୁରୁତ୍ୱର ଆହତ ଥିବା ବ୍ୟକ୍ତିଙ୍କ ମଧ୍ୟରେ ଲୋକନାଥ ବେହେରା (୫୫), ବିଦ୍ୟାଧର ବେହେରା (୬୦), ଧୃଣାସନ ବେହେରା (୮୦), ଉଗ୍ରସେନ ବେହେରା (୬୪),ସୁନ୍ଦର ବେହେରା (୬୦), ଚହଲି ବେହେରା (୭୫),ରବିନ୍ଦ୍ର ବେହେରା (୬୦) ପ୍ରମୁଖ ରହିବା ଖବର ମିଳିଛି । ଯୋଗାଯୋଗ ସମ୍ଭବ ନହେବାରୁ ନଦୀ ଅପରପାର୍ଶ୍ୱର ଲୋକଙ୍କର କଣ କ୍ଷତି ହୋଇଛି ତାହା ଜଣାପଡ଼ିନି । ଏପଟେ ମୁଣ୍ଡରେ ଆଘାତ ଲାଗିବାରୁ ଅଧିକ ଚିକିତ୍ସା ପାଇଁ ଭୁବନେଶ୍ୱର ସ୍ଥାନାନ୍ତର କରି ଅଧିକ ଚିକିତ୍ସା ଜାରିରହିବା ଗ୍ରାମବାସୀଙ୍କ ନିକଟରୁ ସୂଚନା ମିଳିଛି । ଗୋଷ୍ଠୀ ସଂଘର୍ଷ ବିଷୟରେ ଖବର ପାଇ ନିମାପଡା ଡିଏସପି ଜନାର୍ଦ୍ଦନ ପତି, ଅସ୍ତରଙ୍ଗ ଥାନା ଅଧିକାରୀ ରାଜେଶ ବରିଆରସିଂ ପୁଲିସ୍ ଫୋର୍ସ ସହିତ ଅସ୍ତରଙ୍ଗ ଡାକ୍ତର ଖାନା ଏବଂ ଘଟଣା ସ୍ଥଳରେ ପହଁଚି ତଦନ୍ତ ଜାରି ରଖିଛନ୍ତି । ସବୁଠାରୁ ବଡ଼କଥା ହେଲା ଗୋଟିଏ ପଟେ ବାଲିଡିଆ ଗ୍ରାମବାସୀ ଏହି କାଜୁ ଜଙ୍ଗଲ ଉପରେ ଦାବି କଲାବେଳେ ଅପରପକ୍ଷରେ ଦେବୀନଦୀର ଆରପଟ ଜଗତସିଂହପୁର ଜିଲ୍ଲା ତରାସାହି ମୌଜାର ସୁନେଇଡିଆ ଲୋକ ତାଙ୍କର ଜମି ବୋଲି ଦାବିକରିଛନ୍ତି । ତେବେ କାଜୁ ଜଙ୍ଗଲ ବା ଜଙ୍ଗଲର ଜମି ଏବେ କାହାର ? ଯାହା ତଦନ୍ତ ପରେ ଜଣାପଡ଼ିବ । ସେ ଯାହା ହେଉନା କାହିଁକି ଏଭଳି ଘଟଣା ଘଟିବା ପରେ ଆହତଙ୍କ ମୁଣ୍ଡ, ଗୋଡ଼ ଓ ଶରୀରର ଅନ୍ୟ ସ୍ଥାନରେ ଆଘାତ ଲାଗିଥିବାରୁ ଏକ ଭୟର ବାତାବରଣ ସୃଷ୍ଟି ହେବା ସହ ନଦୀର ଦୁଇପାର୍ଶ୍ୱ ଲୋକଙ୍କ ମଧ୍ୟରେ ଚାପା ଉତ୍ତେଜନା ଲାଗିରହିଛି । ଖବର ଲେଖା ହେବା ପର୍ଯ୍ୟନ୍ତ ଘଟଣାକୁ ନେଇ ପୁଲିସ୍ ତଦନ୍ତ ଆରମ୍ଭ କରିବା ବେଳେ କାହାକୁ ଏପର୍ଯ୍ୟନ୍ତ ଗିରଫ କରିନଥିବା ସୂଚନା ମିଳିଛି ।

ସରକାରୀ ଗୋଚର ଜମିରୁ ଉଚ୍ଛେଦ ହେଲା ବେଆଇନ ମଦକୋଠି କୁଡ଼ିଆ

ନୂଆପଡ଼ା,୧୯/୦୪ (ଆ.ପ୍ର) : ନୂଆପଡ଼ା ଜିଲ୍ଲା ସିନାପାଲି ତହସିଲ ଅନ୍ତର୍ଗତ ଛୋଟ ଦର୍ଲିପଡା ମୁଖ୍ୟ ରାସ୍ତା ପାର୍ଶ୍ୱରେ ଥିବା ସରକାରୀ ଗୋଚର ଜମିରୁ ବେଆଇନ ମଦକୋଠି କୁଡିଆ ଗୁଡିକ ଉଚ୍ଛେଦ ହୋଇଥିବା ଜଣାପଡିଛି । ପ୍ରାପ୍ତ ଖବର ଅନୁସାରେ ଗତ ଜାନୁଆରୀ ମାସରେ ଛୋଟ ଦର୍ଲିପଡା ମୁଖ୍ୟ ରାସ୍ତା ପାର୍ଶ୍ୱରେ ସରକାରୀ ଗୋଚର ଜମିରେ କିଛି ଅସାଧୁ ବ୍ୟକ୍ତି କୁଡିଆ ତିଆରି କରି ବେଆଇନ ଦେଶି ବିଦେଶୀ ମଦ ବିକ୍ରୀ କରୁଥିବା ଗ୍ରାମବାସୀ ସିନାପାଲି ତହସିଲଦାରଙ୍କୁ ଅଭିଯୋଗ କରିଥିଲେ । ସେହି ଅଭିଯୋଗ ଅନୁସାରେ ଖଡିଆଳ ଅତିରିକ୍ତ ତହସିଲଦାର ଭୁପେନ୍ଦ୍ର ସିଂ ମାଜିଷ୍ଟ୍ରେଟ୍ ଦାୟିତ୍ୱ ରହିଥିବା ବେଳେ ସିନାପାଲି ଅତିରିକ୍ତ ତହସିଲଦାର ମନୋରଞ୍ଜନ କେରକେଟା, ସିନାପାଲି ପୋଲିସ ଏସଆଇ ଅନିତା ଜାନି, ଏଏସଆଇ ପ୍ରଭାକର ନାୟକ, ଅବକାରୀ ଥାନାଧିକାରୀ ସିଦ୍ଧାନ୍ତ ପାତ୍ର ଉକ୍ତ ସ୍ଥାନରେ ପହଂଚି ରାସ୍ତା ପାର୍ଶ୍ୱରେ ଥିବା ୩ଟି ବେଆଇନ ମଦକୋଠିକୁ ଜେସିବି ସହାୟତା ରେ ଭାଙ୍ଗିଥିଲେ । ଏହି ସମୟରେ ଉତ୍ତେଜନା ମଧ୍ୟ ଦେଖା ଯାଇଥିଲା । ପ୍ରକାଶ ଯେ ଏହି ରାସ୍ତା ପାର୍ଶ୍ୱ ରେ ଦିର୍ଘଦିନ ହେଲା ବେଆଇନ ଭାବେ ସରକାରୀ ଜମିକୁ କିଛି ବ୍ୟକ୍ତି ଅକ୍ତିଆର କରି ବେଆଇନ ମଦକୋଠି ଖୋଲି ମଦ ବିକ୍ରୀ କରୁଥିଲେ । ଏହି ରାସ୍ତା ରେ ବେଆଇନ ମଦ କାରବାର ଯୋଗୁ ଯାତାୟାତ ବେଳେ ଲୋକେ ଭୟ କରୁଥିବା ବେଳେ ଦୁର୍ଘଟଣାର ଆଶଙ୍କା ରହୁଥିଲା । ମଦ୍ୟପଙ୍କ ଅଶ୍ଳୀଳ ଭାଷା ଯୋଗୁ ଗ୍ରାମୀଣ ମହିଳା ମାନେ ମଧ୍ୟ ଅନେକ ସମୟରେ ଭୟରେ ଯାତାୟାତ କରୁଥିବା ବେଳେ ମଦ୍ୟପଙ୍କ କମେଂଟର ଶିକାର ହେଉଥିବା ଲୋକେ ଅସନ୍ତୁଷ୍ଟ ପ୍ରକାଶ କରୁଥିଲେ । ଏହି ଟିମରେ ଅଗ୍ନିସମ, ବିଦ୍ୟୁତ, ପୋଲିସ, ତହସିଲ, ଅବକାରୀ ବିଭାଗର ଅଧିକାରୀ କର୍ମଚାରୀ ସାମିଲ ଥିଲେ । ଏହି ବେଆଇନ ମଦକୋଠି ଉଚ୍ଛେଦ ପରେ ଅଂଚଳ ର ଲୋକେ ଖୁସି ଅନୁଭବ କରି ସିନାପାଲି ପ୍ରଶାସନକୁ ପ୍ରଂଶସା କରିଛନ୍ତି ।

ଭଉଁରିଆ ନଦୀର ଦୁଇ ପାର୍ଶ୍ୱରେ ଲୁଣା ଜଙ୍ଗଲ ପାଇଁ ଉଦ୍ୟମ

ସବୁଜଶାଖା ଓ ଓପସା ମିଳିତ ଆନୁକୂଲ୍ୟରେ ଚାରାରୋପଣ

ଅସ୍ତରଙ୍ଗ, ୧୯/୦୪ (ଆ.ପ୍ର) : ସବୁଜଶାଖା କ୍ଲବ୍ ଓ ଓଡିଶା ପର୍ଯ୍ୟାବରଣ ସଂରକ୍ଷଣ ଅଭିଯାନ(ଓପସା) ମିଳିତ ଆନୁକୂଲ୍ୟରେ ଭଉଁରିଆ ସେତୁ ଠାରୁ ଝାଡଲିଙ୍ଗ ପର୍ଯ୍ୟନ୍ତ ନଦୀର ଦୁଇ ପାର୍ଶ୍ୱରେ ଲୁଣା ଜଙ୍ଗଲ ସୃଷ୍ଟିକରିବାକୁ ବ୍ୟାପକ ଉଦ୍ୟମ ଆରମ୍ଭ ହୋଇଛି । ପୂର୍ବରୁ ଗୋଟିଏ ପଟେ ଚାରାରୋପଣ ଆରମ୍ଭ ହୋଇଥିଲା ବେଳେ ଆଜି ଅନ୍ୟ ପାର୍ଶ୍ୱରେ ଚାରରୋପଣର ଶୁଭାରମ୍ଭ କରାଯାଇଥିଲା । ଆଜିର ଏହି କାର୍ଯ୍ୟକ୍ରମରେ ଅତିଥି ଭାବେ ପୂର୍ବତନ ସାଂସଦ ତଥା ଧରିତ୍ରୀର ସମ୍ପାଦକ ତଥାଗତ ଶତପଥୀ, ଓଡିଶା ପୋଷ୍ଟ ଓ ଧରିତ୍ରୀର ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ଆଦ୍ୟାଶା ଶତପଥୀ, ସବୁଜ ଶାଖାର ସଭାପତି ରମାକାନ୍ତ ବସ୍ତିଆ, ଶିକ୍ଷା କମିଟିର ପଣ୍ଡିତ କାଳିନ୍ଦୀ ଚରଣ ଛାଟୋଇ, ଅସ୍ତରଙ୍ଗ ସରପଂଚ ରାମଚନ୍ଦ୍ର କାଣ୍ଡି,ସମାଜସେବୀ ଦୁଷ୍ମନ୍ତ କୁମାର ପରିଡା, ପ୍ରଶାନ୍ତ ନାୟକ, ପ୍ରଦୀପ୍ତ ତ୍ରିପାଠୀ ଯୋଗଦେଇଥିଲେ । ଅନ୍ୟପକ୍ଷରେ ଝାଡଲିଙ୍ଗ ମୌଜାରୁ ମହିଳା ପ୍ରମୁଖ ଯୋଗ ଦେଇଥିଲେ । ଲୁଣା ଜଙ୍ଗଲ ସୃଷ୍ଟି ପାଇଁ ଉଦ୍ୟମରତ ଝାଡଲିଙ୍ଗ ଅଂଚଳର ବହୁ ମହିଳା, ଓଡିଶା ପର୍ଯ୍ୟାବରଣ ସଂଗଠନର ବହୁ ସଦସ୍ୟାବୃନ୍ଦ, ସ୍ଥାନୀୟ ଅଂଚଳରୁ ବହୁ ସମାଜସେବୀ, ବୁଦ୍ଧିଜୀବୀ ଓ ସାଧାରଣ ଲୋକେ ଏହି କାର୍ଯ୍ୟରେ ଯୋଗ ଦେଇଥିଲେ । ଚାରରୋପଣ ପୂର୍ବରୁ ଉପସ୍ଥିତ ସମସ୍ତଙ୍କୁ ନେଇ ଭଉଁରିଆ ନଦୀ କୂଳରେ ଏକ ସଭାକାର୍ଯ୍ୟ ହେବା ଓ ଲୁଣା ଜଙ୍ଗଲ ଓ ଜୈବ ବିବିଧତା ଉପରେ ଏକ ଆଲୋଚନା ଚକ୍ର ଅନୁଷ୍ଠିତ ହୋଇଥିଲା । ଏଥିରେ ଓଡିଶା ପର୍ଯ୍ୟାବରଣ ସଂରକ୍ଷଣ ଅଭିଯାନର ତୃଷ୍ଟି ତଥା ମିଳିତ ଜାତିସଂଘର ଯୁବ ଅବିଭ୍ୟକ୍ତା ସୌମ୍ୟରଞ୍ଜନ ବିଶ୍ୱାଳ ସଭାପତିତ୍ୱ କରିଥିଲେ । ଜଙ୍ଗଲ ସୁରକ୍ଷାରେ ଜୀବନକୁ ନିୟୋଜିତ କରିଥିବା ରାଜ୍ୟ ପୁରସ୍କାରପ୍ରାପ୍ତ ବିଚିତ୍ରାନନ୍ଦ ବିଶ୍ୱାଳ, ଜୈବ ବିବିଧତା ସଂରକ୍ଷଣରେ ଜାତୀୟ ପୁରସ୍କାରପ୍ରାପ୍ତ ପୀରଜାହାନିଆ ବନ ସୁରକ୍ଷା ସମିତିର ସମ୍ପାଦିକା ଚାରୁଲତା ବିଶ୍ୱାଳ, ପଣ୍ଡିତ କାଳନ୍ଦୀ ଚରଣ ଛାଟୋଇ ସମେତ ଅସ୍ତରଙ୍ଗ ସରପଂଚ ଶ୍ରୀ କାଣ୍ଡି ଲୁଣା ଜଙ୍ଗଲର ଉଦ୍ଦେଶ୍ୟ ଓ ଉପକୂଳ ପାଇଁ ଲୁଣା ଜଙ୍ଗଲ କିଭଳି ସୁରକ୍ଷାର କବଚ ବୋଲି ତାହା ବୁଝାଇଥିଲେ । ଏହି ଅବସରରେ ଲୁଣା ଜଙ୍ଗଲ ସୃଷ୍ଟି ପାଇଁ ଅବଦାନ ଥିବା କେତେକ ବ୍ୟକ୍ତିଙ୍କୁ ମାନପତ୍ର ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା । ପରେ ଭୁଆରିଆ ନଦୀର ପାଣିରେ ପଶି ଚାରାରୋପଣ କରାଯାଇଥିଲା । ଓଡିଶା ପର୍ଯ୍ୟାବରଣ ସଂରକ୍ଷଣ ସଂଗଠନ ପକ୍ଷରୁ ଝାଡଲିଙ୍ଗ ସମେତ ବିଭିନ୍ନ ସ୍ଥାନରେ ଥିବା ନର୍ସରୀରେ ପ୍ରସ୍ତୁତ ହେଉଥିବା ଏହି ଚାରାକୁ ଆଣି ଭୁଆରିଆ ନଈର ସନ୍ତ ସନ୍ତିଆ ସ୍ଥାନରେ ରୋପଣ କରାଯାଇଛି । ଜୁଆର ପାଣି ବୁଡ଼ିଲେ ମଧ୍ୟ ଛାଡ ବେଳେ ଏହି ଗଛ ଉଠୁରି ବଂଚିବା ପରେ ତାର ଶାଖା ପ୍ରଶାଖା ମେଲି ଘଂଚ ଜଙ୍ଗଲରେ ପରିଣତ ହୋଇଥାଏ । ଏହା ବନ୍ୟା, ବାତ୍ୟା, ସୁନାମି ଓ ମୃତ୍ତିକା କ୍ଷୟରୁ ରକ୍ଷା କରିବା ସମେତ ଜଳଜୀବଙ୍କ ଆଶ୍ରୟ ପ୍ରଦାନ କରିଥାଏ ବୋଲି ସୂଚନା ମିଳିଛି । ଚାରାରୋପଣ ପରେ ଅତିଥିମାନେ ଝାଡଲିଙ୍ଗ ସ୍ଥିତ ଲୁଣା ଚାରା ପ୍ରସ୍ତୁତିର ନର୍ସରୀ ବୁଲି ଦେଖି ସଂଗଠନ ସମେତ ଏହା ଅଧୀନରେ କାର୍ଯ୍ୟକରୁଥିବା ମହିଳାଙ୍କୁ ପ୍ରଶଂସା କରିଥିଲେ । ୨୦୩୦ ମସିହା ସୁଧା ୧୦ ଲକ୍ଷ ଚାରା ଲାଗିବ ବୋଲି ସଂଗଠନର ତୃଷ୍ଟି ଶ୍ରୀ ବିଶ୍ୱାଳ ସୂଚନ ଦେଇଛନ୍ତି ।

ଭୀମପୁର ବିଦ୍ୟାଳୟର ଶତବାର୍ଷିକୀ ଉତ୍ସବରେ ଯୋଗ ଦେବେ ମୁଖ୍ୟମନ୍ତ୍ରୀ

ପାତ୍ରପୁର, ୧୯/୦୪ (ଆ.ପ୍ର) : ଗଞ୍ଜାମ ଜିଲ୍ଲା ପାତ୍ରପୁର ବ୍ଲକ ସାମନ୍ତିଆପଲ୍ଲୀ ଗ୍ରାମ ପଂଚାୟତ ଅନ୍ତର୍ଗତ ଭିମପୁର ଗ୍ରାମ ସ୍ଥିତ ସରକାରୀ ଉନ୍ନୀତ ଉଚ୍ଚ ବିଦ୍ୟାଳୟ ସ୍ଥାପନର ୧୦୦ ବର୍ଷ ପୂର୍ତ୍ତି ଅବସରରେ ଓଡ଼ିଶାର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଆସନ୍ତା ଏପ୍ରିଲ ୨୭ ତାରିଖ ତଥା ରବିବାର ଦିନ ଭିମପୁର ଗ୍ରାମ ସ୍ଥିତ ସରକାରୀ ଉନ୍ନୀତ ଉଚ୍ଚ ବିଦ୍ୟାଳୟର ଶତବାର୍ଷିକୀ ଉତ୍ସବରେ ଯୋଗ ଦେବେ ବୋଲି ଜଣାପଡ଼ିଛି । ଏହି ପରିପ୍ରେକ୍ଷୀରେ ଆଜି ଗଞ୍ଜାମ ଜିଲ୍ଲା ଶିକ୍ଷା ଅଧିକାରୀ ଅଜୟ କୁମାର ପାତ୍ର ଭୀମପୁର ଗ୍ରାମ ସ୍ଥିତ ସରକାରୀ ଉନ୍ନୀତ ଉଚ୍ଚ ବିଦ୍ୟାଳୟରେ ପହଂଚି ତଦାରଖ କରି ଫେରିଥିବା ନେଇ ପାତ୍ରପୁର ଗୋଷ୍ଠୀ ଶିକ୍ଷା ଅଧିକାରୀ ସ୍ୱରୂପ ରଞ୍ଜନ ମହାନ୍ତି ସୂଚନା ଦେଇଛନ୍ତି । ଜିଲ୍ଲା ଶିକ୍ଷା ଅଧିକାରୀଙ୍କ ଗସ୍ତ ସମୟରେ ଅନ୍ୟ ମାନଙ୍କ ମଧ୍ୟରୁ ବ୍ରହ୍ମପୁର ଶିକ୍ଷା ଟିମ୍, ଭୀମପୁର ବିଦ୍ୟାଳୟ ପ୍ରଧାନ ଶିକ୍ଷକ ସନ୍ତୋଷ ନାୟକ, ସାମନ୍ତିଆପଲ୍ଲୀ ସମିତି ସଭ୍ୟ ସନ୍ତୋଷ ସାହୁ ଉପସ୍ଥିତ ଥିଲେ ।

ଜନସ୍ୱାର୍ଥ ସମ୍ବଳିତ ଗୁରୁତ୍ୱପୂର୍ଣ୍ଣ ସୂଚନା

ଯାଜପୁର, ୧୯/୦୪ (ଆ.ପ୍ର) : ଏତଦ୍ୱାରା ନୂତନ ରାସନ୍ କାର୍ଡ ପାଇଁ ଆବେଦନ କରିଥିବା ବ୍ୟକ୍ତିଙ୍କ ସୂଚନା ନିମନ୍ତେ ଜଣାଇ ଦିଆଯାଉଛି ଯେ, କ୍ଷେତ୍ର ତର୍ଜମା ପରେ, ଯୋଗ୍ୟ ବ୍ୟକ୍ତିଙ୍କ ପାଇଁ ବର୍ତ୍ତମାନ ନୂତନ ରାସନ୍ କାର୍ଡ ପ୍ରସ୍ତୁତ କରାଯାଉଛି । ନୂତନ ରାସନ୍ କାର୍ଡ ପ୍ରସ୍ତୁତ କରିବା ସମୟରେ, ପରିବାରର ସମସ୍ତ ସଦସ୍ୟଙ୍କ ଇ- କେୱାଇସି ଯାଂଚ ନିହାତି ଜରୁରୀ ଅଟେ । ଏଣୁ ସମସ୍ତ ଆବେଦନକାରୀଙ୍କୁ ଅନୁରୋଧ, ନିଜ ନିଜ ବ୍ଲକ୍ ବା ପୌରାଂଚଳରେ ଥିବା ଯୋଗାଣ ନିରୀକ୍ଷକଙ୍କ ସଙ୍ଗେ ଯୋଗାଯୋଗ କରି ନିଜ ଇ- କେୱାଇସି ଯାଂଚ କରି ନିଅନ୍ତୁ । ଏହା ଜିଲ୍ଲା ପ୍ରଶାସନ ତଥା ଜିଲ୍ଲା ଯୋଗାଣ ବିଭାଗ ପକ୍ଷରୁ ସୂଚନା ପ୍ରଦାନ କରାଯାଇଛି ।

କଳାହାଣ୍ଡି ଚେସ ଏକାଡେମୀ ତରଫରୁ ଜିଲ୍ଲାସ୍ତରୀୟ ଚେସ୍ ପ୍ରତିଯୋଗିତା ଶୁଭାରମ୍ଭ

ଭବାନୀପାଟଣା,୧୯/୦୪ (ଆ.ପ୍ର) : ଭବାନୀପାଟଣା ସହରର ତାରିଣୀ ମନ୍ଦିର ରୋଡସ୍ଥିତ ସ୍ୱାମୀ ବିବେକାନନ୍ଦ ପବ୍ଲିକ ସ୍କୁଲ ଠାରେ କଳାହାଣ୍ଡି ଜିଲ୍ଲାସ୍ତରୀୟ ଚେସ ପ୍ରତିଯୋଗିତା କଳାହାଣ୍ଡି ଚେସ ଏକାଡେମୀ ତରଫରୁ ଉଦଘାଟିତ ହୋଇଯାଇଛି । ଚଳିତ ଏପ୍ରିଲ ୧୮ ଓ ୧୯ ଦୁଇ ଦିନ ଧରି ଅନୁଷ୍ଠିତ ହେବାକୁ ଥିବା ଜିଲ୍ଲାସ୍ତରୀୟ ଚେସ ପ୍ରତିଯୋଗିତାରେ ଶତାଧିକ ଛାତ୍ରଛାତ୍ରୀ ଅଂଶ ଗ୍ରହଣ କରିଛନ୍ତି ଏବଂ ଏହି ପ୍ରତିଯୋଗିତା ରେ ସଫଳ ହୋଇଥିବ କୃତୀ ଛାତ୍ରଛାତ୍ରୀଙ୍କୁ ଆସନ୍ତା ଏପ୍ରିଲ ୩୦ ରେ ପୁରସ୍କୃତ କରାଯିବ ବୋଲି ଏକାଡେମୀର ପ୍ରତିଷ୍ଠାତା ତଥା ଅଧକ୍ଷ ଡ଼ ଶିବରାମ ନାୟକ ସୂଚନା ଦେଇଛନ୍ତି । କେନେରା ବ୍ୟାଙ୍କ ଏସ୍ଆଇ ବ୍ରାଂଚ ମ୍ୟାନେଜର ସୁମିତ ନାଗ, ସିନିଅର ନେସନାଲ ଅରବିଟର ରବୀନ୍ଦ୍ର ସାହୁ, କିସ କଳାହାଣ୍ଡି ମୁଖ୍ୟ ଦୁଷ୍ମନ୍ତ ପ୍ରଧାନ, ଶିକ୍ଷାବିତ୍ ଅରୁଣ ପାଣିଗ୍ରାହୀ, କଳାହାଣ୍ଡି ଚେସ ସଂଘ ସଭାପତି ହେମନ୍ତ ପାଣିଗ୍ରାହୀ ସମ୍ମାନିତ ଅତିଥି ରୂପେ ଉପସ୍ଥିତ ରହି ଚେସ ଛାତ୍ରଛାତ୍ରୀ ମାନଙ୍କ ଏକାଗ୍ରତା, ନିଷ୍ପତି ନେବା ଶକ୍ତି ବିକଶିତ ହେବା ସହ ଚେସ ଖେଳ ହେଉଛି ମସ୍ତିଷ୍କର ବ୍ୟାୟାମଶାଳ ବୋଲି ସମସ୍ତ ଅତିଥି ଗଣ ଉପସ୍ଥିତ ଛାତ୍ରଛାତ୍ରୀ ମାନଙ୍କୁ ଉଦବୋଧନ ଦେଇଥିଲେ । ଚେସ ଏକାଡେମୀର ଅଧକ୍ଷ ଡ଼. ନାୟକ ସଭା ପରିଚାଳନା କରିଥିଲେ । ଏକାଡେମୀର ବହୁ ବରିଷ୍ଠ ସଦସ୍ୟ ଉପସ୍ଥିତ ରହି ସହଯୋଗ କରିଥିଲେ ।

ଖରା ଦିନରେ କୋଉଠି ପାଣି ମିଳୁନି ତ କୋଉଠି ପାଣି ଭାସୁଛି

ଦଶପଲ୍ଲା, ୧୯/୦୪ (ଆ.ପ୍ର) : ଗତ ମାର୍ଚ୍ଚରୁ ଗ୍ରୀଷ୍ମର ପ୍ରଭାବ ବିସ୍ତାର କରି ସବୁ କିଛି ଜାଳି ଦେବା ଭଳି ମନେ ହେଉଛି । ବଡ଼ କଥା ହେଲା, କୂଅ ପୋଖରୀରୁ ଜଳସ୍ତର କମିବା ଯୋଗୁଁ ପାନୀୟଜଳର ସମସ୍ୟା ଦେଖା ଦେଲାଣି । ନଳକୂପରୁ ପାଣି ଆଣିବା ପାଇଁ ଯେଉଁଠି ହ୍ୟାଣ୍ଡଲକୁ ୫ ଥର ମାରିବାକୁ ପଡୁଥିଲା, ଏବେ ୨୫ ଥର ମାରିବାକୁ ପଡୁଛି । ବିଭିନ୍ନ ଗ୍ରାମରେ ଥିବା ପାଇପ୍ ଜଳ ଯୋଗାଣକୁ ସଙ୍କୁଚିତ କରି ଦିଆ ଗଲାଣି । ଦଶପଲ୍ଲା ସହରର ଅବସ୍ଥା ନ କହିବା ଭଲ । ତେଣେ କୁଆଁରିଆ ଜଳ ଭଣ୍ଡାରର ଅବସ୍ଥା ଦେଖିଲେ, ତାହା ଖରା ଦିନେ କେତେଦୂର ସହାୟ ହେବ, ସେଥିନେଇ ଆଶଙ୍କା ଉପୁଜିଲାଣି । ମାତ୍ର ବିଭାଗୀୟ ଦାୟିତ୍ୱ ଅବହେଳା ଯୋଗୁଁ ଗୋଟିଏ ପଟେ ପାନୀୟଜଳର ସମସ୍ୟା ଉତ୍କଟ ରୂପ ନେବା ବେଳେ ଅନ୍ୟ ପଟେ ଜଳ ଭାସୁଥିବା ଦେଖିବାକୁ ମିଳୁଛି । କୁଆଁରିଆ ବନ୍ଧ ନିକଟରେ ପିଇବା ପାଣି ପାଇଁ ବସିଥିବା ଟ୍ୟାଙ୍କର ପାଖରେ ପାଣି ନଷ୍ଟ ହେବାରେ ଲାଗିଛି । ତାର କିଛି ପ୍ରତିକାର କରାଯାଉ ନ ଥିବାରୁ ପାଣି ଅହରହ ବାହାରି ଚାଲିଛି । ସାଧାରଣରେ ଏ ନେଇ ଚର୍ଚ୍ଚା ତୀବ୍ରୀଭୂତ ହେବାରେ ଲାଗିଛି ।

ଲାଞ୍ଜି ଗ୍ରାମର ଆଦର୍ଶ ଶିକ୍ଷକଙ୍କ ୭୪ ବର୍ଷରେ ପରଲୋକ

ନୂଆପଡ଼ା,୧୯/୦୪ (ଆ.ପ୍ର) : ନୂଆପଡ଼ା ଜିଲ୍ଲା ଖଡିଆଳ ବ୍ଲକ ଲାଞ୍ଜି ଗ୍ରାମର ଆଦର୍ଶ ଶିକ୍ଷକ, କ୍ରୀଡାବିତ, ତଥା କ୍ଷେତ୍ରୀୟ ସମାଜ ସଂସ୍କାରକ ସବ୍ୟାସାଚୀ ସିଂ ଦଣ୍ଡସେନାଙ୍କ ଆଜି ୭୪ ବର୍ଷ ବୟସରେ ପରଲୋକ ହୋଇଯାଇଅଛି । ସେ ସ୍ୱାସ୍ଥ୍ୟଗତ ସମସ୍ୟା ନେଇ ଖଡିଆଳ ଉପଖଣ୍ଡ ସ୍ୱାସ୍ଥ୍ୟକେନ୍ଦ୍ରରେ ଚିକିତ୍ସିତ ହେଉଥିବା ବେଳେ ହୃଦଘାତ ରେ ପରଲୋକ ହୋଇଅଛି । ସବ୍ୟାସାଚୀ ସିଂ ଦଣ୍ଡସେନା ୧୯୫୦ ମସିହାରେ ଜନ୍ମ ଗ୍ରହଣ କରିଥିବା ବେଳେ ଲାଞ୍ଜି ପ୍ରାଥମିକ ସ୍କୁଲରେ ଶିକ୍ଷକତା ଆରମ୍ଭ କରିଥିଲେ । ଉପାନ୍ତ ଅଂଚଳରେ ଶିକ୍ଷା ଜ୍ୟୋତି ପ୍ରକାଶ କରିଥିବା ବେଳେ ରାଜ୍ୟପାଳ ପୁରସ୍କାର ପ୍ରାପ୍ତ ଶିକ୍ଷକ ଥିଲେ । ତାଙ୍କ ଦୁଇ ଝିଅ ଏବଂ ଗୋଟିଏ ପୁଅ ଅଛନ୍ତି । ଖଡିଆଳ ପାଟଣା କ୍ଷେତ୍ରୀୟ ସମାଜର କୁଳପତି ଦାୟିତ୍ୱ ନିର୍ବାହ କରି ସମାଜ ସଂସ୍କାର ରେ ଉଲ୍ଲେଖନୀୟ ଅବଦାନ ରହିଅଛି । ମୃତ୍ୟୁ ବେଳକୁ ତାଙ୍କ ପରିବାର ପୁତ୍ରରା ଲାଲୁ ଦଣ୍ଡସେନା, ମହେଶ ଦଣ୍ଡସେନା, ତାଙ୍କ ଝିଅ, ଯୋଇଁ, ସମ୍ପର୍କୀୟ ମାନେ ଉପସ୍ଥିତ ଥିଲେ । ତାଙ୍କ ବିୟୋଗରେ ବିଭିନ୍ନ ମହଲରୁ ଗଭୀର ଶ୍ରଦ୍ଧାଞ୍ଜଳୀ ଜଣାଉଛନ୍ତି ।

ଯାଜପୁର ଟାଉନ ପୋଲିସଙ୍କୁ ବଡ଼ ସଫଳତା

ଯାଜପୁର,୧୯/୦୪ (ଆ.ପ୍ର) : ଯାଜପୁର ଟାଉନ୍ ପୋଲିସଙ୍କୁ ମିଳିଛି ଏକ ବଡ ସଫଳତା । ଅଭିଯୋଗକାରୀ କୁମୁଦିନୀ ବାରିକ,ସ୍ୱାମୀ- ଦୁର୍ଯ୍ୟୋଧନ ବାରିକ, ଗ୍ରାମ - ବିଦ୍ୟାଧରପୁର, (ଚଇନପୁର), ଥାନା- ଯାଜପୁର । ଏତଲା ମାଧ୍ୟମରେ ଏକ ଅଭିଯୋଗ ଦେଇଥିଲେ, ତାଙ୍କର ନାବାଳକ (ଆକାଶ ବାରିକ) ୭ ବର୍ଷ ଛୁଆ କୁ ଘର ପାଖରୁ ଅଭିଯୁକ୍ତ ସୁବାସ ପ୍ରଧାନ (୩୮) , ବାପା - ମନ୍ମୁ ପ୍ରଧାନ, ଗ୍ରାମ - ବିଦ୍ୟାଧରପୁର, ଯାଜପୁର, ଅପହରଣ କରିନେଇଛି । ଯେହେତୁ ଏହାଏକ ଗୁରୁତ୍ୱପୂର୍ଣ୍ଣ ଘଟଣା ହୋଇଥିବା ରୁ ଯାଜପୁର ପୋଲିସ ଗମ୍ଭୀରତା ସହିତ ଏହି କେସ୍ ଟିକୁ ଗ୍ରହଣ କରାଯାଇ କେସ୍ ନମ୍ବର -୧୮୫/୨୫, ସେକ୍ସନ - ୟୁ/ଏସ୍-୧୩୭(୨) ବିଏନଏସ୍ ଆକ୍ଟରେ ପଞ୍ଜିକୃତ କରିଥିବା ସହିତ ତୁରନ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଥିଲା । ଅଭିଯୋଗକାରୀ କୁମୁଦିନୀ ବାରିକ ଫୋନ୍ ମାଧ୍ୟମରେ ଅଭିଯୁକ୍ତ ସୁବାସ ପ୍ରଧାନଙ୍କ ସହିତ କଥାବାର୍ତ୍ତା ହେବାରୁ ଅଭିଯୁକ୍ତ ସୁବାସ ପ୍ରଧାନ କହିଥିଲେ, ତୋ ପୁଅକୁ ମାରି ବୈତରଣୀ ନଦୀରେ ଫିଙ୍ଗି ଦେଇଛି । ଯାଜପୁର ପୋଲିସ ପକ୍ଷରୁ ସଫଳତାର ସହିତ ଏହି କେସ୍ ଟିକୁ ଗ୍ରହଣ କରାଯିବା ସହିତ ଅଭିଯୁକ୍ତ ସୁବାସ ପ୍ରଧାନଙ୍କୁ ଗିରଫ କରାଯିବା ସହିତ ନାବାଳକ ଛୁଆ ଆକାଶ ବାରିକ ଉଦ୍ଧାର କରାଯାଇଛି । ଅଭିଯୁକ୍ତ ଜଣଙ୍କୁ କେସ୍ ନମ୍ବର - ୧୩୭(୨),୨୯୬/୩୫୧(୨) ବିଏନଏସ୍ ଆକ୍ଟରେ କୋର୍ଟ ଚାଲାଣ କରାଯାଇଥିବା ବେଳେ ଛୁଆଟିକୁ ଡ଼ାକ୍ତରୀ ଚିକିତ୍ସା ପରେ ମାଁ କୋଳକୁ ଫେରାଇ ଦିଆଯାଇଥିଲା । ଏହା ଏକ ଯାଜପୁର ଟାଉନ୍ ପୋଲିସ ପାଇଁ ଚାଲେଞ୍ଜ ଥିଲା । କେସ୍‌ର ତଦନ୍ତ କାରି ପୋଲିସ ଅଧିକାରୀ ସୁବାସ ମୁଦୁଲି ଥିଲେ ।

କନକଗିରି ପୀଠରେ ଓଡ଼ିଆ ନବବର୍ଷର ବନ୍ଧୁ ମିଳନ

ଟାଙ୍ଗୀ ଚୌଦ୍ୱାର, ୧୯/୦୪ (ଆ.ପ୍ର) : କନକ ଗିରି ୱେଲ ଫେୟରର ସୋସାଇଟି ଓ ସତ୍ୟ ସନାତନ ଭାଗବତ ପ୍ରଚାର ସମିତି ମିଳିତ ଆନୁକୂଲ୍ୟରେ ଟାଙ୍ଗୀ ଭଗତପୁର ସ୍ଥିତ କନକ ଗିରି ପାହାଡରେ ମା କନକଦୁର୍ଗା ମନ୍ଦିର ପ୍ରାଙ୍ଗଣରେ ଭାଗବତ ପୁରାଣ ପାଠ, ହନୁମାନ ଚାଳିଶା ପାଠ କରାଯାଇଥିଲା ଏହି କାର୍ଯ୍ୟକ୍ରମ ରେ ସତ୍ୟ ସନାତନ ଭାଗବତ ପ୍ରଚାର ସମିତିର ସାଧାରଣ ସଂପାଦକ ବିଚିତ୍ରାକ୍ଷ ନାୟକଙ୍କ ସଭାପତିତ୍ୱରେ କନକଗିରି ମଠାଧିସ ସ୍ୱାମୀ ଅରବିନ୍ଦ ସରସ୍ୱତୀ ଉତ୍କଳଟଙ୍କ ଅକ୍ଷୟ ନାୟକ ମୁଖ୍ୟ ଅତିଥି ଉତ୍କଳ ପ୍ରତିଭା ସିଦ୍ଧେଶ୍ୱର ନାୟକ ମୁଖ୍ୟ ବକ୍ତା ରୂପେ ଯୋଗଦାନ କରିଥିଲେ ଭାଗୀରଥି ବିଶ୍ୱାଳ, ରଂଜନ ବିଶ୍ୱାଳ, ନାବନ ସାହୁ, କୈଳାସ ସାହୁ, ବାବାଜି ଦୀନବନ୍ଧୁ ବେହେରା, ସବିତା ଚୌଧୁରୀ, ପ୍ରଭାସ ଚୌଧୁରୀ, ଉପ ସଭାପତି ମଦନ ପଲେଇ, ବିରବର ଦାସ, ବିପିନ ରାଉତ, ଆଇନି ଜିବି ଭାରତୀ ନାୟକ, ନିରଞ୍ଜନ ସାହୁ ଏହି ଆଧ୍ୟାତ୍ମିକ କାର୍ଯ୍ୟକ୍ରମରେ ଉପସ୍ଥିତ ରହିଥିଲେ ସମସ୍ତ ଭାଗବତ ପ୍ରେମି ମାନଙ୍କୁ ଅନୁଷ୍ଠାନ ପକ୍ଷରୁ ଭାଗବତ ପ୍ରଜ୍ଞା ସମ୍ମାନ ୨୦୨୫ରେ ସମ୍ମାନିତ କରାଯାଇଥିଲା । ପରିଶେଷରେ କନକଗିରି ୱେଲ ଫେୟରର ସୋସାଇଟିର ସଭାପତି ମାନସ କୁମାର ସାହୁ ଧନ୍ୟବାଦ ଅର୍ପଣ କରିବା ସହ ଶତାଧିକ ଭକ୍ତ ମାନଙ୍କୁ ପ୍ରସାଦ ସେବନ କରାଇଥିଲେ ।

ଗୋ ଚାଲାଣ ବେଳେ ଗୋରୁ ଗାଡ଼ି ଜବତ

ରଣିଆ, ୧୯/୦୪ (ଆ.ପ୍ର) : ରଣିଆ ବନବିଭାଗ ଏବଂ ଦଶପଲ୍ଲା ବନବିଭାଗ ମିଳିତ ଉଦ୍ୟମରେ ଏକ ଗୋରୁ ବୋଝେଇ ପିକଅପ୍ ଜବତ ହୋଇଥିବା ବେଳେ ଡ୍ରାଇଭର ଫେରାର ହୋଇଯାଇଥିବା ଜଣାପଡିଛି । ଘଟଣାରୁ ଜଣାପଡିଛି ଯେ ଗତକାଲି ବିଳମ୍ବିତ ରାତ୍ରୀରେ ଏକ କାଠ ଟ୍ରକ ଯିବା ଖବର ପାଇ ରେଞ୍ଜର ସୁମନ ମାଝିଙ୍କ ନିର୍ଦ୍ଦେଶରେ ଉଭୟ ଦଶପଲ୍ଲା ଏବଂ ରଣିଆ ବନବିଭାଗ ପାଟ୍ରୋଲିଙ୍ଗ କରୁଥିବା ବେଳେ ଦଶପଲ୍ଲା ଦିଗଭୁଇଁ ଠାରୁ ପାଲ ବନ୍ଧା ହୋଇଏକ ଗୋରୁ ବୋଝେଇ ପିକଅପ୍ ଆସୁଥିବା ବେଳେ ବନବିଭାଗ କର୍ମଚାରୀ ତାକୁ ପିଛା କରିଥିଲେ । ରଣିଆ ଫରେଷ୍ଟର ମନୋଜ ପ୍ରଭାକର ସାହୁ ଏବଂ ଅନ୍ୟ ବନ ବିଭାଗୀୟ ଅଧିକାରୀ ତାକୁ ପିଛା କରୁଥିବା ଦେଖି ଗାଡିଟିକୁ ପ୍ରଥମେ ରଣିଆ ହାଟ ପଡ଼ିଆ ଓ ପରେ ଓ୍ୱାଲିପୁର ବାଲିଘାଟ ପର୍ଯ୍ୟନ୍ତ ନେଇ ଚାଲି ଯାଇଥିଲା ଡ୍ରାଇଭର ଜଣକ । ତେବେ ସେଠାରେ ଗାଡିଟି ପଙ୍କଚର ହୋଇଯିବାରୁ ଉପାୟଶୂନ୍ୟ ହୋଇ ଗାଡି ଛାଡି ଡ୍ରାଇଭର ଫେରାର ହୋଇଯାଇଥିଲେ । ବନବିଭାଗ କର୍ମଚାରୀ ସେଠାରେ ପହଂଚି ପାଲ ଖୋଲି ଦେଖିଲା ବେଳକୁ ଗାଡି ଭିତରେ ମୁହଁ ବନ୍ଧା ହୋଇ ୧୩ଟି ଗୋରୁ ଥିଲେ । ସଙ୍ଗେ ସଙ୍ଗେ ସେ ରଣିଆ ଥାନାକୁ ଖବର ଦେଇଥିଲେ । ରଣିଆ ଥାନା ଅଧିକାରୀ ଲକ୍ଷ୍ମଣ ଦଣ୍ଡସେନା ଏବଂ ପୋଲିସ ଘଟଣାସ୍ଥଳରେ ପହଂଚି ପ୍ରଥମେ ଗୋରୁ ଗୁଡ଼ିକୁ ଉଦ୍ଧାର କରି ଗୋଶାଳାରେ ନେଇ ଛାଡ଼ିବା ସହିତ ଗାଡିଟିକୁ ଜବତ କରି ରଣିଆ ଥାନାକୁ ଆଣିଥିବା ଜଣାପଡିଛି । ତେବେ ଅଧିକ ତଦନ୍ତ ପରେ ଗାଡି ମାଲିକ ସହିତ ଘଟଣାରେ ସଂପୃକ୍ତ ବ୍ୟକ୍ତିମାନଙ୍କ ବିଷୟରେ ଜଣାପଡିବ ବୋଲି ଥାନା ଅଧିକାରୀ ପ୍ରକାଶ କରିଛନ୍ତି ।

କର୍ଲାକୋଟ ସରସ୍ୱତି ଶିଶୁମନ୍ଦିରରେ ଦ୍ୱାଦଶ ତମ ବାର୍ଷିକ ଉତ୍ସବ ଅନୁଷ୍ଠିତ

ନୂଆପଡା,୧୯/୦୪ (ଆ.ପ୍ର) : ନୂଆପଡା ଜିଲ୍ଲା ବୋଡ଼େନ ବ୍ଲକ କର୍ଲାକୋଟ ସରସ୍ୱତୀ ଶିଶୁମନ୍ଦିରରେ ଦ୍ୱାଦସ ତମ ବାର୍ଷିକ ଉତ୍ସବ ଶିଶୁମନ୍ଦିରର ସଭାପତି ଭରତ କୁମାରଙ୍କ ଅଧକ୍ଷତାରେ ଅନୁଷ୍ଠିତ ହୋଇଯାଇଛି, ଏହି କାର୍ଯ୍ୟକ୍ରମ ମୁଖ୍ୟ ଅତିଥିଭାବେ ସ୍ଥାନୀୟ ସରପଂଚ ମଙ୍ଗଳ ସିଂ ଦଳ, ମୁଖ୍ୟ ବକ୍ତା ଭାବରେ ବୋଡ଼େନ ବିଜୁପଟନାୟକ ଉଚ୍ଚ ମଧମିକ ବିଦ୍ୟାଳୟର ଇତିହାସ ଅଧ୍ୟାପକ ଗୟାଧର ମହାନ୍ତି, ସମ୍ମାନିତ ଅତିଥିଭାବେ ସମଲେଶ୍ୱରୀ ଉଚ୍ଚବିଦ୍ୟାଳୟ କର୍ଲାକୋଟର ପ୍ରଧାନ ଶିକ୍ଷକ ଦ୍ୱାରିକା ପାଣିଗ୍ରାହୀ, ଶିଶୁମନ୍ଦିର ପ୍ରତିଷ୍ଠାତା ତୁଳସୀ ସୁନାନୀ, ପ୍ରଧାନ ଆଚାର୍ଯ୍ୟା ଦୁର୍ବାରଞ୍ଜନ ହଂସ, ତ୍ରିମନ ମାଝୀ ସତ୍ୟନାରାୟଣ ବେହେରା, ଶିଶୁମନ୍ଦିର ସମ୍ପାଦକ ଅନିଲ କୁମାର ଦୁବେ, ଉପସଭାପତି ଲଚ୍ଛମନ ମାଝୀ ପ୍ରମୁଖ ମଂଚାସିନ ଥିବାବେଳେ ବାର୍ଷିକ ଉତ୍ସବ ମାଧ୍ୟମରେ ଛାତ୍ରଛାତ୍ରୀ ମାନଙ୍କ ଅନ୍ତର୍ନିହିତ ଲୁକାୟିତ କଳାକୁ ଆଗକୁ ନିଆଯାଇଥାଏ ବୋଲି ମଂଚାସିନ ଅତିଥି ମାନେ ମତ ପ୍ରକାଶ ରଖିଥିଲେ, ଓ ପ୍ରଧାନ ଆଚାର୍ଯ୍ୟ ଦୁର୍ବାରଞ୍ଜନ ହଂସ ବାର୍ଷିକ ବିବରଣୀ ପଠନ କରିଥିଲେ । ପୂର୍ବତନ ସମ୍ପାଦକ ତ୍ରିମାନ ମାଝୀ ଧନ୍ୟବାଦ ଅର୍ପଣ କରିଥିଲେ । କର୍ଲାକୋଟ ଶିଶୁମନ୍ଦିର ପୂର୍ବତନ ପ୍ରଧାନ ଆଚାର୍ଯ୍ୟ ଶୁଭ୍ରାନ୍ତ ଅଗସ୍ତି ମଂଚପରିଚାଳନା କରିଥିବାବେଳେ ଶିଶୁମନ୍ଦିରର ବରିଷ୍ଠ ଆଚାର୍ଯ୍ୟା କସ୍ତୁରୀ ମାଝୀ,ମିନା ବେହେରା, କୈକେଇ ବେହେରା, ସ୍ନେହା ସୁନାନୀ, ମାଧୁରୀ ଦୁରିଆ, ସେବିକା ପଦ୍ମାବତୀ ଦୁରିଆ, ଶିଶୁମନ୍ଦିରର ସଦସ୍ୟ ସଦସ୍ୟା ଅଭିଭାବକ ଓ କର୍ଲାକୋଟ ଅଂଚଳବାସି ପୂର୍ଣ୍ଣମାତ୍ରାରେ ଉପସ୍ଥିତ ରହି ସହଯୋଗ କରିଥିଲେ ।

ପୁରୀ ସଂସ୍କୃତ ଭବନ ଠାରେ ଓଡିଶା ରାଜ୍ୟର ଟୁଇଟର କର୍ମୀଙ୍କୁ ସମ୍ବର୍ଦ୍ଧନା

ଖୋର୍ଦ୍ଧା, ୧୯/୦୪ (ଆ.ପ୍ର) : ଖୋର୍ଦ୍ଧା ଓ ଢେଙ୍କାନାଳ ଜିଲ୍ଲା ଆସୋସିଏସନ୍ ଅଫ ଟୁଇଟର ଆକ୍ଟିଭିଷ୍ଟ କର୍ମକର୍ତ୍ତା ମାନେ ପୁରୀ ଜିଲ୍ଲାର ଆସୋସିଏସନ ଅଫ ଟୁଇଟର ଆକ୍ଟିଭିଷ୍ଟ (ATA)ର ରାଜ୍ୟ ସ୍ତରୀୟ ଚତୁର୍ଥ ବାର୍ଷିକ ଉତ୍ସବ କାର୍ଯ୍ୟକ୍ରମରେ ଯୋଗଦେବା ସହିତ ପୁରୀ ସଂସ୍କୃତି ଭବନଠାରେ ବାର୍ଷିକ ଉତ୍ସବ ପାଳନ ଅବସରରେ ରାଜ୍ୟର ୩୦ଟି ଜିଲ୍ଲାର ସାମାଜିକ କର୍ମୀ ମାନଙ୍କୁ ନେଇ ଏକ ଦିନିକିଆ କର୍ମଶାଳାର ଆୟୋଜନ ହୋଇଥିଲା । ଓଡ଼ିଶା ରାଜ୍ୟର ବିଭିନ୍ନ ଜିଲ୍ଲାର ବିଭିନ୍ନ ସମୟରେ ଟୁଇଟର ମାଧ୍ୟମରେ ଲୋକଙ୍କ ସମସ୍ୟା ସମାଧାନ କରିଥିବା ଟୁଇଟର ଆକ୍ଟିଭିଷ୍ଟ କର୍ମକର୍ତ୍ତା ମାନେ ଖୋର୍ଦ୍ଧା ଓ ଢେଙ୍କାନାଳ ଜିଲ୍ଲା ଗୁଡିକର ସଂଯୋଜକ ହେଲେ ଖୋର୍ଦ୍ଧା ଜିଲ୍ଲାର ନିମାଇଁ ଚରଣ ମହାରଣା ଓ ଖୋର୍ଦ୍ଧା ପୌରପରିଷଦ ସଂଯୋଜକ ଏମଡି କୁତୁବ୍ ଉଦ୍ଦିନ୍ ଖାନ୍, ଏବଂ ଢେଙ୍କାନାଳ ଜିଲ୍ଲାର ସଂଯୋଜକ ବିନୟ କୁମାର ନାଏକ, ବ୍ଲକ ସଂଯୋଜକ ଲକ୍ଷ୍ମୀଧର ନାଏକ ହିନ୍ଦୋଳ, ସତ୍ୟବ୍ରତ ନାଏକ ଓଡ଼ାପଡ଼ା, ଆଲୋକ ମହାଭୋଇ ଗନ୍ଦିଆ, ପ୍ରତ୍ୟୁଷ ହରିଚନ୍ଦନ ଢେଙ୍କାନାଳ, ସତ୍ୟଜିତ୍ ବିଶ୍ୱାଳ ପରଜଙ୍ଗ, ସଂଜିତ ଦାସ କାମାକ୍ଷା ନଗର, ଅନିଲ ନାଏକ ହିନ୍ଦୋଳ, ସକେ ସିଦାଲାଲା ଗନ୍ଦିଆ, ପର୍ଶୁରାମ ମହାଭୋଇ କାମାକ୍ଷା ନଗର ଓ ପରଜଙ୍ଗ ଓ ଲିପୁନ ଦାସ ସଦର ବ୍ଲକ । ଏହି ସବୁ ଟୁଇଟର ଆକ୍ଟିଭିଷ୍ଟ କର୍ମକର୍ତ୍ତା ମାନେ, ପୁରୀ ଜିଲ୍ଲାର ସଂସ୍କୃତ ଭବନ ଠାରେ ଆସୋସିଏସନ ଅଫ ଟୁଇଟର ଆକ୍ଟିଭିଷ୍ଟ (ATA)ର ରାଜ୍ୟ ସ୍ତରୀୟ ଚତୁର୍ଥ ବାର୍ଷିକ ଉତ୍ସବ ପାଳନ ଅବସରରେ ସବୁ ଟୁଇଟର ଆକ୍ଟିଭିଷ୍ଟ ସାମାଜିକ କର୍ମୀ ଗଣ ଯୋଗଦେବା ସହିତ ମୁଖ୍ୟ ଅତିଥି ଓ ଅନୁଷ୍ଠାନର ସଦସ୍ୟଙ୍କ ଦ୍ୱାରା ସମ୍ବର୍ଦ୍ଧିତ ହୋଇଥିଲେ ଏବଂ ସେବା କାର୍ଯ୍ୟ ଏମିତି ଆଗକୁ ଜାରି ରହିବ ବୋଲି ଗଣମାଧ୍ୟମରେ ପ୍ରକାଶ କରିଥିଲେ ।

ବରଙ୍ଗ ଉଚ୍ଚ ବିଦ୍ୟାଳୟରେ ପ୍ରଥମ ପରିଚାଳନା ଓ ଉନ୍ନୟନ କମିଟି ବୈଠକ ଅନୁଷ୍ଠିତ

ପାତ୍ରପୁର, ୧୯/୦୪ (ଆ.ପ୍ର) : ରାଜ୍ୟ ସରକାରଙ୍କ ସମଗ୍ର ଶିକ୍ଷା ଅଭିଯାନ ତରଫରୁ ଆଜି ସାରା ରାଜ୍ୟରେ ଥିବା ସମସ୍ତ ଉଚ୍ଚ ବିଦ୍ୟାଳୟ ମାନଙ୍କରେ ଅଭିଭାବକ ପରିଚାଳନା, ବିଦ୍ୟାଳୟ ପରିଚାଳନା ଓ ଉନ୍ନୟନ କମିଟି ବୈଠକ ଆୟୋଜିତ କରିବା ପାଇଁ ଆଦେଶ ହୋଇଥିବା ବେଳେ ଶନିବାର ଦିନ ଗଞ୍ଜାମ ଜିଲ୍ଲା ପାତ୍ରପୁର ବ୍ଲକ ବରଙ୍ଗ ସରକାରୀ ଉନ୍ନୀତ ଉଚ୍ଚ ବିଦ୍ୟାଳୟ ସମ୍ମିଳନୀ କକ୍ଷରେ ବିଦ୍ୟାଳୟ ପରିଚାଳନା ଓ ଉନ୍ନୟନ କମିଟି ବୈଠକ ବିଦ୍ୟାଳୟ ଏସ୍ଏମ୍‌ସି ସଭାପତି ପ୍ରଦୀପ କୁମାର ମହାନ୍ତିଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି । ଉକ୍ତ ବୈଠକରେ ମୁଖ୍ୟ ଅତିଥି ଭାବେ ସ୍ଥାନୀୟ ସରପଂଚ ଭି ଦେବୀପ୍ରସାଦ ଯୋଗ ଦେଇଥିବା ବେଳେ ସମ୍ମାନିତ ଅତିଥି ଭାବେ ଅବସରପ୍ରାପ୍ତ ବରିଷ୍ଠ ଶିକ୍ଷକ ଶ୍ରୀଯୁକ୍ତ କାମେଶ୍ୱର ମହାପାତ୍ର, ଅଙ୍ଗନବାଡ଼ି ସୁପରଭାଇଜର ନମିତା ରାଣୀ ପାଢ଼ୀ, ବରଙ୍ଗ ଆୟୁଷ୍ମାନ ଆରୋଗ୍ୟ ମନ୍ଦିର ଡାକ୍ତରଖାନା ଅଧିକାରୀ ଡ଼ଃ ଅଜିତ କୁମାର ତ୍ରିପାଠୀ, ଉପସ୍ଥିତ ରହି ମଂଚାସୀନ ଥିଲେ । ଆୟୋଜିତ ଉକ୍ତ କାର୍ଯ୍ୟକ୍ରମରେ ବରଙ୍ଗ ସରକାରୀ ଉନ୍ନୀତ ଉଚ୍ଚ ବିଦ୍ୟାଳୟରେ ଦଶମ ଶ୍ରେଣୀ ପର୍ଯ୍ୟନ୍ତ ପାଠ୍ୟକ୍ରମ କରି ପଡୋଶୀ ରାଜ୍ୟ ଆନ୍ଧ୍ରପ୍ରଦେଶ ସାରିଆପଲ୍ଲୀ ଏପି ମଡେଲ ସ୍କୁଲ ଓ ଅନ୍ୟାନ୍ୟ ମହା ବିଦ୍ୟାଳୟ ମାନଙ୍କରେ ଦ୍ୱାଦଶ ପ୍ରଥମ ଓ ଦ୍ୱିତୀୟ ବର୍ଷ ସଫଳତା ହାସଲ କରିଥିବା ଓଡ଼ିଆ ଝିଅ ଅଲ୍ଲୁ ଚନ୍ଦନା, ଓ୍ୱସିଟି ମୌନିକା, ଦାଳି ଲୋକାଦ୍ଧା, ଗୁଲ୍ଲୁ ବେଣୁ ତତ୍ ସହିତ ଜାତୀୟ ସ୍ତରରେ ୩୯ ତମ ହେଣ୍ଡବଲ ଚମ୍ପିୟାନ ସିପରେ ଯୋଗ ଦେଇ ବ୍ରୋଞ୍ଜ ପଦକ ହାସଲ କରିଥିବା ଦଶମ ଶ୍ରେଣୀ ଛାତ୍ର ଏଲ୍ ଦୁର୍ଯୋଧନ ଓ ତାଙ୍କ ସହିତ ଆସିଥିବା ଅଭିଭାବକ ମାନଙ୍କୁ ବିଦ୍ୟାଳୟ ତରଫରୁ ଉପସ୍ଥିତ ଅତିଥି ମାନଙ୍କ ଦ୍ୱାରା ପୁଷ୍ପଗୁଚ୍ଛ ଓ ସିଲ୍ ପ୍ରଦାନ କରି ସମ୍ବର୍ଦ୍ଧନା କରାଯାଇଥିଲା । ସୀମାନ୍ତ ଅଂଚଳରେ ଛାତ୍ରଛାତ୍ରୀ ପଡୋଶୀ ରାଜ୍ୟ ଆନ୍ଧ୍ରପ୍ରଦେଶ ଓ ବେସରକାରୀ ଶିକ୍ଷାନୁଷ୍ଠାନ ମାନଙ୍କରେ ନାମ ଲେଖାଇ ଥିବା ଯୋଗୁଁ କମ୍ ଉପସ୍ଥାପନ ଦର୍ଶାଇ ବହୁ ସରକାରୀ ବିଦ୍ୟାଳୟ ବନ୍ଦ ହେବାକୁ ଗଲାଣି । ସେଥିପାଇଁ ସୀମାନ୍ତ ଅଂଚଳରେ ଥିବା ସମସ୍ତ ଅଭିଭାବକ ମାନେ ଆଗାମୀ ଦିନରେ ସରକାରୀ ବିଦ୍ୟାଳୟ ମାନଙ୍କରେ ତାଙ୍କ ପିଲାଙ୍କ ନାମ ଲେଖାନ୍ତୁ ଏଥି ସହିତ ସରକାରଙ୍କ ତରଫରୁ ମିଳୁଥିବା ସମସ୍ତ ପ୍ରକାରର ଆକର୍ଷଣୀୟ ଓ ଲୋଭନୀୟ ସୁବିଧା ସୁଯୋଗ ପାଆନ୍ତୁ ଯାହାକି ବର୍ତ୍ତମାନ ପଂଚସଖା ବିଦ୍ୟାଳୟ ଗୁଡିକରେ ଯେଉଁ ସୁବିଧା ସୁଯୋଗ ତଥା ବିଜ୍ଞାନ ଗାର, ଲାଇବ୍ରେରୀ, ସଂଗ୍ରାହଳୟ, ଆଧୁନିକ କମ୍ପ୍ୟୁଟର ଶିକ୍ଷା ରହିଅଛି ଯାହା ବଡ଼ ବଡ଼ ବେସରକାରୀ ଶିକ୍ଷାନୁଷ୍ଠାନ ମାନଙ୍କରେ ମିଳିବା ଦୁର୍ଲଭ ଅଟେ । ବର୍ତ୍ତମାନ ରାଜ୍ୟ ସରକାର ନୂତନ ଭାବେ ଶିଶୁ ବାଟିକା ଖୋଲିଥିବାରୁ ନିଜ ନିଜର ପିଲାମାନଙ୍କର ନାମ ନମୋଦ କରିବା ପାଇଁ ଉପସ୍ଥିତ ଅତିଥି ମାନେ ନିଜ ନିଜର ବକ୍ତବ୍ୟ ପ୍ରଦାନ କରିଥିଲେ । ଉକ୍ତ ବୈଠକରେ ବିଦ୍ୟାଳୟର ସମସ୍ତ ଶିକ୍ଷକ, ଶିକ୍ଷୟିତ୍ରୀ, ଛାତ୍ରଛାତ୍ରୀ, ଅଭିଭାବକ, ଅଙ୍ଗନବାଡ଼ି କର୍ମୀ, ଏସ୍ ଏମ୍ ସି କମିଟି ସଦସ୍ୟ ଓ ଗ୍ରାମବାସୀ ଉପସ୍ଥିତ ଥିଲେ । ବିଦ୍ୟାଳୟ ପ୍ରଧାନ ଶିକ୍ଷକ ପ୍ରଫୁଲ୍ଲ କୁମାର ପାଢ଼ୀ ମଂଚ ପରିଚାଳନା କରିଥିବା ବେଳେ ସମସ୍ତ ଶିକ୍ଷକ ଓ ଶିକ୍ଷୟିତ୍ରୀ କାର୍ଯ୍ୟ କ୍ରମ ର ସମସ୍ତ ଦିଗ ଉପରେ ଆଲୋକପାତ କରିଥିଲେ ମୁଖ୍ୟମନ୍ତ୍ରୀ ପୋଷଣ ଯୋଜନା, ନବମ ଓ ଦଶମ ଶ୍ରେଣୀର ଛାତ୍ରଛାତ୍ରୀ ଙ୍କ ପାଇଁ ଚଳିତ ଏପ୍ରିଲ ମାସରୁ ଆରମ୍ଭ ହୋଇ ଅଛି, ମାଗଣା ବହି ଉପଲବ୍ଧ,ଶିକ୍ଷା କ୍ୟାଲେଣ୍ଡର ୨୫/୨୬ ତଥ୍ୟ ଉପରେ ଆଲୋଚନା ହୋଇଥିଲା । ଶେଷରେ ଶିକ୍ଷକ କେ ରାମାରାଓ ରେଡି ଧନ୍ୟବାଦ ଅର୍ପଣ କରି ସଭା ସାଙ୍ଗ କରିଥିଲେ ।

ଆସୁ ନାହାଁନ୍ତି ଡିୟୁଟି, ତୁଲାଉ ନାହାଁନ୍ତି ଦାଇତ୍ୱ କୃଷି ଓଭରସିୟରଙ୍କ ମନ ମାନି କିଏ ଦେଉଛି ବାବୁଙ୍କୁ ସୁରକ୍ଷା ?

ଯାଜପୁର, ୧୯/୦୪ (ଆ.ପ୍ର) : ଯାଜପୁର ସରକାରୀ କର୍ମଚାରୀ ମାନେ ନିଜେ ନିଜର ଦାଇତ୍ୱ ଲିଭାଇବା ପାଇଁ ମାନ୍ୟବର ମୁଖ୍ୟମନ୍ତ୍ରୀ ସର୍ବଦା ଆହ୍ୱାନ ଦେଉଛନ୍ତି । ଦୁର୍ନୀତି ଗ୍ରସ୍ତ ରାଜନେତା ହୁଅନ୍ତୁ କିମ୍ବା ସରକାରୀ ଅଧିକାରୀ ଲୋକଙ୍କ ସରକାର ମୋହନ ସରକାରରେ କାହାରିକୁ ବି ଛଡା ଯିବନି ।ଏନେଇ ନିକଟରେ ସରକାର ତରଫରୁ ଦୁର୍ନୀତି ଗ୍ରସ୍ତ କୌଣସି ସରକାରୀ ଅଧିକାରୀ ବିରୁଦ୍ଧରେ କୋର୍ଟ ରେ ମାମଲା ରହିଥିଲେ ତୁରନ୍ତ ଚାକିରରୁ ବହିଷ୍କୃତ କରିବା ପାଇଁ ରାଜ୍ୟ ସରକାର ନିର୍ଦ୍ଦେଶ ଦେଇଥିଲେ । କିନ୍ତୁ ବଡ଼ ଦୁର୍ଭାଗ୍ୟର ବିଷୟ ଯେ, ଏସବୁ ନିର୍ଦ୍ଦେଶକୁ ହେ୍ୟଜ୍ଞାନ ଭାବିନେଇଛନ୍ତି ଉଚ୍ଚ ପଦସ୍ଥ ଅଧିକାରୀ ମାନେ । ଜିଲ୍ଲାରେ ମାଳ ମାଳ ଦୁର୍ନୀତି ଗ୍ରସ୍ତ ଅଧିକାରୀଙ୍କ ବିରୁଦ୍ଧରେ କୋର୍ଟରେ ମାମଲା ବିଚାରାଧୀନ ଥାଇ ବି ସେମାନଙ୍କୁ କେଉଁ ସ୍ୱାର୍ଥରେ ଚାକିର ବହିସ୍କୃତ ନକରି ରାଜ୍ୟ ରାଜକୋଷରୁ ଲକ୍ଷ ଲକ୍ଷ ଟଙ୍କା ଦରମା ଦିଆଯାଉଛି ଯାହାକୁ ନେଇ ଏବେ ସାଧାରଣରେ ମୁଖ୍ୟ ଆଲୋଚନାର ବିଷୟ ହୋଇଛି । ପ୍ରସଙ୍ଗ କ୍ରମେ ଯାଜପୁର ଜିଲ୍ଲାର କୃଷି ବିଭାଗର ଉଚ୍ଚ ପଦସ୍ଥ ଅଧିକାରୀ ମାନେ ଦୁର୍ନୀତିରେ ବୁଡି ରହିଛନ୍ତି । ସେମାନଙ୍କ ମଧ୍ୟରୁ ଧର୍ମଶାଳା ବ୍ଲକରେ କାର୍ଯ୍ୟରତ କୃଷି ଅଧି ଦର୍ଶକ ନିହାର ରଞ୍ଜନ ମହାନ୍ତି ହେଉଛନ୍ତି ଅନ୍ୟତମ । ନିହାରଙ୍କ କାର୍ଯ୍ୟଧାରା ଉପରେ ଅତିଷ୍ଠ ହେଲେଣି ଶତାଧିକ ଚାଷୀ । ବାବୁଙ୍କ କାରନାମା କଥା କହିଲେ ସରିବ ନାହିଁ । ସରକାରୀ ଅଧିକାରୀ ମାନଙ୍କ ପାଇଁ ଦିନ ୧୦ଟାରୁ ୫ଟା ଯାଏ ଡିୟୁଟି ସମୟ ଧାର୍ଯ୍ୟ ହୋଇଥିବା ବେଳେ ନିହାରଙ୍କୁ ସେସବୁ ଖାତିର ନାହିଁ ।ନିଜ ଇଚ୍ଛା ମୁତାବକ ଅଫିସ ଆସନ୍ତି ଆଉ ଯାଆନ୍ତି । ମାସରେ ପ୍ରାୟତଃ ୧୦ଦିନ ଡିୟୁଟି କରି ପୁରା ମାସର ଉପସ୍ଥିତି ହାଜାରା ପକାଇ ଦରମା ନିଅନ୍ତି ବାବୁ ନିହାର । ନିହାରଙ୍କ କାର୍ଯ୍ୟ ଶୈଳୀ କହିଲେ ଅଫିସ ଖୋଲିବା ସହ ଶେଷ ଯାଏ ରହି ବନ୍ଦ କରିବା, ହିତାଧିକାରୀଙ୍କୁ ସଠିକ ସେବା ପ୍ରଦାନ କରିବା, ଫିଲଡ଼ ଗସ୍ତ କରିବା, ଚାଷ ଜମିରେ ପହଁଚି ରୋଗ ପୋକ କୀଟନାଶକ କଥା ବୁଝିବା ଏବଂ କୃଷି ଯନ୍ତ୍ରପାତି ବଂଟନ ଆଦିରେ ସମ୍ପୂର୍ଣ୍ଣ ଦାଇତ୍ୱ ରହିଛି । କିନ୍ତୁ ଏସବୁକୁ ନିହାର ଠିକ ସେ ସମ୍ପାଦନା କରୁନଥିବାର ଅଭିଯୋଗ ହୋଇଛି । ଚାଷୀ ମାନେ ବର୍ଷ ବର୍ଷ ଧରି ଦୌଡୁଥିଲେ ବି ବାବୁଙ୍କର ଭେଟ ମିଳିବା କଷ୍ଟକର । ଖାଲି ସେତିକି ନୁହଁ ନିଜ ହାତରେ ହାଜୀରା ଖାତା ରୁହେ ବୋଲି ଏପରିକି ବାବୁ ଜଣଙ୍କ ଛୁଟି ନେଲେ ବି ଛୁଟି କାଉଂଟ ହୁଏନି ।ଉପସ୍ଥିତ ଅଧିକାରୀଙ୍କ ଛତ୍ର ଛାୟା ତଳେ ରହି ନିହାର ନିଜକୁ ସର୍ବେସର୍ବା ଭାବୁଥିବାର ଅଭିଯୋଗ ହୋଇଛି । ଖାଲି ସେତିକି ନୁହେଁ ପୂର୍ବରୁ ଚିଟ ଫଣ୍ଡରେ ସମ୍ପୃକ୍ତ ଥିବା ନିହାର ଧରା ପଡିବା ପରେ ୨୯ଦିନ ପିଙ୍ଗଳ ଜେଲରେ ରହିଥିଲେ । ମାନ୍ୟବର ଜଗତସିଂହପୁର ଏସ୍ଡିଜେଏମଙ୍କ କୋର୍ଟରେ ୧୫ ଲକ୍ଷ ଟଙ୍କାର ସିକ୍ୟୁରିଟି ସର୍ତ୍ତ ଅନୁସାରେ ବେଲରେ ଆସିଥିଲେ । ପରେ ପରେ ନିହାରଙ୍କ ବିରୁଦ୍ଧରେ ଡିପାର୍ଟମେଂଟାଲ ପ୍ରୋସେସିଂ ସହ ସସପେଣ୍ଡ କରାଗଲା । ପୁନର୍ବାର ଏହାର କିଛି ଦିନ ପରେ ତାଙ୍କୁ ପୁନଃ ନିଯୁକ୍ତି କରାଗଲା । ତାହାଲେ ଏଠି ପ୍ରଶ୍ନ ଉଠୁଛି କିଏ ଦେଇଥିଲା ନିହାରଙ୍କୁ ସୁରକ୍ଷା ? ପୂର୍ବ ସରକାର ସମୟରୁ ନିହାରଙ୍କ ବିରୁଦ୍ଧରେ ଅଭିଯୋଗ ପରେ ବି କାହିଁକି ହେଉ ନାହିଁ କାର୍ଯ୍ୟାନୁଷ୍ଠାନ ? କାହା ଛତ୍ରଛାୟା ତଳେ ନିହାରଙ୍କ ଏତେ ଦବଦ ? କେଉଁ ଉଚ୍ଚ ପଦସ୍ଥ ଅଧିକାରୀ ନିହାରଙ୍କୁ ଦେଉଛନ୍ତି ସୁରକ୍ଷା ? ଚିଟ ଫଣ୍ଡ ଘୋଟାଲାରେ ସମ୍ପୃକ୍ତ ଥିବା ନିହାରଙ୍କୁ କାହିଁକି ପୁନଃ ନିଯୁକ୍ତି ଦିଆଯାଇଛି ? ଏମିତି ଅନେକ ପ୍ରଶ୍ନ ସାଧାରଣରେ ଉଙ୍କି ମାରୁଥିବା ବେଳେ ଆମେ ଏନେଇ ଜିଲ୍ଲା ମୁଖ୍ୟ କୃଷି ଅଧିକାରୀଙ୍କୁ ଅବଗତ କରିବା ପରେ ନିହାରଙ୍କ ଉପରେ କାର୍ଯ୍ୟାନୁଷ୍ଠାନ ନେବାକୁ ମୁଁ କିଏ ବୋଲି କହିଛନ୍ତି ! ଅତଏବ କଥାଟି ସ୍ପଷ୍ଟ ହେଉଛି କି ଉଚ୍ଚ ପଦସ୍ଥ ଅଧିକାରୀ ମାନେ ବି ନିହାରଙ୍କୁ ଡରି ରହିଛନ୍ତି ।ତୁରନ୍ତ ରାଜ୍ୟସରକାର ଏବଂ କୃଷି ସଚିବ ଏ ଦିଗରେ ଦୃଷ୍ଟି ଦେଇ ଏଭଳି ଅଧିକାରୀଙ୍କ ବିରୁଦ୍ଧରେ ତୁରନ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ବିଭିନ୍ନ ଚାଷୀ ମାନେ ଦାବି କରିଛନ୍ତି । ନଚେତ ଆଗାମୀ ଦିନରେ ନିହାରଙ୍କ ବିରୁଦ୍ଧରେ ଏକ ବଡ ଚାଷୀ ଆନ୍ଦୋଳନ ମୁଣ୍ଡ ଟେକିବ ବୋଲି ବିଶେଷ ସୂତ୍ରରୁ ଖବର ମିଳିଛି ।

ଶ୍ରୀ ପାର୍ଥ ସାରଥୀ ମହନ୍ତ ରଘୁନାଥ ବିଦ୍ୟାପୀଠରେ ଅଭିଭାବକ ସମ୍ମିଳନୀ

ପାତ୍ରପୁର, ୧୯/୦୪ (ଆ.ପ୍ର) : ପାତ୍ରପୁର ବ୍ଲକ ଜରଡ଼ା ଶ୍ରୀ ପାର୍ଥ ସାରଥୀ ମହନ୍ତ ରଘୁନାଥ ବିଦ୍ୟା ପୀଠ ଠାରେ ଅଭିଭାବକ, ଶିକ୍ଷକ ଶିକ୍ଷୟିତ୍ରୀ ତଥା ବିଦ୍ୟାଳୟ ପରିଚାଳନା ଓ ଉନ୍ନୟନ କମିଟି ବୈଠକ ଅନୁଷ୍ଠିତ ହୋଇଯାଇଅଛି । ବିଦ୍ୟାଳୟ ଶିକ୍ଷାର ଗୁଣାତ୍ମକ ବିକାଶ ପାଇଁ ରାଜ୍ୟ ସରକାରଙ୍କ ଏକ ପ୍ରୟାସ ପାଇଁ ଏହି ବୈଠକରେ ପ୍ରଧାନ ଶିକ୍ଷକ ମନୋଜ କୁମାର ପାତ୍ର ସଭାପତିତ୍ୱ କରିଥିବା ବେଳେ ସରପଂଚ ତିଳ ବେହେରା ନାଏବ ସରପଂଚ ମାଧବ ବାଉତ୍ୟା, ଦବ୍ଧି ଗଣେଶ, ଭୀମସେନ ବେହେରା, ବେହେରା ବାସନ୍ତୀ, ଗୀତାଞ୍ଜଳି ପ୍ରଧାନ, ସସ୍ମିତା ପରିଡ଼ା ପ୍ରମୁଖ ମଂଚା ସିନ ରହି ଅଭିଭାଷଣ ପ୍ରଦାନ କରିଥିଲେ । ଏହି ବୈଠକରେ ଉପସ୍ଥିତ ଥିବା ଅଭିଭାବକ ଅଭିଭାବିକା ମାନେ ନିଜ ନିଜର ମତ ରଖୁଥିବା ବେଳେ ଛାତ୍ର ଛାତ୍ରୀଙ୍କ ଉଜ୍ଜ୍ୱଳ ଭବିଷ୍ୟତ ପାଇଁ ଶିକ୍ଷକ ଶିକ୍ଷୟିତ୍ରୀ, ଅଭିବକକ ଓ ପରିଚାଳନା କମିଟିର ଦାୟିତ୍ୱବୋଧ ସମ୍ପର୍କରେ ନାଏବ ସରପଂଚ ମାଧବ ବାଉତ୍ୟା ଅଭିଭାଷଣ ରଖିଥିଲେ ।

ଓଡିଶା କ୍ଷେତମଜଦୁର ୟୁନିୟନ ପକ୍ଷରୁ ଭଦ୍ରକ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ

ଭଦ୍ରକ, ୧୯/୦୪ (ଆ.ପ୍ର) : ଏମ୍ଏନ୍ଆରଇଜିଏସ୍‌ରେ ବର୍ଷକୁ ସର୍ବନିମ୍ନ ୨୦୦ ଦିନ କାମ ଓ ଦୈନିକ ୬୦୦ ଟଙ୍କା ମଜୁରୀ ପ୍ରଦାନ, ସମସ୍ତ କ୍ଷେତମଜଦୁର ମାନଙ୍କୁ ୩୦୦ ୟୁନିଟ ବିଜୁଳି ମାଗଣାରେ ଯୋଗାଇଦେବା, କ୍ଷେତମଜଦୁରମାନଙ୍କ ରେସନ କାର୍ଡ କାଟିବା ବଂଦ କରିବା, ସମସ୍ତ କ୍ଷେତମଜଦୁର ଓ ଭାଗଚାଷୀ ମାନଙ୍କୁ ଚାଷୀ ପାଉଥିବା ସୁବିଧା ସୁଯୋଗ ପ୍ରଦାନ କରିବା, ଆବାସ ଯୋଜନାରେ ସମସ୍ତ କ୍ଷେତମଜଦୁର ପରିବାର ଗୁଡିକୁ ୫ ଲକ୍ଷ ଟଙ୍କା ଯୋଗାଇ ଦେବା, ଡବଲ୍ ବିନାଶ ସରକାର ଜାତୀୟ ସଂପତି ବିକ୍ରି ବଂଦ କରିବା ଆଦି ଦାବି ନେଇ ଓଡିଶା କ୍ଷେତମଜଦୁର ୟୁନିଯନ ଭଦ୍ରକ ବ୍ଲକ କମିଟି ପକ୍ଷରୁ ଏକ ଲାଲ୍ ପଟୁଆର ଭଦ୍ରକ ବନ୍ତଛକ ଠାରୁ ବାହାରି ଭଦ୍ରକ ସହର ପରିକ୍ରମା କରି ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରିଥିଲେ । ଉପଜିଲ୍ଲାପାଳଙ୍କ ଜରିଆରେ ମୁଖ୍ୟମନ୍ତ୍ରୀଙ୍କୁ ଏକ ସ୍ମାରକପତ୍ର ପ୍ରଦାନ କରିଥିଲେ । ଏହି ବିକ୍ଷୋଭ କାର୍ଯ୍ୟକ୍ରମ ରେ ଶ୍ରମିକ ନେତା ଦିବ୍ୟସିଂହ ନାୟକ, ଓଡିଶା କ୍ଷେତମଜଦୁର ୟୁନିୟନ ଭଦ୍ରକ ଜିଲ୍ଲା ସଂପାଦକ ଗିରିଧାରୀ ନାଥ, ଓଡିଶା କୃଷକ ସଭା ରାଜ୍ୟ ଯୁଗ୍ମ ସଂପାଦକ ବିକାଶ ନାଥ, ସିଆଇଟିୟୁ ଜିଲ୍ଲା ଉପସଭାପତି ରାଧାନାଥ ଦାସ, କ୍ଷେତମଜଦୁର ୟୁନିୟନ ଭଦ୍ରକ ବ୍ଲକ ସଭାପତି ସୁରେନ୍ଦ୍ର ନାୟକ, କ୍ଷେତମଜଦୁର ନେତା ସେକ୍ ସିକୁ, କାଲୁ ଖାନ, ସେକ୍ ସତାର, ସେକ୍ ସନାଉଲ୍ଲା, ଯୁବନେତା ଶାଶ୍ୱତ ସୌମ୍ୟ ଦାଶ ପ୍ରମୁଖ ଯୋଗଦେଇ ନେତୃତ୍ୱ ନେଇଥିଲେ । ଶ୍ରମିକ, ଚାଷୀ ଓ କୃଷି ଶ୍ରମିକ ମାନଙ୍କ ବିଭିନ୍ନ ଦାବି ନେଇ ଆସନ୍ତା ମେ ୨୦ ଭାରତ ବନ୍ଦକୁ ଭଦ୍ରକ ବ୍ଲକରେ ସଫଳ କରିବାକୁ କ୍ଷେତମଜଦୁର ୟୁନିୟନର ନେତୃତ୍ୱ ଆହ୍ୱାନ ଜଣାଇଥିଲେ ।

ପାପଡାହାଣ୍ଡି ଠାରେ ବିଜେପିର ସକ୍ରିୟ ସଦସ୍ୟ କର୍ମି ସମ୍ମିଳନୀ ଅନୁଷ୍ଠିତ

ପାପଡାହାଣ୍ଡି, ୧୯/୦୪ (ଆ.ପ୍ର) : ପାପଡାହାଣ୍ଡି ସଦର ମହକୁମା ସ୍ଥିତ ନୀଳକଣ୍ଠେଶ୍ୱର ଶିବମନ୍ଦିର ନିକଟରେ ବିଜେପିର ଡାବୁଗାଁ ନିର୍ବାଚନ ମଣ୍ଡଳୀ ସ୍ତରୀୟ ସକ୍ରିୟ ସଦସ୍ୟ ମାନଂକୁ ନେଇ ଏକ କର୍ମି ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି ଏହି କର୍ମୀ ସମ୍ମିଳନୀରେ ନବରଙ୍ଗପୁର ଭାରତୀୟ ଜନତା ପାର୍ଟୀ ଜିଲ୍ଲା ସଭାପତି ଶ୍ରୀ କୁଞ୍ଜବିହାରୀ ଦାଶ, ନବରଙ୍ଗପୁର ବିଧାୟକ ଶ୍ରୀ ଗୌରୀ ଶଙ୍କର ମାଝୀ, ରାଜ୍ୟ ସଂପାଦକ ଶ୍ରୀ ରମେଶ ଚନ୍ଦ୍ର ସାହୁ, ଶ୍ରୀ ସୋମନାଥ ପୂଜାରୀ ଓ ଶ୍ରୀ ରାଜେନ୍ଦ୍ର କିଶୋର ମଂଚାସିନ ଥିଲେ ଏହି କାର୍ଯ୍ୟକ୍ରମ ରେ ଡାବୁଗାଁ ନିର୍ବାଚନ ମଣ୍ଡଳୀର ଅନେକ ବିଜେପି କର୍ମି ଉପସ୍ଥିତ ଥିଲେ । ଆଗାମୀ ପଂଚାୟତ ସ୍ତରୀୟ ନିର୍ବାଚନକୁ ଦୃଷ୍ଟିରେ ରଖି ଆଜିର ଏହି ବୈଠକ ଅନୁଷ୍ଠିତ ହୋଇଥିଲା ଆଜିର ବୈଠକରେ ଶ୍ରୀ ହରିମୋହନ ଶର୍ମା, ଶ୍ରୀ ପି. ଭେଙ୍କେଟ ରାଓ, ଶୁଭଜିତ ପାଣିଗ୍ରାହୀ, ଲିଙ୍ଗରାଜ ଭତରା, ମନୋଜ ଅଗ୍ରୱାଲ, ଦିନବନ୍ଧୁ ବିଶୋଇ, ତ୍ରିନାଥ ଅମନାତ୍ୟ, ଜିତେନ୍ଦ୍ର ଗୌଡ଼, ଶଙ୍କରଲାଲ ଜୈନ, ବାବୁଲି ପାଳ, ସୁନ୍ଦରଲାଲ ବିଶୋଇଙ୍କ ସହିତ ଶତାଧିକ ଭାରତୀୟ ଜନତା ପାର୍ଟୀ କାର୍ଯ୍ୟକର୍ତ୍ତା ଯୋଗ ଦେଇଥିଲେ ।

ରକ୍ଷକ ସାଜିଲା ଭକ୍ଷକ, ବାପା ମାଁ ଙ୍କୁ ଆଜୀବନ କାରାଦଣ୍ଡାଦେଶ

ଯାଜପୁର, ୧୯/୦୪ (ଆ.ପ୍ର) : ରଆଜି ସକାଳେ ଯାଜପୁର ପୋକ୍ସୋ କୋର୍ଟ ବିଚାରପତି ଶ୍ରୀଯୁକ୍ତ ବିଜୟ ଜେନା ୩୦ ଜଣ ସାକ୍ଷୀ ପ୍ରମାଣ ସହ ୨୦୧୬ ସାରା ରାଜ୍ୟରେ ଚହଳ ପଡ଼ିଯାଇଥିବା ଅନର କିଲିଙ୍ଗ୍ ମର୍ଡ଼ର କେସ୍‌ର ଶୁଣାଣି କରିଛନ୍ତି । ଅଭିଯୁକ୍ତ ବାପା - ନକୁଳ ଯେନା, ମାଁ - ସଞ୍ଜୁ ଯେନା ଦୁଇଜଣ ଆସାମୀଙ୍କୁ ଆଜୀବନ କାରାଦଣ୍ଡ ରେ ଦଣ୍ଡିତ କରିବା ସହିତ ଦଶ ହଜାର ଟଙ୍କା ଜୋରିମାନା କରିଛନ୍ତି । ନିଜର ଜନ୍ମ କଲା ବାପା ମାଁ ନିଜର ନାବାଳିକା ୩ ମାସର ଗର୍ଭବତୀ (୧୫) ଝିଅ କୁ ଘର ଭିତରରେ ମର୍ଡ଼ର କରିବା ପରେ ସାକ୍ଷୀ ପ୍ରମାଣ ନଷ୍ଟ କରିବା ପାଇଁ ଜନ୍ମ କଲା ବାପା ମାଁ ଘର ପଛପଟ ବାଡିରେ ପେଟ୍ରୋଲ ଢ଼ାଳି ନିଆଁ ଲଗାଇ ପୋଡି ଦେଇଥିଲେ । ଝିଅଟି ବଂଚାଅ ବଂଚାଅ ଚିତ୍କାର କରୁଥିଲା । ଏହି ଶବ୍ଦ ଶୁଣିବାପରେ ପାଖ ଘରର ମାତାଜୀ ଯେନା ମଡ଼ର୍ରର ସମସ୍ତ କଥାବାର୍ତ୍ତା ଶୁଣିବାପରେ ନିଜ ତରଫରୁ ବିଂଝାରପୁର ଥାନାରେ ଏକ ଏତଲା ଦେଇଥିଲେ । ସମସ୍ତ ପ୍ରମାଣ ନଷ୍ଟ କରିବା ପାଇଁ ନିଜର ଜନ୍ମ କଲା ବାପା ମାଁ ଝିଅକୁ ମଡ଼ର୍ର କରିବା ପରେ ଶବକୁ ପେଟ୍ରୋଲ ଢ଼ାଳି ନିଆଁ ଲଗାଇ ଦେଇଥିଲେ । ପ୍ରମାଣ ନଷ୍ଟ କରିବା ପାଇଁ ପୋଡି ଯାଇଥିବା ଶବର ପାଉଁଶକୁ ଖରସ୍ରୋତା ନଦୀରେ ଭସାଇ ଦେଇଥିଲେ । ୨୦୧୬ ମସିହାରେ ସାରା ରାଜ୍ୟରେ ଏହା ଏକ ହୃଦୟ ଦାୟକ ଘଟଣା ଘଟିଥିଲା । ସରକାରଙ୍କ ତରଫରୁ ବରିଷ୍ଠ ଆଇନଜୀବି ଶ୍ରୀ ରାଜେନ୍ଦ୍ର ପ୍ରସାଦ ନାୟକ କେସ୍‌ର ସମସ୍ତ ୩୦ ଜଣ ସାକ୍ଷୀ ପ୍ରମାଣ କରିବା ସହିତ ଆସାମୀ ବାପା- ନକୁଳ ଯେନା, ମାଁ- ସଞ୍ଜୁ ଯେନାଙ୍କୁ ଆଜୀବନ କାରାଦଣ୍ଡାଦେଶ କରିବା ସହିତ ୧୦ ହଜାର ଟଙ୍କା ଜୋରିମାନା କରିଛନ୍ତି । ଆସାମୀମାନଙ୍କ ସପକ୍ଷରେ କେସ୍ ଟିକୁ ଲଢୁଥିଲେ ଆଡଭୋକେଟ୍ ଶ୍ରୀ ପ୍ରବୀର ରାୟ ।

ଧାମନଗର ବିଧାନସଭାସ୍ତରୀୟ ବିଜେପିର ସକ୍ରିୟ ସଦସ୍ୟ କର୍ମଶାଳା

ଧାମନଗର, ୧୯/୦୪ (ଆ.ପ୍ର) : ଧାମନଗର ବ୍ଲକ ଅନ୍ତର୍ଗତ ବୟାଙ୍ଗଡିହି ପଂଚାୟତ ଅଧିନ ନୂଆହାଟ ମେଳଣ ପଡ଼ିଆରେ ଅନୁଷ୍ଠିତ ଧାମନଗର ବିଧାନସଭାସ୍ତରୀୟ ସକ୍ରିୟ ସଦସ୍ୟ ସମ୍ମିଳନୀରେ ଉଚ୍ଚ ଶିକ୍ଷା କ୍ରୀଡ଼ା ଓ ଯୁବସେବା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ଉଦଘାଟନ କରିଛନ୍ତି । ବରିଷ୍ଠ ବିଜେପି ନେତା ଅଶୋକ କୁମାର ପ୍ରଧାନଙ୍କ ପୌରହିତ୍ୟରେ ଆୟୋଜିତ ସକ୍ରିୟ ସଦସ୍ୟ ସମ୍ମିଳନୀକୁ ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ଉଦଘାଟନ କରି କେନ୍ଦ୍ର ଓ ରାଜ୍ୟରେ ଶାସନ ଭାର ସମ୍ଭାଳୁଥିବା ଡବଲ ଇଞ୍ଜିନ ସରକାର ଅନେକ ଯୁଗାନ୍ତକାରୀ ଯୋଜନା କରିଥିବା ବେଳେ ନିକଟରେ ସମସ୍ତ ପ୍ରତିଶ୍ରୁତି ପୂରଣ ହେବ ବୋଲି ମନ୍ତ୍ରୀ ଶ୍ରୀ ସୂରଜ ବକ୍ତବ୍ୟ ରଖିଥିଲେ । ଏଥିରେ ଭଦ୍ରକ ସାଂସଦ ଅଭିମନ୍ୟୁ ସେଠୀ, ଜିଲ୍ଲା ବିଜେପି ସଭାପତି ଭଗବାନ ପଣ୍ଡା ଅନ୍ୟତମ ଅତିଥି ରୂପେ ଯୋଗରେ ସାଂଗଠନିକ କାର୍ଯ୍ୟ କ୍ଷେତ୍ରରେ ଧାମନଗର ସମଗ୍ର ରାଜ୍ୟର କର୍ମୀଙ୍କ ପାଇଁ ଏକ ଉଦାହରଣ ସୃଷ୍ଟି କରିଛି ବୋଲି କହିଥିଲେ । ସମ୍ମିଳନୀରେ ସଙ୍ଗଠନର ବିଭିନ୍ନ ଦିଗ ଉପରେ ଆଲୋଚନା ହୋଇଥିଲା । ବରିଷ୍ଠ ନେତା ଶରତ ମହାନ୍ତି, ମନୋରଞ୍ଜନ ମଲ୍ଲିକ, ରଞ୍ଜିତା ସ୍ୱାଇଁ, ରଘୁନାଥ ଜେନା, ସୁଧାଂଶୁ ପାଣିଗ୍ରାହୀ, ଚନ୍ଦ୍ରଭାନୁ ନାୟକ, କୈଳାସ ମହାପାତ୍ର, ଅରବିନ୍ଦ ପତି, ରାମଚନ୍ଦ୍ର ମିଶ୍ର, ବୃନ୍ଦାବନ ଜେନା, ସଂଜୀବ ବେହେରା, ତପନ ପାତ୍ରୀ, ଅଜୟ ବଳ, ଶ୍ରୀକାନ୍ତ ନାୟକ, ରାଜେନ୍ଦ୍ର ସାହୁ, ପ୍ରମୋଦ ସ୍ୱାଇଁ,ପ୍ରଶାନ୍ତ ପରିଡ଼ା, ସାଇଶରଣ ବେହେରା, ଅନିରୁଦ୍ଧ ସାହୁ, ରମେଶ ପତି, ପ୍ରମୋଦ ଦାସ, ଶ୍ରୀଧର ବେହେରା ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ । ଆଇନଜୀବୀ ଦୀପ୍ତିରଞ୍ଜନ ଜେନା ସଭା ସଂଚାଳନ କରିଥିଲେ। ବୈକୁଣ୍ଠ ନାଥ ସାହୁ ସ୍ୱାଗତ ଭାଷଣ ସହିତ ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ଦେବେନ୍ଦ୍ର ପ୍ରଧାନ ଧନ୍ୟବାଦ ପ୍ରଦାନ କରିଥିଲେ।

ଶନିଦେବ ମନ୍ଦିରର ବାର୍ଷିକ ଉତ୍ସବ



ଖଣ୍ଡପଡ଼ା, ୧୯/୦୪ (ଆ.ପ୍ର) : ଖଣ୍ଡପଡା ବ୍ଲକ କୁସ୍ମାରପଡା ଶନି ମନ୍ଦିର ପରିସରରେ ଶନିବାର ଶନିଦେବଙ୍କ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି । ଏ ଅବସରରେ ପ୍ରାତଃ ସମୟରେ କଳସ ଶୋଭାଯାତ୍ରା ଗ୍ରାମ ପରିକ୍ରମା କରିଥିଲା । ମାନସିକଧାରୀ ବ୍ୟକ୍ତିମାନେ ନୂତନ କଳସୀରେ ପାଣି ଧରି ମନ୍ଦିର ପରିସରସ୍ଥିତ ଯଜ୍ଞବେଦୀ ନିକଟରେ କଳସୀ ଗୁଡିକୁ ସ୍ଥାପନ କରିଥିଲେ । ପଣ୍ଡିତ ଭାଗବତ ପଣ୍ଡା ଏବଂ ଶର୍ମିଳ ବଦନ ଦାଶଙ୍କ ଦ୍ୱାରା ପାରମ୍ପରିକ ରୀତିନୀତି ଅନୁଯାୟୀ ଯଜ୍ଞ କାର୍ଯ୍ୟ ଆରମ୍ଭ ହୋଇଥିଲା । କର୍ତ୍ତା ରୂପେ ପ୍ରସନ୍ନ କୁମାର ଜେନା ଏବଂ ସଂଗୀତା ଜେନା ଯଜ୍ଞରେ ବସିଥିଲେ । ଅପରାହ୍ନରେ ପୂର୍ଣ୍ଣାହୁତି ଉତ୍ସବରେ ଶ୍ରଦ୍ଧାଳୁ ମାନଙ୍କ ସମାଗମରେ ମନ୍ଦିର ପରିସର ଉତ୍ସବମୁଖର ହୋଇ ଉଠିଥିଲା । ଏହି ଅବସରରେ ମାତୃମଣ୍ଡଳୀଙ୍କ ଦ୍ୱାରା ଭାଗବତ ନାମ ସଂକୀର୍ତ୍ତନ ପରିବେଷଣ କରାଯିବା ସହିତ ପ୍ରସାଦ ସେବନ କରାଯାଇଥିଲା ।

ଶିକ୍ଷାର ବିକାଶ ନିମନ୍ତେ ରାଜ୍ୟ ସରକାରଙ୍କ ପ୍ରୟାସ



ଦଶପଲ୍ଲା, ୧୯/୦୪ (ଆ.ପ୍ର) : ନୟାଗଡ ଜିଲ୍ଲା ଦଶପଲ୍ଲା ବ୍ଲକ ଅନ୍ତର୍ଗତ ମାଧଖଣ୍ଡ ପି ଏମଶ୍ରୀ ନୋଡାଲ ଉଚ୍ଚ ବିଦ୍ୟାଳୟ ପରିସରରେ ସରକାରଙ୍କ ଗୁଣାତ୍ମକ ଶିକ୍ଷାର ବିକାଶ ସମ୍ପର୍କିତ ଆଲୋଚନା ଚକ୍ର ଅନୁଷ୍ଠିତ ହୋଇଯାଇଛି । ରାଜ୍ୟରେ ନୂତନ ଶିକ୍ଷାନୀତି ପ୍ରଚଳନ ହୋଇସାରିଛି । କେନ୍ଦ୍ର ସରକାର ତଥା ରାଜ୍ୟ ସରକାର ଗୁଣାତ୍ମକ ଶିକ୍ଷା ଉପରେ ଗୁରୁତ୍ୱ ଦେଉଛନ୍ତି । ପିଏମ ଶ୍ରୀ ଯୋଜନାରେ ଅନେକ ବିଦ୍ୟାଳୟକୁ ଅନ୍ତର୍ଭୁକ୍ତି କରାଇ ଛାତ୍ର ଛାତ୍ରୀ ମାନଙ୍କର ନୂତନ ଶିକ୍ଷାନୀତି ସହ, ବୌଦ୍ଧିକ, ଶାରୀରିକ, ମାନସିକ ଦକ୍ଷତା କୁ ଗୁରୁତ୍ୱ ଦେଇ ବିଭିନ୍ନ କାର୍ଯ୍ୟକ୍ରମ ହାତକୁ ନେଇଛନ୍ତି । ଛାତ୍ର ଛାତ୍ରୀ ମାନଙ୍କୁ ମାଗଣା ପାଠ୍ୟ ପୁସ୍ତକ ପ୍ରଥମ ଶ୍ରେଣୀରୁ ଅଷ୍ଟମ ଶ୍ରେଣୀ ପର୍ଯ୍ୟନ୍ତ ପୋଷାକ ସହିତ ପୁଷ୍ଟିକର ଖାଦ୍ୟ ମଧ୍ୟ ଯୋଗାଇ ଦେଉଛନ୍ତି । ନୂତନ ସରକାର ତଥା ବିଜେପି ସରକାର ରାଜ୍ୟରେ ଆସିବା ପରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ନିର୍ଦ୍ଦେଶ କ୍ରମେ ନବମ ଓ ଦଶମ ଶ୍ରେଣୀ ଛାତ୍ର ଛାତ୍ରୀ ମାନଙ୍କ ପାଇଁ ପିଏମଶ୍ରୀ ପୋଷଣ ଯୋଜନା କାର୍ଯ୍ୟକାରୀ କରାଯାଇଛି । ଏ ସମସ୍ତ ବିଷୟ ପ୍ରଧାନଶିକ୍ଷକ ରାମକୃଷ୍ଣ ପ୍ରଧାନଙ୍କ ଅଧ୍ୟକ୍ଷତାରେ ଅଭିଭାବକ, ଶିକ୍ଷକ ଶିକ୍ଷୟିତ୍ରୀ ମାନଙ୍କ ଉପସ୍ଥିତି ରେ ଆଲୋଚନା ହୋଇଥିଲା । ସରକାରଙ୍କ ନିର୍ଦ୍ଦେଶ ଅନୁସାରେ ଗ୍ରୀଷ୍ମ ଛୁଟି ରେ ଛାତ୍ର ଛାତ୍ରୀଙ୍କ ନିମନ୍ତେ ହୋମ ୱର୍କ ପ୍ରଦାନ କରିବା ଓ ୱାର ସପ ମାଧ୍ୟମରେ ଶିକ୍ଷା ଦାନ କରିବା ଉଦ୍ଦେଶ୍ୟରେ ଆଲୋଚନା କରାଯାଇଥିଲା । ଅଭିଭାବକଙ୍କ ବିଭିନ୍ନ ପ୍ରଶ୍ନବକୁ ମଧ୍ୟ ଲିଖିତ ରଖି କାର୍ଯ୍ୟକାରୀ କରିବା ଦିଗରେ ପ୍ରଧାନଶିକ୍ଷକ ନିଜର ସହମତି ପ୍ରଦାନ କରିଥିଲେ ।

ଦିଲ୍ଲୀକୁ ହରାଇ ଶୀର୍ଷରେ ଗୁଜୁରାଟ

ଅହମ୍ମଦାବାଦ,୧୯/୦୪(ନ୍ୟୁ.ଏ):ଜୋସ୍ ବଟଲରଙ୍କ ଦମଦାର ବ୍ୟାଟିଂ ବଳରେ ଦିଲ୍ଲୀକୁ ୭ ୱିକେଟ୍‌ରେ ହରାଇଛି ଗୁଜରାଟ ଟାଇଟନ୍ସ । ଆଇପିଏଲର ୩୫ତମ ମ୍ୟାଚ୍‌ରେ ପ୍ରଥମେ ବ୍ୟାଟିଂ କରିଥିବା ଦିଲ୍ଲୀ ବ୍ୟାଟରଙ୍କ ଉପଯୋଗୀ ବ୍ୟାଟିଂ ବଳରେ ୮ ୱିକେଟ୍ ହରାଇ ୨୦୩ ରନ କରିଥିଲା । ଜବାବରେ ଗୁଜରାଟ ଜୋସ ବଟଲରଙ୍କ ଅପରାଜିତ ୯୭ ରନ ବଳରେ ୧୯.୨ ଓଭରରେ ୩ ୱିକେଟ୍ ହରାଇ ମ୍ୟାଚ୍ ଜିତି ନେଇଛି । ବଟଲରଙ୍କ ବ୍ୟତୀତ ଶେରଫେନ ରଦରଫୋର୍ଡ ୪୩ ରନ କରିଛନ୍ତି । ହେଲେ ଐତିହାସିକ ଶତକରୁ ଗୁଜରାଟ ପଂଚମ ବିଜୟ ସହ ପଏଣ୍ଟ ଟେବୁଲର ଶୀର୍ଷକୁ ଉଠିଛି । ଦ୍ୱିତୀୟ ପରାଜୟ ସହ ଦିଲ୍ଲୀ ତାଲିକାର ଦ୍ୱିତୀୟ ସ୍ଥାନକୁ ଖସି ଆସିଛି । ଆଶୁତୋଷ, ଅକ୍ଷର ଓ କରୁନ ନାୟରଙ୍କ ଦମଦାର ବ୍ୟାଟିଂ । ନରେନ୍ଦ୍ର ମୋଦି ଷ୍ଟାଡିୟମରେ ଛକା ଓ ଚୌକା ବର୍ଷା । ୮ ୱିକେଟ୍ ହରାଇ ୨୦୩ ରନ୍‌ର ବିଶାଳ ସ୍କୋର ଛିଡ଼ା କରିଥିଲା ଦିଲ୍ଲୀ କ୍ୟାପିଟାଲ୍ସ । ଘରୋଇ ଟିମ୍ ସାମ୍ନାରେ ବିଜୟ ଲକ୍ଷ୍ୟ ଥିଲା ୨୦୪ ରନ୍ । ଗୁଜରାଟ ଟାଇଟନ୍ସ ଓ ଦିଲ୍ଲୀ କ୍ୟାପିଟାଲ୍ସ ମଧ୍ୟରେ ଆଇପିଏଲର ୩୫ତମ ମ୍ୟାଚ୍ । ଏହି ମ୍ୟାଚ୍ ଅହମ୍ମଦାବାଦର ନରେନ୍ଦ୍ର ମୋଦି ଷ୍ଟାଡିୟମରେ ଖେଳାଯାଉଥିଲା । ଶନିବାର ଟସ୍ ହାରି ପ୍ରଥମେ ବ୍ୟାଟିଂ କରିଥିଲା ଦିଲ୍ଲୀ କ୍ୟାପିଟାଲ୍ସ । ନିର୍ଦ୍ଧାରିତ କୋଡିଏ ଓଭରରେ ଦଳ ୨୦୩ ରନ୍ ସଂଗ୍ରହ କରିଛି । ଫଳରେ ଗୁଜରାଟ ଟାଇଟନ୍ସ ସମ୍ନାରେ ୨୦୪ ରନ୍‌ର ବିଜୟ ଲକ୍ଷ୍ୟ ରହିଛି । ଦିଲ୍ଲୀ ପକ୍ଷରୁ ଅଧିନାୟକ ଅକ୍ଷର ପଟେଲ୍ ସର୍ବାଧିକ ୩୯ ରନ୍ କରିଛନ୍ତି । ସେପଟେ କରୁନ ନାୟର ଓ ଆଶୁତୋଷ ଶର୍ମା ଉଭୟେ ୩୧ ରନ୍ ଲେଖାଏଁ ଦଳୀୟ ସ୍କୋରରେ ଯୋଡ଼ିଛନ୍ତି । ଯାହାଫଳରେ ଦିଲ୍ଲୀ ବିନା କୌଣସି ଅର୍ଦ୍ଧଶତକରେ ୨୦୦ ରନ୍ ପାର୍ କରିବାରେ ସଫଳ ହୋଇଛି । ଗୁଜରାଟ ଟାଇଟନ୍ସ ପକ୍ଷରୁ ପ୍ରସିଦ୍ କୃଷ୍ଣା ଯିଏ ସର୍ବାଧିକ ୪ଟି ୱିକେଟ୍ ନେଇଛନ୍ତି । ଆଇପିଏଲରେ ସର୍ବାଧିକ ୱିକେଟ୍ ନେଇ ପର୍ପଲ କ୍ୟାପକୁ ନୁର୍ ଅହମ୍ମଦଙ୍କ ଠାରୁ ଛଡ଼ାଇ ନେଇଛନ୍ତି ପ୍ରସିଦ୍ । ଏବେ ରାହୁଲ କରିଛନ୍ତି ବଡ ରେକର୍ଡ । ସେ ଭାଙ୍ଗିଛନ୍ତି IPLର ଛକାର ରେକର୍ଡ । ରାହୁଲ ଗୁଜରାଟ ବିପକ୍ଷରେ ବ୍ୟାଟିଂ କରୁଥିବା ସମୟରେ ୧୪ ବଲରେ ଖେଳିଥିଲେ ୨୮ ରନର ଇନିଂସ । ଏହି ସମୟ ମଧ୍ୟରେ ସେ ୪ଟି ଚୌକା ଏବଂ ଗୋଟିଏ ଛକା ମାରିଥିଲେ । ଆଉ ଏହି ଗୋଟିଏ ଛକା ମାରି ରାହୁଲ ଭାଙ୍ଗିଛନ୍ତି ଛକା ମାରିବାର ରେକର୍ଡ । ରାହୁଲ ଆଇପିଏଲରେ ପୂରଣ କରିଛନ୍ତି ୨୦୦ ଛକା । ସେ ଏପର୍ଯ୍ୟନ୍ତ IPLରେ ୧୩୮ଟି ମ୍ୟାଚ୍ ଖେଳି ସାରିଛନ୍ତି । ଏହି ସମୟ ମଧ୍ୟରେ ସେ ୨୦୦ଟି ଛକା ମାରିଛନ୍ତି । ରାହୁଲ ମଧ୍ୟ ୪୨୨ଟି ଚୌକା ମାରିଛନ୍ତି । IPLରେ ସର୍ବାଧିକ ଛକା ମାରିବା ମାମଲାରେ କେଏଲ ରାହୁଲ ଅନେକ କିମ୍ବଦନ୍ତୀଙ୍କୁ ପଛରେ ପକାଇଛନ୍ତି । ଶେନ୍ ୱାଟସନ ଏବଂ ଜସ୍ ବଟଲରଙ୍କ ପରି ଅନେକ ଖେଳାଳି ପଛରେ ପଡିଛନ୍ତି । ରାହୁଲ ୨୦୨୫ ଆଇପିଏଲରେ ଏପର୍ଯ୍ୟନ୍ତ ୬ଟି ମ୍ୟାଚ୍ ଖେଳିଛନ୍ତି । ଏହି ସମୟ ମଧ୍ୟରେ ସେ ୨୬୬ ରନ୍ କରିଛନ୍ତି । ରାହୁଲ ସିଜିନରେ ୨ଟି ଅର୍ଦ୍ଧଶତକ ମଧ୍ୟ ଲଗାଇ ସାରିଛନ୍ତି ।

ଆଇପିଏଲ୍ ମଝିରେ ରାଜସ୍ଥାନ ରୟାଲ୍ସରେ ଫାଟ !

ନୂଆଦିଲ୍ଲୀ,୧୯/୦୪(ନ୍ୟୁ.ଏ):ଆଇପିଏଲ୍ ୨୦୨୫ । ମୁକାବିଲା ରୋମାଂଚକର । କେତେବେଳେ କେଉଁ ରେକର୍ଡ । କ୍ଷଣିକରେ ପଲଟିଯାଉଛି ବାଜି । କେବେ ଲୋ ସ୍କୋର ରେକର୍ଡ଼ ତ ଆଉ କେତେବେଳେ ହାଇସ୍କୋର । ଏମିତିକି ଖେଳାଳି ଖେଳାଳିଙ୍କ ମଧ୍ୟରେ ବିଗୁଡିଛି ସଂପର୍କ । ବେଳେବେଳେ ଖେଳାଳି ତାଙ୍କ ଅଶୋଭନୀୟ ଆଚରଣ ପାଇଁ ଫାଇନ୍ ବି ଦେଉଛନ୍ତି । ଏପରି ସ୍ଥିତିରେ ଶୁଣିବାକୁ ମିଳିଛି କି, ରାଜସ୍ଥାନ ରୟାଲ୍ସ ଟିମ୍ ରେ ଫାଟ । ମାନେ କୋଚ୍ ଓ କ୍ୟାପଟେନଙ୍କ ମଧ୍ୟରେ କିଛି ଠିକ୍ ଚାଲିନି । ସୋସିଆଲ ମିଡିଆରେ ବି ଚର୍ଚ୍ଚା ପ୍ରବଳ । ଏହାରି ଭିତରେ ମୁହଁ ଖୋଲିଛନ୍ତି, ରୟାଲ୍ସର କୋଚ୍ ରାହୁଲ ଦ୍ରାବିଡ୍ । ସେ କହିଛନ୍ତି ମଧ୍ୟରେ ଦଳରେ ଫାଟ କଥା ଭିତ୍ତିହୀନ । ସେଭଳି କିଛି କଥା ନାହିଁ, ଦଳରେ ସବୁକିଛି ଠିକ୍ ଚାଲିଥିବା ସେ ସ୍ପଷ୍ଟ କରିଛନ୍ତି । କହିବାକୁ ଗଲେ ଏଥର ଆଇପିଏଲ୍‌ରେ ସେମିତି କିଛି କମାଲ୍ ଦେଖାଇ ପାରିନାହିଁ ରାଜସ୍ଥାନ ରୟାଲ୍ସ । ବ୍ୟାଟିଂ ଓ ବୋଲିଂରେ କମାଲ କରିପାରିନାହାନ୍ତି ଖେଳାଳି । ବାରମ୍ବାର ପରାଜୟ । ପଏଣ୍ଟ ଟେବୁଲ୍‌ର ଅଷ୍ଟମ ସ୍ଥାନରେ ରହିଛି ରାଜସ୍ଥାନ । ମୋଟ୍ ୭ଟି ମ୍ୟାଚ୍‌ରୁ ୨ଟି ମ୍ୟାଚ୍‌ର ଜିତିଥିବା ବେଳେ ୫ଟି ମ୍ୟାଚ୍‌ରେ ପରାଜୟ ଘଟିଛି । ସୂଚନା ଥାଉକି, ଦିଲ୍ଲୀ କ୍ୟାପିଟାଲ୍ସ ବିପକ୍ଷ ମ୍ୟାଚ୍‌ରେ କ୍ୟାପ୍ଟେନ ସଞ୍ଜୁ ସାମସନ୍ ଓ କୋଚ୍ ମଧ୍ୟରେ ବିବାଦ ଥିବା ନେଇ ଚର୍ଚ୍ଚା ବଢ଼ିବାରେ ଲାଗିଥିଲା । ସୁପର ଓଭର ବେଳେ ସଞ୍ଜୁ ଦଳର ହଡଲ୍‌ରୁ ଦୂରରେ ରହିଥିବାର ଦେଖିବାକୁ ମିଳିଥିଲା । ଯାହାର ଭିଡିଓ ମଧ୍ୟ ବେଶ୍ ଭାଇରାଲ ହେବାରେ ଲାଗିଛି । ସେ ସୁପର ଓଭରରେ ବ୍ୟାଟିଂ କିମ୍ବା ଫିଲ୍ଡିଂ କରିବାକୁ ବି ଆସିନଥିଲେ । ସେପଟେ ଏହି ପ୍ରସଙ୍ଗରେ କୋଚ୍ ରାହୁଲ ଦ୍ରାବିଡ୍ ପ୍ରେସ କନଫରେନ୍ସରେ କହିଥିଲେ କି, ସଞ୍ଜୁଙ୍କ ପେଟରେ ଯନ୍ତ୍ରଣା ଅନୁଭବ ହେଉଥିଲା । ସେଥିପାଇଁ ତାଙ୍କୁ ଚିକିତ୍ସା ପାଇଁ ପଠାଯାଇଥିଲା । ରିପୋର୍ଟ ଆସିବା ପରେ ଆଗକୁ ନିଷ୍ପତ୍ତି ନିଆଯିବ । ଯଦି ସଞ୍ଜୁ ଫିଟ୍ ନଥାନ୍ତି ତେବେ ଦଳ ପୁଣି ଥରେ ରିୟାନ ପରାଗଙ୍କୁ କ୍ୟାପ୍ଟେନ କରିପାରେ ବୋଲି ମଧ୍ୟ ଚର୍ଚ୍ଚା ହେଉଛି । ତେବେ ଆଜି ସଂଧ୍ୟାରେ ଲକ୍ଷ୍ନୌ ସୁପରଜାଏଣ୍ଟ୍‌କୁ ଭେଟିବ ରାଜସ୍ଥାନ ରୟାଲ୍ସ । ଜୟପୁର ସୱାଇ ମାନସିଂହ ଷ୍ଟାଡିୟମରେ ଏହି ମ୍ୟାଚ୍ ଖେଳାଯିବ ।

‘ସୁପ୍ରିମକୋର୍ଟ ଯଦି ଆଇନ କରିବ, ସଂସଦ ଭବନ ବନ୍ଦ କରିଦେବା ଦରକାର’; ବିଜେପି ସାଂସଦ

ନୂଆଦିଲ୍ଲୀ,୧୯/୦୪(ନ୍ୟୁ.ଏ):ଉପରାଷ୍ଟ୍ରପତି ଜଗଦୀପ ଧନଖଡ଼ଙ୍କ ପରେ ବିଜେପି ସାଂସଦ ନୀଶିକାନ୍ତ ଦୁବେ ନ୍ୟାୟପାଳିକା ଉପରେ ପ୍ରଶ୍ନ ଉଠାଇଛନ୍ତି । ୱାକଫ୍ ସଂଶୋଧନ ଅଧିନିୟମ ଉପରେ ସୁପ୍ରିମକୋର୍ଟରେ ଜାରି ଶୁଣାଣି ଉପରେ ଶନିବାର ବିଜେପି ସାଂସଦ କଡ଼ା ଟିପ୍ପଣୀ କରିଛନ୍ତି । ସେ କହିଛନ୍ତି ଯେ ଯଦି ଆଇନ କରିବା ବି ସୁପ୍ରିମକୋର୍ଟର କାମ, ତେବେ ସଂସଦ ଭବନ ବନ୍ଦ କରିଦେବା ଦରକାର । ୱାକଫ୍ ସଂଶୋଧିତ ଆଇନକୁ ଚ୍ୟାଲେଞ୍ଜ କରି ଆବେଦନକାରୀ ସୁପ୍ରିମକୋର୍ଟଙ୍କ ଦ୍ୱାରସ୍ଥ ହୋଇଛନ୍ତି । ଆବେଦନକାରୀଙ୍କ ଯୁକ୍ତି ଯେ ଏହି ସଂଶୋଧିତ ଆଇନରେ ୱାକଫ ବାଏ ୟୁଜର ପରି ଧାରା ଓ ଅଣ-ମୁସଲମାନଙ୍କୁ ୱାକଫ ବୋର୍ଡରେ ସାମିଲ କରିବା ପ୍ରାବଧାନ ସମ୍ବିଧାନର ମୌଳିକ ଅଧିକାରକୁ ଉଲ୍ଲଂଘନ କରୁଛି । ସୁପ୍ରିମକୋର୍ଟରେ ଏହା ଉପରେ ଲଗାତାର ଦୁଇ ଦିନ ଧରି ଶୁଣାଣି ସରିଛି । ଶେଷ ଶୁଣାଣି ବେଳେ ପରେ କେନ୍ଦ୍ର ସରକାରଙ୍କୁ ଜବାବ ଦାଖଲ ପାଇଁ ସୁପ୍ରିମକୋର୍ଟ ୭ ଦିନର ସମୟ ଦେଇଛନ୍ତି । ସେ ପର୍ଯ୍ୟନ୍ତ ୱାକଫ୍ ବୋର୍ଡରେ ନୂତନ ନିଯୁକ୍ତି ହେବ ନାହିଁ, ସ୍ଥିତାବସ୍ଥା ବଜାୟ ରହିବ ବୋଲି କେନ୍ଦ୍ର ସରକାର କୋର୍ଟକୁ କହିଥିଲେ । ଏହି ମାମଲାର ପରବର୍ତ୍ତୀ ଶୁଣାଣି ମେ ୫ ତାରିଖରେ ହେବ । ବିଧାନସଭାରୁ ପାରିତ ବିଲ୍ ଉପରେ ନିଷ୍ପତ୍ତି ନେବା ଲାଗି ରାଷ୍ଟ୍ରପତି ପାଇଁ ସୁପ୍ରିମକୋର୍ଟ ସମୟ ସୀମା ଧାର୍ଯ୍ୟ ଉପରେ ଉପରାଷ୍ଟ୍ରପତି ଆପତ୍ତି ଉଠାଇଥିଲେ । ନ୍ୟାୟପାଳିକା ପାଇଁ ସେ କଡ଼ା ଶବ୍ଦ ପ୍ରୟୋଗ କରି କହିଥିଲେ ଏଭଳି ସ୍ଥିତି ସୃଷ୍ଟି କରାଯାଇପାରିବ ନାହିଁ, ଯେଉଁଠି ରାଷ୍ଟ୍ରପତିଙ୍କୁ ସୁପ୍ରିମକୋର୍ଟ ନିର୍ଦ୍ଦେଶ ଦେବେ । ଏହାସହ ସେ କହିଥିଲେ ଯେ ସମ୍ବିଧାନର ଧାରା ୧୪୨, ଯାହା ସୁପ୍ରିମକୋର୍ଟଙ୍କୁ ସ୍ୱତନ୍ତ୍ର ଅଧିକାର ଦେଉଛି, ତାହା ବର୍ତ୍ତମାନ ସାମ୍ବିଧାନିକ ଶକ୍ତି ବିରୋଧରେ ନ୍ୟୁକ୍ଲିୟର ମିସାଇଲ୍ ପଲାଟିଛି । ନ୍ୟାୟପାଳିକା ପାଖରେ ଏହା ୨୪ଘଂଟ ଉପଲବ୍ଧ ରହିଛି । ଉପରାଷ୍ଟ୍ରପତି କହିଥିଲେ, ’ନିକଟରେ ଦିଆଯାଇଥିବା ରାୟରେ ରାଷ୍ଟ୍ରପତିଙ୍କୁ ନିର୍ଦ୍ଦେଶ ଦିଆଗଲା । ଆମେ କେଉଁ ଆଡ଼କୁ ଯାଉଛୁ ଦେଶରେ କ’ଣ ଚାଲିଛି ? ଆମକୁ ସମ୍ବେଦନଶୀଳ ହେବାକୁ ପଡ଼ିବ । ରାଷ୍ଟ୍ରପତିଙ୍କୁ ସମୟ ସୀମା ଭିତରେ ନିଷ୍ପତ୍ତି ନେବା ପାଇଁ କୁହାଯାଉଛି, ଆଉ ଯଦି ନୁହେଁ, ତେବେ ଆଇନ କରାଯାଉଛି । ଆମ ପାଖରେ ଏପରି ନ୍ୟାୟଧୀଶ ଅଛନ୍ତି, ଯେଉଁମାନେ ଆଇନ କରିବେ, କାର୍ଯ୍ୟପାଳିକାର କାର୍ଯ୍ୟ ଦେଖିବେ, ସୁପର-ସଂସଦ ଭାବେ କାମ କରିବେ ଓ କୌଣସି ଉତ୍ତରଦାୟୀ ମଧ୍ୟ ରହିବେ ନାହିଁ । କାରଣ ଦେଶର ଆଇନ ସେମାନଙ୍କ ଉପରେ ଲାଗୁ ହେଉ ନାହିଁ ।

୫.୮ ତୀବ୍ରତା ସହ ଥରିଲା ଆଫଗାନିସ୍ତାନ

ନୂଆଦିଲ୍ଲୀ,୧୯/୦୪(ନ୍ୟୁ.ଏ):ଆଫଗାନିସ୍ତାନରେ ଶକ୍ତିଶାଳୀ ଭୂମିକମ୍ପ । ରିକ୍ଟର ସ୍କେଲରେ ଏହାର ତୀବ୍ରତା ୫.୮ ରେକର୍ଡ କରାଯାଇଛି । ଭୂକମ୍ପ ପରେ ସ୍ଥାନୀୟ ଲୋକେ ଭୟଭୀତ ହୋଇଯାଇଛନ୍ତି । ଏହାର ତୀବ୍ରତା ଏତେ ଭୀଷଣ ଥିଲା ଯେ ଦିଲ୍ଲୀ-ଏନସିଆର୍ ପର୍ଯ୍ୟନ୍ତ ଝଟକା ଲାଗିଛି । ତେବେ ଏଯାଏଁ କ୍ଷୟକ୍ଷତିର କୌଣସି ସୂଚନା ମିଳିପାରିନାହିଁ । ନ୍ୟାଶନାଲ୍ ସେଣ୍ଟର ଫର୍ ସିସ୍ମୋଲୋଜି ଅନୁଯାୟୀ, ଶନିବାର ମଧ୍ୟାହ୍ନ ପ୍ରାୟ ୧୨ଟା ୧୭ ମିନିଟ୍ ଭୂମିକମ୍ପ ଝଟକା ଲାଗିଥିଲା । ଏହାର ତୀବ୍ରତା ରିକ୍ଟର ସ୍କେଲରେ ୫.୮ ରେକର୍ଡ କରାଯାଇଛି । ତେବେ ଭୂମିକମ୍ପର କେନ୍ଦ୍ରସ୍ଥଳ ୩୬.୧୦ ଡିଗ୍ରି ଉତ୍ତର ଅକ୍ଷାଂଶ ଓ ୭୧.୨୦ ଡିଗ୍ରି ପୂର୍ବ ଦ୍ରାଘିମାରେ ଏବଂ ଭୂପୃଷ୍ଠରୁ ପ୍ରାୟ ୧୩୦ କିଲୋମିଟର ଗଭୀରତାରେ ରହିଛି । ଭୂମିକମ୍ପର ଝଟକା ଭାରତରେ ମଧ୍ୟ ଅନୁଭୂତ ହୋଇଛି । ଜାମ୍ମୁ-କାଶ୍ମୀର ଓ ଦିଲ୍ଲୀ-ଏନସିଆର ଝଟକା ଲାଗିଛି । ଗତ ସପ୍ତାହରେ ମଧ୍ୟ ଆଫଗାନିସ୍ତାନରେ ଭୂମିକମ୍ପ ଅନୁଭୂତ ହୋଇଥିଲା । ଗତ ବୁଧବାର ୫.୬ ତୀବ୍ରତା ସହିତ ଶକ୍ତିଶାଳୀ ଭୂକମ୍ପ ଝଟକା ଲାଗିଥିଲେ । ଏହାର କେନ୍ଦ୍ରସ୍ଥଳ ପୂର୍ବ ବାଘଲାନରୁ ୧୬୪ କିଲୋମିଟର ଗଭୀରତାରେ ରହିଛି । ଦି ୟୁରୋପିଆନ୍-ମେଡିଟେରିନାନ୍ ସିସ୍ମୋଲୋଜିକାଲ୍ ସେଣ୍ଟର ପ୍ରଥମେ ୬.୪ ତ୍ରୀବତା ବିଶିଷ୍ଟ ଭୂମିକମ୍ପ ବୋଲି ଘୋଷଣା କରିଥିଲା । ପରେ ଏହାକୁ ପରିବର୍ତ୍ତନ କରି ୫.୬ ତୀବ୍ରତା ବୋଲି କହିଥିଲା । ଆଫଗାନିସ୍ତାନରେ ଭୂମିକମ୍ପ, ଭୂସ୍ଖଳନ ଓ ଋତୁକାଳୀନ ବନ୍ୟା ଭଳି ପ୍ରାକୃତିକ ବିପର୍ଯ୍ୟୟ ଲାଗି ରହୁଥିବାରୁ ଜାତିସଂଘର ମାନବ ବ୍ୟାପାର ସମନ୍ୱୟ କାର୍ଯ୍ୟାଳୟ ଏହି ସ୍ଥାନକୁ ଅତ୍ୟନ୍ତ ସମ୍ବେଦନଶୀଳ ସ୍ଥାନ ବୋଲି ଘୋଷଣା କରିଛି । ବାରମ୍ବାର ଭୂମିକମ୍ପ ଯୋଗୁ ଦୁର୍ବଳ ଶ୍ରେଣୀର ଲୋକେ ବିଶେଷ ଭାବେ ପ୍ରଭାବିତ ହେଉଛନ୍ତି । ବର୍ଷ ବର୍ଷ ଧରି ଜୀବନ ସହିତ ସଂଘର୍ଷ କରୁଛନ୍ତି । ରେଡକ୍ରସ୍ ଅନୁଯାୟୀ, ଆଫଗାନିସ୍ତାନରେ ଶକ୍ତିଶାଳୀ ଭୂମିକମ୍ପ ହେବାର ଏକ ଲମ୍ବା ଇତିହାସ ରହିଛି ।

ଚୀନ୍‌କୁ ହାତମୁଠାକୁ ଆଣିବାକୁ ଟ୍ରମ୍ପ ଖେଳିଲେ ନୂଆ ଚାଲ

ନୂଆଦିଲ୍ଲୀ,୧୯/୦୪(ନ୍ୟୁ.ଏ):ଚୀନ୍‌କୁ ହାତମୁଠାରେ ରଖିବାକୁ ଚାଲିଛି ସବୁ କସରତ । ପ୍ରତି ମୁହୂର୍ତ୍ତରେ ଲଗାଇ ଚାଲିଛନ୍ତି ନୂଆ ନୂଆ ନିୟମ । ଫୁଟାଇ ଚାଲିଛନ୍ତି ଗୋଟିଏ ପରେ ଗୋଟିଏ ଟାରିଫ୍ ୱାର୍ । ପୂର୍ବରୁ ଟାରିଫ୍ ପ୍ରତିଶତ ବୃଦ୍ଧି କରିଥିବାବେଳେ ଏବେ ନୂଆ ବନ୍ଦର ଶୁଳ୍କ ଲାଗୁ କରିବାକୁ ଘୋଷଣା କରିଛନ୍ତି ଆମେରିକାର ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ । ଯାହା ଜଣାପଡୁଛି ପୁଣି ଥରେ ଆମେରିକା ଓ ଚୀନ୍ ମଧ୍ୟରେ ବାଣିଜ୍ୟ ଉତ୍ତେଜନାକୁ ଆହୁରି ମାତ୍ରାରେ ବଢାଇ ଦେବ । ଆମେରିକା ବାଣିଜ୍ୟ ପ୍ରତିନିଧି (USTR) ଦ୍ୱାରା ପ୍ରକାଶିତ ଯୋଜନା ଅନୁଯାୟୀ, ଏହି ଟିକସ ଚୀନ୍ ଦ୍ୱାରା ମାଲିକାନା, ପରିଚାଳିତ କିମ୍ବା ନିର୍ମିତ ଜାହାଜ ଉପରେ ଲାଗୁ ହେବ । ଏହି ଯୋଜନା ଅନୁଯାୟୀ, ୧୪ ଅକ୍ଟୋବର, ୨୦୨୫ରୁ ଆରମ୍ଭ କରି ୨୦୨୮ ଏପ୍ରିଲ ପର୍ଯ୍ୟନ୍ତ ପର୍ଯ୍ୟାୟକ୍ରମେ ଟିକସ ବୃଦ୍ଧି କରାଯିବ । ପ୍ରାରମ୍ଭରେ, ଏହି ଟିକସ ପ୍ରତି ଟନ୍ ୫୦ ଡଲାର ହେବ । ଯାହା ପ୍ରତି ଟନ୍ ୧୪୦ ଡଲାରକୁ ବୃଦ୍ଧି ପାଇବ । ଏହା ସହିତ, ପ୍ରତି ପାତ୍ର ପାଇଁ ଟିକସ $୧୨୦ରୁ $୨୫୦ କୁ ବୃଦ୍ଧି ପାଇପାରେ । ରିପୋର୍ଟ ଅନୁଯାୟୀ, ଚୀନ୍ ବୈଦେଶିକ ମନ୍ତ୍ରଣାଳୟର ମୁଖପାତ୍ର ଲିନ୍ ଜିଆନ୍ ଏହି ନିଷ୍ପତ୍ତିକୁ ସମାଲୋଚନା କରିଛନ୍ତି । ସେ କହିଛନ୍ତି ଯେ ଏହି ପଦକ୍ଷେପ ବିଶ୍ୱ ଯୋଗାଣ ଶୃଙ୍ଖଳାରେ ବାଧା ସୃଷ୍ଟି କରିପାରେ । ଏହାସହ ଆମେରିକୀୟ ଗ୍ରାହକଙ୍କ ଉପରେ ମୁଦ୍ରାସ୍ଫୀତିର ବୋଝ ବୃଦ୍ଧି କରିପାରେ । ସେ କହିଥିଲେ ଯେ ଏହି ନୀତି ଆମେରିକାରେ ଜାହାଜ ନିର୍ମାଣ ଶିଳ୍ପକୁ ପୁନର୍ଜୀବିତ କରିବାରେ ସଫଳ ହେବ ନାହିଁ । USTRର ଯୋଜନା ଅନୁଯାୟୀ, ପ୍ରତ୍ୟେକ ଜାହାଜରୁ ବର୍ଷକୁ ସର୍ବାଧିକ ପାଂଚ ଥର ଟିକସ ଆଦାୟ କରାଯିବ । ଜାହାଜଟି ପ୍ରଥମେ ଆମେରିକାରେ ପ୍ରବେଶ କରୁଥିବା ବନ୍ଦରରେ ଟିକସ ସଂଗ୍ରହ କରାଯିବ । ଯାହା ଫଳରେ ଛୋଟ ବନ୍ଦରଗୁଡ଼ିକୁ ବାଇପାସ୍ କରାଯାଇପାରିବ ନାହିଁ । ବିଶେଷଜ୍ଞମାନେ ବିଶ୍ୱାସ କରନ୍ତି ଯେ ଏହି ନୀତି COSCO ଏବଂ OOCL ଭଳି ପ୍ରମୁଖ ଚୀନ୍ ଜାହାଜ କମ୍ପାନୀଗୁଡ଼ିକ ଉପରେ ସର୍ବାଧିକ ପ୍ରଭାବ ପକାଇବ ।

ବ୍ୟାପକ ସୃଜନଶୀଳ ସମାଧାନ ପାଇଁ ନିର୍ମାତା, କ୍ରେତା ଏବଂ ବଜାର ମଧ୍ୟରେ ଏକ ବିଶ୍ୱ ସଂଯୋଗକାରୀ ଭାବରେ ଉଭା ହୋଇଛି ୱେଭ୍ସ: କେନ୍ଦ୍ର ମନ୍ତ୍ରୀ

ନୂଆଦିଲ୍ଲୀ,୧୯/୦୪(ପିଆଇବି):କ୍ରିଏଟର୍ ବା ନିର୍ମାତାଙ୍କ ଦୁନିଆ ଏବଂ ସେମାନଙ୍କର ଅର୍ଥବ୍ୟବସ୍ଥା ଏକ ମୌଳିକ ପରିବର୍ତ୍ତନ ଦେଇ ଗତି କରୁଛି । ମଇ ୧ରୁ ୪ ତାରିଖ ପର୍ଯ୍ୟନ୍ତ ମୁମ୍ବାଇରେ ଆୟୋଜିତ ହେବାକୁ ଥିବା ପ୍ରଥମ ବିଶ୍ୱ ଅଡିଓ ଭିଜୁଆଲ୍ ଏବଂ ମନୋରଞ୍ଜନ ସମ୍ମିଳନୀ ପୂର୍ବରୁ କେନ୍ଦ୍ର ସୂଚନା ଏବଂ ପ୍ରସାରଣ ମନ୍ତ୍ରୀ ଶ୍ରୀ ଅଶ୍ୱିନୀ ବୈଷ୍ଣବ ଆଜି ବିଭିନ୍ନ ସମାଚାର ଗଣମାଧ୍ୟମ ପ୍ରତିନିଧିଙ୍କ ସହ ଆଲୋଚନା କରି ଏହା କହିଛନ୍ତି । ଏହି ଆଲୋଚନାରେ ଜାତୀୟ ତଥା ଆଂଚଳିକ ସମ୍ବାଦ ଗଣମାଧ୍ୟମର ପ୍ରାୟ ୨୫ଟି ଗଣମାଧ୍ୟମ ସଂସ୍ଥାର ପ୍ରମୁଖ ବ୍ୟକ୍ତିବିଶେଷ ଯୋଗ ଦେଇଥିଲେ । ଓଡ଼ିଶାରୁ ସମ୍ବାଦର ସମ୍ପାଦକ ତନୟା ପଟ୍ଟନାୟକ ଏହି ଆଲୋଚନାରେ ଉପସ୍ଥିତ ଥିଲେ । ବର୍ତ୍ତମାନ ଦେଖାଦେଇଥିବା ଆହ୍ୱାନଗୁଡ଼ିକ ଉପରେ କେନ୍ଦ୍ର ମନ୍ତ୍ରୀ କହିଥିଲେ ଯେ, ପ୍ରଯୁକ୍ତିର ଆଗମନ ସହିତ ପୁରୁଣା ମଡେଲ ନୂତନ ମଡେଲକୁ ବାଟ ଦେଖାଉଛି, ସୁଯୋଗ ସୃଷ୍ଟି କରିବା ସହିତ ଆହ୍ୱାନ ମଧ୍ୟ ସୃଷ୍ଟି କରୁଛି । ଗଣମାଧ୍ୟମ ଜଗତର ସ୍ୱରୂପ ବଦଳୁଛି ବୋଲି ସେ କହିଛନ୍ତି ଏବଂ ନୂତନ ମଡେଲକୁ ପ୍ରତିକ୍ରିୟା ଦେବା ପାଇଁ ଏକ ଦେଶ ଭାବରେ ସାମୂହିକ ଆବଶ୍ୟକତା ଉପରେ ଗୁରୁତ୍ୱାରୋପ କରିଛନ୍ତି । ଏକ ଉଦାହରଣ ଦେଇ ସେ କହିଛନ୍ତି ଯେ ଅତୀତରେ କୌଣସି ବିଷୟବସ୍ତୁ ବା କଣ୍ଟେଣ୍ଟ ସୃଷ୍ଟି କରିବା ପାଇଁ ଏକ ବଡ଼ ଷ୍ଟୁଡିଓର ଆବଶ୍ୟକତା ଥିଲା । ଆଜି ଝାଡ଼ଖଣ୍ଡ କିମ୍ବା କେରଳର ଏକ ଦୁର୍ଗମ ଗାଁର ଜଣେ ନିର୍ମାତା ଭଲ ଗୁଣବତ୍ତାର କଣ୍ଟେଣ୍ଟ ସୃଷ୍ଟି କରିପାରିବେ ଏବଂ ଲକ୍ଷ ଲକ୍ଷ ଦର୍ଶକଙ୍କ ଆଦୃତି ପାଇପାରିବେ । ସେ ଉଲ୍ଲେଖ କରିଥିଲେ ଯେ ନିର୍ମାତାଙ୍କ ଅର୍ଥବ୍ୟବସ୍ଥା ଦ୍ରୁତ ଗତିରେ ବୃଦ୍ଧି ପାଉଛି । କେନ୍ଦ୍ର ମନ୍ତ୍ରୀ କହିଥିଲେ ଯେ ଆମର ଦୂରଦୃଷ୍ଟିସମ୍ପନ୍ନ ପ୍ରଧାନମନ୍ତ୍ରୀ ବିଶ୍ୱ ସ୍ତରରେ ଭାରତର ସଫ୍ଟ ପାୱାରକୁ ପ୍ରୋତ୍ସାହିତ କରି ଅର୍ଥବ୍ୟବସ୍ଥାରେ ନିର୍ମାତାଙ୍କ କାର୍ଯ୍ୟ ଏବଂ ସେମାନଙ୍କ ଅବଦାନକୁ ସ୍ୱୀକାର କରିଛନ୍ତି । ଡାଭୋସ୍ ଯେପରି ଆର୍ଥିକ ନୀତି ପାଇଁ ଏକ ବିଶ୍ୱସ୍ତରୀୟ ମଂଚ ଭାବେ କାର୍ଯ୍ୟ କରୁଛି, ସେହିପରି ୱେଭସ୍ ମଧ୍ୟ ଗଣମାଧ୍ୟମ ଓ ମନୋରଞ୍ଜନ ପାଇଁ ନିଜକୁ ଏକ ବିଶ୍ୱସ୍ତରୀୟ ମଂଚ ଭାବେ ବିକଶିତ କରିବାକୁ ଚାହୁଁଛି ବୋଲି ସେ କହିଥିଲେ । ୱେଭ୍ସ ୨୦୨୫ ପାଇଁ ୧ ଲକ୍ଷରୁ ଅଧିକ ପଞ୍ଜୀକରଣ ସହିତ ଭାରତର ସୃଜନଶୀଳ ଅର୍ଥବ୍ୟବସ୍ଥାକୁ ବିପୁଳ ପ୍ରୋତ୍ସାହନ ମିଳିଛି । ବିକଶିତ ହେଉଥିବା ବୈଶ୍ୱିକ ଗଣମାଧ୍ୟମ ଏବଂ ମନୋରଞ୍ଜନ ପରିଦୃଶ୍ୟରେ ସେମାନଙ୍କ ଅବଦାନକୁ ପାଳନ କରି ଶ୍ରେଷ୍ଠ ଭାବକମାନଙ୍କୁ ପୁରସ୍କାର ପ୍ରଦାନ କରାଯିବ ।

ବଦଳିବ ମହାରାଷ୍ଟ୍ର ରାଜନୀତିର ଦୃଶ୍ୟପଟ୍ଟ

ମୁମ୍ବାଇ,୧୯/୦୪(ନ୍ୟୁ.ଏ):ବଦଳିବ ମହାରାଷ୍ଟ୍ର ରାଜନୀତିର ଦୃଶ୍ୟପଟ୍ଟ । କଣ ମହାରାଷ୍ଟ୍ର ରାଜନୀତିରେ ଦଶନ୍ଧି ଧରି ଛାଇ ହୋଇ ରହିଥିବା ଠାକରେ ପରିବାରର ଏକତା ହେବାକୁ ଯାଉଛି ? କଣ ରାଜ ଠାକରେ ଓ ଉଦ୍ଧବ ଠାକରେ ଏକାଠି ଆସିବେ । ମରାଠି ଭାଷା ଓ ମହାରାଷ୍ଟ୍ରର ଅସ୍ମିତା ନାମରେ ଯେମିତି ଆଭିମୁଖ୍ୟ ଦେଖାଇଛନ୍ତି, ତାହା ଦେଖି ଚର୍ଚ୍ଚା ଆରମ୍ଭ ହୋଇ ଯାଇଛି ଦୁଇ ଠାକରେ ପୁଣି ଏକାଠି ହେବାକୁ ଯାଉଛନ୍ତି । କେବଳ ଏତିକି ନୁହେଁ ଶନିବାର ଦୁଇ ନେତା ଅଲଗା ଅଲଗା ଜାଗାରେ କହିଛନ୍ତି ମହାରାଷ୍ଟ୍ର ଓ ମରାଠି ଲୋକଙ୍କ ହିତ ପାଇଁ ସେମାନେ ନିଜର ମତଭେଦ ଭୁଲି ଏକାଠି ଆସି ପାରିବେ । ଶନିବାର ମହାରାଷ୍ଟ୍ର ନବ ନିର୍ମାଣ ସେନାର ପ୍ରମୁଖ ରାଜ ଠାକରେଙ୍କ ଏକ ପୋଡକାଷ୍ଟ ରିଲିଜ୍ ହୋଇଛି । ଏଥିରେ ସେ ମହେଶ ମାଞ୍ଜରେକରଙ୍କ ସହ ଆଲୋଚନା କରିଛନ୍ତି, ଯିଏ ମୂଳତଃ ମରାଠି ଫିଲ୍ମର ନିର୍ମାତା । ମଞ୍ଜରେକରଙ୍କ ଏକ ପ୍ରଶ୍ନର ଉତ୍ତର ଦେଇ ରାଜ ଠାକରେ କହିଛନ୍ତି, ମହାରାଷ୍ଟ୍ରର ହିତରେ ଛୋଟ ମୋଟ ମତଭେଦକୁ ଭୁଲିବାକୁ ପ୍ରସ୍ତୁତ ଏବଂ ସେ ଉଦ୍ଧବ ଠାକରେଙ୍କ ସହ କାମ କରି ପାରନ୍ତି । ଏହା ଉପରେ ଉଦ୍ଧବ ଠାକରେ ଶିବସେନାର ଟ୍ରେଡ ୟୁନିୟନ ଭାରତୀୟ ଶ୍ରମିକ ସେନାର ଏକ ଆୟୋଜନରେ ନିଜର ମତ ରଖିଛନ୍ତି । ସେ କହିଛନ୍ତି, ମରାଠି ଓ ମହାରାଷ୍ଟ୍ରର ହିତରେ ସମସ୍ତ ମତଭେଦ ଭୁଲିବା ପାଇଁ ପ୍ରସ୍ତୁତ । ମାତ୍ର ଉଦ୍ଧବ ଏଠାରେ ଗୋଟିଏ ସର୍ତ୍ତ ରଖିଛନ୍ତି । ସେ କହିଛନ୍ତି ଠାକରେଙ୍କୁ ପ୍ରତିଶ୍ରୁତି ଦେବାକୁ ପଡ଼ିବ ଯେ, ସେ ଏମିତି କୌଣସି ଦଳ ସହ ମିଶିବେନି ଯିଏ ମହାରାଷ୍ଟ୍ର ବିରୋଧୀ । ମାଞ୍ଜରେକର ରାଜ ଠାକରେଙ୍କୁ ପ୍ରଶ୍ନ କରିଥିଲେ ଯେ, କଣ ଦୁଇ ଠାକରେ ବନ୍ଧୁ ଏକାଠି ଆସି ପାରିବେ । ଏହା ଉପରେ ରାଜ ଠାକରେ କହିଥିଲେ, ମୋ ପାଇଁ ମହାରାଷ୍ଟ୍ରର ହିତ ସବୁଠୁ ଗୁରୁତ୍ୱପୂର୍ଣ୍ଣ । ଏହା ପରେ ହିଁ ଅନ୍ୟ କିଛି ରହିଛି । ଏଥିପାଇଁ ମୁଁ କୌଣସି ମତଭେଦ ଭୁଲି ଉଦ୍ଧବ ଠାକରେଙ୍କ ସହ କାମ କରିବା ପାଇଁ ପ୍ରସ୍ତୁତ । ଏହା ଉପରେ ଉଦ୍ଧବ ଠାକରେ ତୁରନ୍ତ ଜବାବ ଦେଇଛନ୍ତି । ସେ କହିଛନ୍ତି, ମୁଁ ରାଜ ଠାକରେଙ୍କ ସହ ମିଶିବାକୁ ପ୍ରସ୍ତୁତ । ମରାଠି ଓ ମହାରାଷ୍ଟ୍ରର ହିତ ପାଇଁ ଆମେ ପ୍ରସ୍ତୁତ । ମାତ୍ର ରାଜ ଠାକରେଙ୍କୁ ଏହା କହିବାକୁ ପଡ଼ିବ ଯେ, ମହାରାଷ୍ଟ୍ର ବିରୋଧୀ ଲୋକଙ୍କ ସହିତ ମିଶିବେ ନାହିଁ । ସେମାନଙ୍କ ସହ ଯିବେନି । ରାଜ ଠାକରେଙ୍କୁ ଏମିତି ଶପଥ ଛତ୍ରପତି ଶିବାଜୀ ମହାରାଜଙ୍କ ପ୍ରତୀମା ସାମ୍ନାରେ କରିବାକୁ ପଡ଼ିବ । ସୂଚନାଯୋଗ୍ୟ, ଗତ କିଛି ମାସ ହେବ ଅନେକ ବିବାହ ସମାରୋହ ଓ ଆୟୋଜନରେ ଉଦ୍ଧବ ଓ ରାଜ ଠାକରେ ସାମ୍ନା ସାମ୍ନି ହୋଇଛନ୍ତି । ଏହି ସମୟରେ ଉଭୟ କଥା ମଧ୍ୟ ହୋଇଛନ୍ତି । ତେବେଠୁ କଳ୍ପନା ଜଳ୍ପନା ଆରମ୍ଭ ହୋଇ ଯାଇଛି ଉଦ୍ଧବ ଓ ରାଜ ଠାକରେ ଏକାଠି ଆସି ପାରନ୍ତି ।

Printer & Publisher Deepak Kumar Das, Printed at Omkar Offset, Nayabazar, Balasore-1, Odisha, Published from Hyphen Publication, Nayabazar, Balasore-1, Odisha.
Phone & Fax : 06782-266998, Mobile : 9438600886, E-mail : seithuarambha@gmail.com
ସଂପାଦକ : ଶୁଭେନ୍ଦୁ ଦାସ
Editor : Subhendu Das